ବର୍ଷ-୨୫, ସଂଖ୍ୟା-୧୯୧
ଭୁବନେଶ୍ୱର
୧୮, ଜୁଲାଇ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 191
Bhubaneswar
18, July, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ପୁଣି ଥରେ ମା' ହେବେ କରାନୀ



# ରାଜ୍ୟବ୍ୟାପୀ ଚକାଜାମ୍, ଯାତ୍ରୀ ହନ୍ତସନ୍ତ





ଭୁବନେଶ୍ୱର,୧୭।୭(ମହାଭାରତ): ବାଲେଶ୍ୱରର ଫକୀର ମୋହନ୍ ଅଟୋନୋମସ୍ କଲେଜ୍ (ଏଫଏମ୍ କଲେଜ୍)ର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପ୍ରତିବାଦରେ କଂଗ୍ରେସ୍ ଦ୍ୱାରା ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ ଓ ସଫଳ ହୋଇଥିବା କଂଗ୍ରେସ ଦାବି କରିଛି। କାଁ ଭାଁ ଉତ୍ତେଜନାକୁ ଛାଡ଼ିଦେଲେ ପ୍ରାୟ ସବୁ ସ୍ଥାନରେ ଶାନ୍ତିପୂର୍ଣ୍ଣ ହୋଇଛି ବନ୍ଦ ଡାକରା। ଏହି ୧୨ ଘଣ୍ଟିଆ ବନ୍ଦ ଡାକରାରେ ଜନସାଧାରଣ ନାହିଁନଥିବା ହଇରାଣ ହୋଇଛନ୍ତି ଓ କୋଟି କୋଟି ଟଙ୍କାର ବ୍ୟବସାୟ କ୍ଷୟକ୍ଷତି ଘଟିଛି। ବସ୍ ଷ୍ଟାଣ୍ଡରେ ଯାତ୍ରୀମାନେ ବସ୍ ନ ପାଇ ଚାଲି ଚାଲି ଯାଉଥିବାର ଦେଖାଯାଇଥିଲା। ବନ୍ଦ ପାଳନ ସକାଳ ୬ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ସରିଥିଲା। ବନ୍ଦ ପାଇଁ ସଡ଼କ ଓ ରେଳ ଯାତାୟାତ ସଂପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା ଏବଂ ବିଭିନ୍ନ ଜିଲ୍ଲାରେ ବିଦ୍ୟାଳୟ, କଲେଜ ଓ ବ୍ୟାବସାୟିକ ପ୍ରତିଷ୍ଠାନଗୁଡିକୁ ବନ୍ଦ ରହିଥିଲା। ୬ଟା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିବାବେଳେ ଦୋକାନ ବଜାର ଖୋଲିଥିଲା।

କଂଗ୍ରେସ୍ କାର୍ଯ୍ୟକର୍ତ୍ତା ଓ ସହଯୋଗୀ ଦଳର ସଦସ୍ୟମାନେ ପ୍ରମୁଖ ଛକ ଓ )ସଡ଼କରେ ଧରଣା-ପ୍ରଦର୍ଶନ କରିଛନ୍ତି ଏବଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି, ଯାହାର ପରିଣାମସ୍ୱରୂପ ଅନେକ ସହରରେ ଯାତାୟାତ ଠପ୍ ହୋଇପଡିଥିଲା ଏବଂ ଗାଡ଼ି ଚଳାଚଳ ପ୍ରାୟ ବନ୍ଦ ରିହଥିଲା। ବାଲେଶ୍ୱର, ଭୁବନେଶ୍ୱର, କଟକ ଓ ସମ୍ବଲପୁର ସହିତ ଅନ୍ୟାନ୍ୟ ପ୍ରମୁଖ ସହରରେ ବିକ୍ଷୋଭକାରୀମାନେ ରେଳ ଧାରଣା ଉପରେ ମଧ୍ୟ ଅବରୋଧ କରିଥିଲେ, ଯାହା ଫଳରେ ଅନେକ ଯାତ୍ରୀ ଓ ଏକ୍ସପ୍ରେସ୍ ଟ୍ରେନ୍‌ର ଗତିବିଧି ପ୍ରଭାବିତ ହୋଇଛି। 'ରେଳ ରୋକୋ' ଆନ୍ଦୋଳନ ଦ୍ୱାରା ହଜାର ହଜାର ଯାତ୍ରୀ ସମସ୍ୟାରେ ପଡିଛନ୍ତି ।

ବନ୍ଦକୁ ସମର୍ଥନ ଜଣାଇ ଦୋକାନ, ବଜାର ଓ ବେସରକାରି ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବନ୍ଦ ରହିଥିଲା। ବେସରକାରି ଶିକ୍ଷାନୁଷ୍ଠାନଗୁଡିକ ସାବଧାନତା ସୂଚକ ଭାବେ କ୍ଲାସ ବାତିଲ କରିଛନ୍ତି। ହେଲେ, ଜରୁରୀକାଳୀନ ସେବାଗୁଡିକୁ ବନ୍ଦରୁ ବାଦ ଦିଆଯାଇଛି । ଔଷଧ ଦୋକାନ, ହସ୍ପିଟାଲ, ଆମ୍ବୁଲାନ୍ସ ସେବା ଓ ଅନ୍ୟାନ୍ୟ ଆବଶ୍ୟକ ସେବାଗୁଡିକ ସାଧାରଣ ଭାବେ ଜାରି ରହିଥିଲା।

ପୂର୍ବ ନିଷ୍ପତ୍ତି କ୍ରମେ କଂଗ୍ରେସ ତରଫରୁ ଡାକରା ଦିଆଯାଇଥିବା ଏହି ଆନ୍ଦୋଳନ ସକାଳ ୬ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜାରି ରହିଥିଲା। ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ଛକରେ କଂଗ୍ରେସ ପକ୍ଷରୁ ଜୋରଦାର ପିକେଟିଂ କରାଯାଇଥିଲା। ମାଷ୍ଟର କ୍ୟାଣ୍ଟିନ ଛକ, ଜୟଦେବ ବିହାର ଛକ, ଆଚାର୍ଯ୍ୟ ବିହାର ଛକ ସମେତ ଅନ୍ୟ ପ୍ରମୁଖ ଛକରେ କଂଗ୍ରେସକର୍ମୀମାନେ ପିକେଟିଂ କରିବା ସହିତ ଟାୟାର ଜାଳି ରାସ୍ତା ରୋକ କରିଥିଲେ। ଫଳରେ ଶହ ଶହ ଗାଡ଼ି ରାସ୍ତାରେ ଅଟକି ରହିଥିବା ଦେଖାଯାଇଥିଲା। ଛାତ୍ର କଂଗ୍ରେସ ସହ ଅନ୍ୟାନ୍ୟ ବିରୋଧୀ ଦଳ ଗୁଡିକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ଛାତ୍ର କଂଗ୍ରେସର ନେତାଙ୍କୁ ଗିରଫ କରିଥିଲା। ରେଳବାଇ ପୁଲିସ ପୁରୀରେ ବିରୋଧୀ ଦଳର କର୍ମୀମାନଙ୍କୁ ରେଳ ଟ୍ରାକରୁ ହଟାଇ ଦେଇଥିଲେ। ମୟୂରଭଞ୍ଜରେ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରତିବାଦ ଜଣାଇ ରାସ୍ତାରେ ଟାୟାର ଜଳାଇ ରାଜନେତିକ ଦଳଙ୍କ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ରାସ୍ତାରେ ରାଜନେତିକ ଦଳରକର୍ମୀମାନେ ପିକେଟିଂ କରୁଛନ୍ତି। ଫଳରେ ସାଧାରଣ ଜୀବନଯାତ୍ରା ବିପର୍ଯ୍ୟନ୍ତ ହୋଇ ପଡ଼ିଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ବ୍ଲକର ବିଶ୍ୱନାଥପୁର ସ୍ଥିତ ବିଜେପୁର ଛକ, ଲାଞ୍ଜିଗଡ ବଜାର ଛକ,ଲାଞ୍ଜିଗଡ ବେଦାନ୍ତ କମ୍ପାନୀର ମୁଖ୍ୟ ଗେଟ, ଜଗନ୍ନାଥ ପୁର ଛକ, ଛତ୍ରପୁର ପଞ୍ଚାୟତ ମସ୍କା ପଦର ଛକ,ଲାଞ୍ଜି ପଞ୍ଚାୟତ ମୂଷାନାଳ ଛକ,ବସନ୍ତ ପଡା ଛକ, ବେନଗାଁ ଛକ,ଲାଖବାହିଲି ଛକର ସମସ୍ତ ପ୍ରବେଶ ପଥ ବନ୍ଦ କରାଯାଇଥିଲା। ଏହା ସହ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, ଦୋକାନ ବଜାର, ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା।

ସୁନ୍ଦରଗଡ଼ରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ବନ୍ଦ ପାଳନ ବେଳେ ରାଜ୍ୟ ରାଜପଥ ୧୦ ନମ୍ବରକୁ ଅବରୋଧ କରିବା ସହ ସୁନ୍ଦରଗଡ଼ ସହରକୁ ତିନୋଟି ପ୍ରବେଶ ପଥ ରାଣୀ ବଗିଚା ବାଇପାସ୍, କଲେଜ ବାଇପାସ୍ ଏବଂ ପୁରୁଣା ଟୋଲ ଗେଟ କିରେଇ ନିକଟରେ ଟାୟାର ଜାଳି ପ୍ରବେଶ ପଥ ବନ୍ଦ କରାଯାଇଥିଲା। ଏହା ସହ ସହର ର ସମସ୍ତ ଶିକ୍ଷାନୁଷ୍ଠାନ, ଦୋକାନ ବଜାର, ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ସୁନ୍ଦରଗଡ଼ର ସମସ୍ତ ଜନସାଧାରଣ, ସମସ୍ତ ବ୍ୟବ ସାୟିକ ଅନୁଷ୍ଠାନ, ସମସ୍ତ ସରକାରୀ ଓ ବେସରକାରୀ ଓ କେନ୍ଦ୍ର ସରକାର ଙ୍କ କାର୍ଯ୍ୟାଳୟ, ସମସ୍ତ ଶିକ୍ଷା ଅନୁଷ୍ଠାନ, ସମସ୍ତ ପ୍ରକାର ର ଯାନବାହାନ,ଦୋକାନ, ବଜାର ବନ୍ଦ ରହଥିଲା। ଏହି ବନ୍ଦ ପାଳନରେ ଅତ୍ୟାବଶ୍ୟକ ଜରୁରୀ ସେବା କୁ ବାଦ ଦିଆଯାଇଛି । ତେବେ ବାହାର କିଛି ଯାତ୍ରୀ ବନ୍ଦ ପାଳନକୁ ଜାଣି ନପାରି ଆସି ଯାଇଥିବାରୁ ବନ୍ଦ ପାଳନରେ ଫସି ଯାଇଥିଲେ।

## ପଞ୍ଚାୟତ ପ୍ରତିନିଧିଙ୍କୁ ସହାୟତା

ଭୁବନେଶ୍ୱର,୧୭।୭(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ପଂଚାୟତ ପ୍ରତିନିଧି ମାନଙ୍କ ପାଇଁ କାର୍ଯ୍ୟଅବଧି ସମୟରେ ମୃତ୍ୟୁ କିମ୍ବା ଅକ୍ଷମତା ଘଟିଲେ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛନ୍ତି।

ନିଷ୍ପତ୍ତି ଅନୁଯାୟୀ ପଞ୍ଚାୟତିରାଜ ବ୍ୟବସ୍ଥାରେ କାର୍ଯ୍ୟରତ ୱାର୍ଡ ମେମ୍ବରଙ୍କଠୁ ଆରମ୍ଭ କରି ଜିଲ୍ଲା ପରିଷଦ ସଭାପତିଙ୍କ ପର୍ଯ୍ୟନ୍ତ ସମସ୍ତେ ଏଥିରେ ଅନ୍ତର୍ଭୁକ୍ତ ହେବେ। ପଂଚାୟତ ପ୍ରତିନିଧି ମାନଙ୍କ କାର୍ଯ୍ୟଅବଧି ସମୟରେ କୌଣସି କାରଣରୁ ମୃତ୍ୟୁ ଘଟିଲେ ତାଙ୍କର ନିକଟତମ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଅନୁ କମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯିବ, ସେହିଭଳି ଉଭୟ ଆଖି, ହାତ କିମ୍ବା ଗୋଡ ନଷ୍ଟ ହେଲେ ସମ୍ପୃକ୍ତ ପଂଚାୟତ ପ୍ରତିନିଧିଙ୍କୁ ୨ ଲକ୍ଷ ଟଙ୍କା ଏବଂ ଯଦି ଗୋଟିଏ ଆଖି କିମ୍ବା ଗୋଟିଏ ହାତ କିମ୍ବା ଗୋଡ ନଷ୍ଟ ହୁଏ ତେବେ ତାଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ।

ସାମ୍ବିଧାନିକ ବ୍ୟବସ୍ଥାରେ ପଂଚାୟତ ପ୍ରତିନିଧି ମାନେ ହେଉଛନ୍ତି ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧି। ସେମାନେ ସିଧାସଳଖ ଲୋକଙ୍କ ସହ ଯୋଡିହୋଇ ରହିଥାନ୍ତି। ଲୋକଙ୍କ ସୁବିଧା ଅସୁବିଧାରେ ସେମାନଙ୍କୁ ସହାୟତା କରନ୍ତି। ଗ୍ରାମାଂଚଳ ବିକାଶରେ ସେମାନଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରହିଥାଏ। କିନ୍ତୁ, ସେମାନଙ୍କ କ୍ଷେତ୍ରରେ କୌଣସି ଦୁର୍ଘଟଣା ଘଟିଲେ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## କ୍ରାଇମ୍‌ବ୍ରାଞ୍ଚ ଟିମ୍‌ର ଖୋଳତାଡ଼

**ଭୁବନେଶ୍ୱର,୧୭।୭(ମହାଭାରତ):** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି ରାଜ୍ୟ ସରକାର। କ୍ରାଇମ ବ୍ରାଞ୍ଚ ଟିମ୍ ଆଜି କଲେଜରେ ପରିସରକୁ ଯାଇ ଘଟଣା ସ୍ଥଳ ପରିଦର୍ଶନ କରିବା ସହ କିଛି କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରିଛି। ଏହା ମଧ୍ୟରେ ଆସନ୍ତାକାଲି ବାଲେଶ୍ୱର ଯିବ ଉଚ୍ଚଶିକ୍ଷା ବିଭାଗର ଟିମ୍। ଘଟଣାକୁ ନେଇ ଗଠିତ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗସ୍ତ କରିବ। ତେଣୁ ଆଭ୍ୟନ୍ତରୀଣ କମିଟି ସଦସ୍ୟଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜୁଲାଇ ୧୩ରେ ଅନ୍ତରୀଣ ରିପୋର୍ଟ ପ୍ରସ୍ତୁତ କରିଥିଲା ଆଭ୍ୟନ୍ତରୀଣ ଟିମ୍। ସେହିପରି ଅଧ୍ୟାପକଙ୍କ ବିରୋଧରେ ଏବେ ସାଂଘାତିକ ଅଭିଯୋଗମାନ ଆସିଲାଣି।



ରାଜ୍ୟ ସରକାର ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଆଜି ବିଧିବଦ୍ଧ ତଦନ୍ତ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ ଟିମ୍। ବାଲେଶ୍ୱର ଏବଂ କଟକ ଉଭୟ ସ୍ଥାନରେ ଦୁଇଟି ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ଏଫ ଏମ କଲେ କ୍ୟାମ୍ପସରେ ପହଞ୍ଚିଥିଲେ କ୍ରାଇମବ୍ରାଞ୍ଚ ସିଏଡବ୍ଲୁ ଓ ସିଡବ୍ଲୁ ଆଇଜି ଏସ ସାଇନି ଏବଂ ତଦନ୍ତକାରୀ ଅଧିକାରୀ ଡିଏସପି ଇମନ କଲ୍ୟାଣ ଏଫଏମ କଲେଜ ପରିସରକୁ ଯାଇ ସାଢ଼େ ୩ ଘଣ୍ଟା ତଦନ୍ତ କରିଛନ୍ତି। ସେଠାରେ କେଉଁ ପରିସ୍ଥିତିରେ ଛାତ୍ରୀଙ୍କ ଜଣଙ୍କ ଦେହରେ ନିଆଁ ଲାଗିଲା ତାହାର ଅନୁଧ୍ୟାନ କରିଛନ୍ତି। କିଛି କର୍ମଚାରୀ ଓ ଛାତ୍ରୀଙ୍କୁ ପଚରା ଉଚରା କରିଛି। ଘଟଣାର ନିରପେକ୍ଷ ତଦନ୍ତ ହେବ ବୋଲି କ୍ରାଇମବ୍ରାଞ୍ଚ ଆଇଜି ଏସ ସାଇନି କହିଛନ୍ତି। ସେହିପରି କ୍ରାଇମବ୍ରାଞ୍ଚ ଟିମ୍ ମଧ୍ୟ କଟକରେ ଚିକିତ୍ସାଧୀନ ଥିବା ଛାତ୍ର ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ ପଚରାଉଚରା କରିଛି। ଜ୍ୟୋତି ପ୍ରକାଶ ପୀଡ଼ିତା ଛାତ୍ରୀଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରି ଆହତ ହୋଇଥିଲେ ଏବଂ ସେ ଏବେ ଏସସିବିରେ ଚିକିତ୍ସାଧୀନ ଅଛନ୍ତି। କଟକ ଏସସିବି ମେଡିକାଲରେ ତିନି ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ଜ୍ୟୋତି ପ୍ରକାଶ ତାଙ୍କ ମା ଏବଂ ଡାକ୍ତରଙ୍କୁ ପଚରା ଉଚରା କରିଛି।

ଜ୍ୟୋତିପ୍ରକାଶଙ୍କ କହିବାନୁସାରେ, ସେଦିନ ସେ ବିଜ୍ଞାନ ଭବନ ଆଡ଼େ ଯାଉଥିଲେ। ତାଙ୍କ ସାମ୍ନାରେ ସୌମ୍ୟାଶ୍ରୀ ଜଳିଯାଉଥିଲେ। ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବା ଭିତରେ ସାର୍ଟରେ ନିଆଁ ଲାଗିଯାଇଥିଲା। ନିଜ ସାର୍ଟ ଖୋଲି ସୌମ୍ୟାଶ୍ରୀଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। କିଛି ସମୟ ଭିତରେ ପାଖରେ ଥିବା ଅନ୍ୟ ଛାତ୍ରୀଛାତ୍ର ଆସି ସାହାଯ୍ୟ କରିଥିଲେ। ପରେ ସେ ନିଜେ ପୋଡ଼ି ଯାଇଥିବା ଜାଣିଥିଲେ। ତାଙ୍କର ଜଣେ ମାମୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ବୋଲି ଜ୍ୟୋତିପ୍ରକାଶ କହିଛନ୍ତି।

ଏହି ସମୟରେ ଏକ ବଡ଼ ନିଷ୍ପତ୍ତି ନେଇଛି ଉଚ୍ଚଶିକ୍ଷା ବିଭାଗ ଆସନ୍ତାକାଲି ବାଲେଶ୍ୱର ଯିବ ଉଚ୍ଚଶିକ୍ଷା ବିଭାଗର ଉଚ୍ଚ ସ୍ତରୀୟ କମିଟି । କଲେଜ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ କରିବ। ୧୮ ଓ ୧୯ ତାରିଖ କମିଟି ତଦନ୍ତ କରିବ ବୋଲି ଜଣାପଡିଛି। ଏଫଏମ କଲେଜରେ ହାଜର ପାଇଁ ବାଲେଶ୍ୱର ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶ ଦେଇଛି। ଆହତ ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ ଛାଡ଼ି ଅନ୍ୟ ୯ ଜଣଙ୍କୁ ହାଜର ନିର୍ଦ୍ଦେଶ ହୋଇଛି।

## ଡବଲ ଇଞ୍ଜିନ ସରକାରରେ ଓଡ଼ିଶାବାସୀଙ୍କୁ ମିଳିବ ସୁଶାସନ

ଭୁବନେଶ୍ୱର,୧୭।୭(ମହାଭାରତ): ସୁଶାସନ କିଛି ଲୋକଙ୍କର ବିଶେଷାଧିକାର ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ହକ୍ ଏବଂ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ଗମ୍ଭୀର କର୍ତ୍ତବ୍ୟ ବୋଲି ଭୁବନେଶ୍ୱରରେ ଆଜି ଉତ୍ତମ ପ୍ରଶାସନିକ ଅଭ୍ୟାସ ଉପରେ ଦୁଇ ଦିନିଆ। କର୍ମଶାଳା ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ବିଜ୍ଞାନ ଓ କାରିଗରୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ସାଧାରଣ ଅଭିଯୋଗ, ପେନସନ ପ୍ରଶାସନ, ଆଣବିକ ଶକ୍ତି ଓ ମହାକାଶ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ମିଳିତ ଭାବେ ଉଦଘାଟନ କରିଛନ୍ତି।

ଏହି ଅବସରରେ ଉଦବୋଧନ ଦେଇ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକକୈନ୍ଦ୍ରିକ, ପ୍ରଯୁକ୍ତିବିଦ୍ୟା ପରିଚାଳିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରଶାସନ ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୃଢ଼ ଭାବେ ବ୍ୟକ୍ତ କରିଥିଲେ। ସେ କହିଥିଲେ, ସୁଶାସନ କିଛି ଲୋକଙ୍କର ବିଶେଷାଧିକାର ନୁହେଁ, ବରଂ



ପ୍ରତ୍ୟେକ ନାଗରିକଙ୍କ ହକ୍ ଏବଂ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ଗମ୍ଭୀର କର୍ତ୍ତବ୍ୟ। ଓଡ଼ିଶାର ରୂପାନ୍ତରଣକାରୀ ଯାତ୍ରା ଉପରେ ଆଲୋକପାତ କରି ସେ କହିଥିଲେ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଠାରୁ ଆରମ୍ଭ କରି ସମାବେଶୀ ଅଭିବୃଦ୍ଧି ଏବଂ ନାଗରିକ ସେବା ଠାରୁ ଆରମ୍ଭ କରି ତଥ୍ୟ ଆଧାରିତ ନିଷ୍ପତ୍ତି ଗ୍ରହଣ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ଏହାଦ୍ୱାରା ଶାସନ ଏବଂ ଶାସିତଙ୍କ ମଧ୍ୟରେ ସମ୍ପର୍କକୁ ପୁନଃପରିଭାଷିତ କରାଯାଇଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଡବଲ ଇଞ୍ଜିନ ସରକାରରେ ଓଡ଼ିଶାବାସୀଙ୍କୁ ମିଳିବ ସୁଶାସନ। ଆଗକୁ ହାତପାଆନ୍ତାରେ ସୁଶାସନ ପହଞ୍ଚାଇବାକୁ ଟେକ୍ନୋଲୋଜିର ବ୍ୟବହାରକୁ ଗୁରୁତ୍ୱ ଦେଇଛନ୍ତି ସରକାର। ଏଥିରେ ସୁଶାସନ ପାଇଁ ଏଆଇର ଭୂମିକା ଯଥେଷ୍ଟ ଅଧିକ ରହିଛି। ଏବେ ମୌଳିକ ସେବା ଓ ସୁବିଧା ଅନଲାଇନରେ ମିଳୁଛି। ଯାହାକୁ ଆହୁରି ଲୋକାଭିମୁଖୀ କରାଯିବ ପ୍ରଶାସନ ଉତ୍ତରଦାୟିତ୍ୱ ନେଉଥିବା ବେଳେ ଜନପ୍ରତିନିଧି ଲୋକଙ୍କ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେଉଛନ୍ତି। ଯାହା ସୁଶାସନ ମଡେଲକୁ ସଫଳ କରୁଛି।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଶାସନିକ ସଂସ୍କାରରେ ହୋଇଥିବା ଉଲ୍ଲେଖନୀୟ ପ୍ରଗତି ଉପରେ ଆଲୋକପାତ କରିଥିଲେ।ସେ କହିଥିଲେ, ସ୍ୱାଧୀନତା ପରଠାରୁ ଅନୁଷ୍ଠିତ ୪୧ଟି ସୁଶାସନ ସମ୍ମିଳନୀ ମଧ୍ୟରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ କାର୍ଯ୍ୟକାଳ ମଧ୍ୟରେ ୨୯ଟି ପ୍ରଭାବଶାଳୀ ସମ୍ମିଳନୀ ଆୟୋଜନ କରାଯାଇଛି।ଏହା ବର୍ତ୍ତମାନର ଯୁଗରେ ପ୍ରଶାସନିକ ସଂସ୍କାରର ବ୍ୟାପକତା, ଗତି ଏବଂ ଧାରାକୁ ପ୍ରତିଫଳିତ କରିଥାଏ। ମୋଦୀଙ୍କ ନେତୃତ୍ୱରେ ସଂସ୍କାରର ଚାରୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଡକ୍ଟର ସିଂହ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ ପ୍ରଥମତଃ, ସେ ଏହି ସଂସ୍କାରଗୁଡ଼ିକୁ ବୈପ୍ଳବିକ ଭାବେ ଅଭିହିତ କରିଥିଲେ। ପୁରୁଣା ବ୍ୟବସ୍ଥାଗୁଡ଼ିକୁ ବଦଳାଇବା ସହିତ ଦୀର୍ଘ ଦିନ ଧରି ଚଳିଆସୁଥିବା ପରମ୍ପରାକୁ ଶ୍ରୀ ମୋଦୀ ବଦଳାଇବାକୁ ଆହ୍ୱାନ ଦେଇଥିଲେ।

## ଭୁବନେଶ୍ୱରକୁ ସମ୍ଭାବନାପୂର୍ଣ୍ଣ ସ୍ୱଚ୍ଛ ସହର ପୁରସ୍କାର

**ନୂଆଦିଲ୍ଲୀ/ ଭୁବନେଶ୍ୱର,୧୭।୭(ପିଆଇବି):** ଦେଶର ସ୍ୱଚ୍ଛ ସହରଗୁଡ଼ିକର ତାଲିକା ପ୍ରକାଶ ପାଇଛି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମଓଏଚୟୁଏ) ଦ୍ୱାରା ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ପ୍ରଦାନ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଏବଂ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁଙ୍କ ଉପସ୍ଥିତିରେ ୨୩ଟି ସୁପର ସ୍ୱଚ୍ଛ ଲିଗ୍ ସହରକୁ ପୁରସ୍କାର ଦିଆଯାଇଛି। ଅହମ୍ମଦାବାଦ, ଭୋପାଳ ଏବଂ ଲକ୍ଷ୍ନୌ ଶ୍ରେଷ୍ଠ ସ୍ୱଚ୍ଛ ସହର ଭାବରେ ଉଭା ହେବା ସହିତ ଭାରତର ନୂତନ ପିଢ଼ିର ସ୍ୱଚ୍ଛ ସହର ରୂପେ ମାନ୍ୟତା ଲାଭ କରିଛନ୍ତି। ମହାକୁମ୍ଭ ପାଇଁ ଏକ ବିଶେଷ ସ୍ୱୀକୃତି ସହିତ ୪୩ଟି ଜାତୀୟ ପୁରସ୍କାର ଘୋଷଣା କରାଯାଇଛି ପ୍ରମୁଖ ସୁପର ସ୍ୱଚ୍ଛ ଲିଗରେ ଇନ୍ଦୋର, ସୁରଟ, ନଭି ମୁମ୍ବାଇ ସ୍ଥାନ ପାଇଛନ୍ତି।

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ ସମ୍ଭାବନାପୂର୍ଣ୍ଣ ସ୍ୱଚ୍ଛ ସହର ବର୍ଗରେ ପୁରସ୍କୃତ କରାଯାଇଛି। ଏହାଛଡ଼ା ୨୦ ହଜାରରୁ ୫୦ ହଜାର ମଧ୍ୟରେ ଜନସଂଖ୍ୟା ଥିବା ସ୍ୱଚ୍ଛ ସହର ତାଲିକାରେ ଗଞ୍ଜାମ ଜିଲ୍ଲାର ଆସିକା ଏବଂ ୨୦ ହଜାରରୁ କମ୍ ଜନସଂଖ୍ୟା ଥିବା ସ୍ୱଚ୍ଛ ସହର ତାଲିକାରେ ଗଞ୍ଜାମର ଚିକିଟିକୁ ସ୍ୱତନ୍ତ୍ର ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉତ୍ସବରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ନଗର ଉନ୍ନୟନ ବିଭାଗର ସଚିବ ଉଷା ପାଢ଼ୀ ଏବଂ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ ପୁରସ୍କାର ଗ୍ରହଣ କରିଛନ୍ତି।

ସମ୍ମାନଜନକ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ସମାରୋହରେ, କେନ୍ଦ୍ର ମନ୍ତ୍ରୀମନୋହର ଲାଲ ପ୍ରୟାଗରାଜକୁ ଶ୍ରେଷ୍ଠ ଗଙ୍ଗା



ନଗର ପୁରସ୍କାର ପ୍ରଦାନ କରିଥିଲେ। ସିକନ୍ଦରାବାଦ କ୍ୟାଣ୍ଟନମେଣ୍ଟକୁ ଏହାର ଅନୁକରଣୀୟ ପରିମଳ ପ୍ରୟାସ ପାଇଁ ଶ୍ରେଷ୍ଠ କ୍ୟାଣ୍ଟନମେଣ୍ଟ ବୋର୍ଡ ଭାବରେ ସମ୍ମାନିତ କରାଯାଇଥିଲା। ସଫେଇ କର୍ମଚାରୀଙ୍କ ସୁରକ୍ଷା ଏବଂ ମର୍ଯ୍ୟାଦା ପ୍ରତି ଉଲ୍ଲେଖନୀୟ ପ୍ରତିବଦ୍ଧତା ପାଇଁ ଜିଭିଏମସି ବିଶାଖାପାଟଣା, ଜବଲପୁର ଏବଂ ଗୋରଖପୁରକୁ ଶ୍ରେଷ୍ଠ ସଫେଇ ମିତ୍ର ସୁରକ୍ଷିତ ସହର ଭାବେ ଘୋଷଣା କରାଯାଇଥିଲା। ବିଶ୍ୱର ସର୍ବବୃହତ ଧାର୍ମିକ ସମାଗମ ମହାକୁମ୍ଭ ସମୟରେ ଅସାଧାରଣ ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୟୁପି ରାଜ୍ୟ ସରକାର, ପ୍ରୟାଗରାଜ ମେଳା ଅଧିକାରୀ ଏବଂ ପ୍ରୟାଗରାଜ ମ୍ୟୁନିସିପାଲ କର୍ପୋରେସନକୁ ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ମହାକୁମ୍ଭ ମେଳାରେ ୬୬ କୋଟି ଲୋକଙ୍କର ସମାଗମ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ''ରିଡ୍ୟୁସ୍ (ହ୍ରାସ), ରିୟୁଜ୍(ପୁନଃବ୍ୟବହାର), ରିସାଇକ୍ଲିଂ(ପୁନଃଚକ୍ରଣ) (ଥ୍ରୀ ଆର୍)'' ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରଣାଳୟକୁ ପ୍ରଶଂସା କରିଛନ୍ତି । ସେ କହିଥିଲେ, ୱେଷ୍ଟ ଇଜ୍ ବେଷ୍ଟ (ବର୍ଜ୍ୟ ହିଁ ସମ୍ପଦ) ମନ୍ତ୍ର ଚକ୍ରାକାର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିଥାଏ। ସେ ଯୁବପିଢ଼ିଙ୍କୁ ସଶକ୍ତ କରିବା, ସବୁଜ ନିଯୁକ୍ତି ସୃଷ୍ଟି କରିବା ଏବଂ ଉଦ୍ୟୋଗ ସୁଯୋଗ ସୃଷ୍ଟି କରିବା, ଏସଏଚଜି ଗୁଡ଼ିକୁ ସାମିଲ କରିବାରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ। ସହରଗୁଡ଼ିକ ଆମର ସ୍ୱଭାବ ଏବଂ ସଂସ୍କାରର ଅଂଶ ଭାବରେ ଏକ ଚକ୍ରାକାର ଅର୍ଥବ୍ୟବସ୍ଥା ଏବଂ ସ୍ୱଚ୍ଛତାର ନୀତିକୁ ଗ୍ରହଣ କରିବା ଖୁସିର ବିଷୟ ବୋଲି ରାଷ୍ଟ୍ରପତି କହିଥିଲେ । ସେ ୧ ଲକ୍ଷ ଜନସଂଖ୍ୟାରୁ କମ୍ ସହରଗୁଡ଼ିକୁ ପ୍ରଶଂସା କରିଥିଲେ ଯେଉଁଗୁଡ଼ିକ ସ୍ୱଚ୍ଛତାର ଉତ୍କୃଷ୍ଟ ମାନଦଣ୍ଡ ସ୍ଥାପନ କରିଛନ୍ତି।

## ଛାତ୍ରୀଙ୍କୁ ପ୍ରତାରଣା କରି ଅଧ୍ୟାପକ ଗିରଫ

**ସମ୍ବଲପୁର,୧୭।୭(ମହାଭାରତ)** : ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମାହୁତି ଓ ମୃତ୍ୟୁ ଘଟଣା କୁ ନେଇ ସାରା ରାଜ୍ୟରେ ଚହଳ ପଡିଥିବା ବେଳେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଜଣେ ଇଣ୍ଟିଗ୍ରେଟେଡ୍ ବିଏଡ୍ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ମହିଳା ପୁଲିସ ଏହି କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଗୋପୀକାନ୍ତ ସୁନାଙ୍କୁ ଆଜି ଗିରଫ କରିଛି। ଗୋପୀକାନ୍ତ ସୁନାଙ୍କ ବୟସ ୩୨ ବର୍ଷ। ସଂପୃକ୍ତ ଜଣେ ଛାତ୍ରୀ ସ୍ଥାନୀୟ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତଦନ୍ତ କରାଯାଇ ତାରି ଭିତ୍ତିରେ ସଂପୃକ୍ତ ଅଧ୍ୟାପକଙ୍କୁ ଗିରଫ କରାଯାଇଛି ଏବଂ ପରବର୍ତ୍ତି ଅବସ୍ଥାରେ ତାଙ୍କୁ ନିଲମ୍ବିତ ମଧ୍ୟ କରାଯାଇଛି। ୪ ମାସ ତଳେ ଛାତ୍ରୀ ଜଣଙ୍କ ସଂପୃକ୍ତ ଅଧ୍ୟାପକଙ୍କ ଦ୍ୱାରା ଅସଦାଚରଣର ଶୀକାର ହୋଇଥିଲେ। ଏହା ପରେ ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ ଯେ, ଶ୍ରୀ ସୁନା ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସଂପର୍କ ରଖିଥିଲେ। ହେଲେ ପୁଲିସ ସେତେବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ମାତ୍ର ଏଫଏମ୍ କଲେଜର ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ଏବେ ପୋଲିସ ତତ୍ପର ହୋଇ ଉଠିଛି।

## ପୃଥ୍ୱୀ-୨, ଅଗ୍ନି-୧ର ସଫଳ ପରୀକ୍ଷଣ

**ବାଲେଶ୍ୱର,୧୭।୭(ମହାଭାରତ):** ଭାରତକୁ ମିଳିଛି ଦୁଇ ଦୁଇଟି ବଡ଼ ସଫଳତା। ପୃଥ୍ୱୀ-୨ ଏବଂ ଅଗ୍ନି-୧ ପ୍ରାଇମ ମିଜାଇଲ୍‌ର ଗୁରୁବାର ସଫଳ ପରୀକ୍ଷଣ କରି ଭାରତ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଚାନ୍ଦିପୁର ୩ ନମ୍ବର ଲଞ୍ଚପ୍ୟାଡରୁ ଗୁରୁବାର ପୃଥ୍ୱୀ-୨ ମିଜାଇଲର ସଫଳ ପରୀକ୍ଷଣ କରାଯାଇଛି । ପୃଥ୍ୱୀ-୨ ମିଜାଇଲ ୩୫୦ରୁ ୫୦୦ କି.ମି. ଲକ୍ଷ୍ୟଭେଦ କ୍ଷମତା ରଖିଛି। ଏପରିକି ପୃଥ୍ୱୀ-୨ ଉଭୟ ଅଣୁ ଏବଂ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି। ସେହିପରି ଅଗ୍ନି-୧ ପ୍ରାଇମ ମିଜାଇଲ୍‌ର ସଫଳ ପରୀକ୍ଷଣ କରାଯାଇଛି। ଏହାର ଲକ୍ଷ୍ୟଭେଦ କ୍ଷମତା ୧ ହଜାର କି.ମି. ରହିଛି। ଅଗ୍ନି-୧ ପ୍ରାଇମ ମଧ୍ୟ ଉଭୟ ଅଣୁ ଓ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଥିବା ସୂଚନା ମିଳିଛି। ଏହି ସଫଳତା ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଇସ୍ରୋକୁ ଶୁଭେଚ୍ଛା ଜଣାଇଛନ୍ତି।

## ଦୁଇ ରେଳ ପ୍ରକଳ୍ପ ପାଇଁ ୧୪୯.୩୨ କୋଟି ମଞ୍ଜୁର

ଭୁବନେଶ୍ୱର,୧୭।୭(ମହାଭାରତ): ଓଡ଼ିଶାରେ ରେଳ ଭିତିଭୂମି ବୃଦ୍ଧି କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ରେଳ ମନ୍ତ୍ରଣାଳୟ ୧୪୯.୩୨ କୋଟି ଟଙ୍କା ମୂଲ୍ୟରେ ରାଣିତାଲ ଲିଙ୍କ କ୍ୟାବିନ୍ ଏବଂ ଭଦ୍ରକ ଷ୍ଟେସନ (୫.୦୬ କିଲୋମିଟର) ମଧ୍ୟରେ ଚତୁର୍ଥ ଲାଇନକୁ ମଞ୍ଜୁର କରିଛି।

ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହାଓଡ଼ା-ଚେନ୍ନାଇ ମୁଖ୍ୟ ଲାଇନ ସହିତ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ଏବଂ ଧାମରା ଏବଂ ପାରାଦୀପ ବନ୍ଦରକୁ ମାଲ ପରିବହନ ସଂଯୋଗକୁ ଉନ୍ନତ କରିବ। ରାଣିତାଲ ଲିଙ୍କ କ୍ୟାବିନ୍-ଭଦ୍ରକ ସେକ୍ସନ ହାଓଡ଼ା-ଚେନ୍ନାଇ ହାଇ-ଡେନ୍ସିଟି ନେଟୱାର୍କର ଏକ ଅଂଶ, ଯାହା ଦେଶର ସବୁଠାରୁ ବ୍ୟସ୍ତବହୁଳ ରେଳ କରିଡର ମଧ୍ୟରୁ ଗୋଟିଏ। ନୂତନ ଭାବରେ ମଞ୍ଜୁର ହୋଇଥିବା ଚତୁର୍ଥ ଲାଇନଟି ମୁଖ୍ୟ ଲାଇନରୁ ବନ୍ଦର ଅଭିମୁଖୀ ମାଲ ପରିବହନକୁ ପୃଥକ କରି କରିଡରକୁ ଭିଡ଼ କମ କରିବାରେ ସାହାଯ୍ୟ କରିବ, ଯାତ୍ରୀ ଏବଂ ମେଲ/ଏକ୍ସପ୍ରେସ୍ ଟ୍ରେନ ଉଭୟ ପାଇଁ ଦ୍ରୁତ ଏବଂ ଅଧିକ ସମୟାନୁବର୍ତ୍ତୀ ପରିଚାଳନା ସୁନିଶ୍ଚିତ କରିବ। ଏତଦବ୍ୟତୀତ ଏହା ଖଡ଼ଗପୁର ରୁ ଭୁବନେଶ୍ୱର ମଧ୍ୟରେ ଅଧିକ କୋଚିଂ ଟ୍ରେନର ସୁଗମ ଚଳାଚଳକୁ ମଧ୍ୟ ପ୍ରୋତ୍ସାହିତ କରିବ।

ବର୍ତମାନ, ଏହି ସେକ୍ସନରେ ପ୍ରବଳ ଭିଡ଼ ହେଉଛି, ଯାହା ପ୍ରାୟତଃ ଟ୍ରେନଗୁଡିକର ଗତିରେ ବାଧା ସୃଷ୍ଟିକରେ । ଏହି ପ୍ରକଳ୍ପ ସମାପ୍ତ ହେବା ସହିତ, ପରିଚାଳନାଗତ ପ୍ରତିବନ୍ଧକକୁ ହ୍ରାସ କରାଯିବ, ଯାହା ଜନସାଧାରଣଙ୍କ ପାଇଁ ଏକ ଅଧିକ ନିର୍ଭରଯୋଗ୍ୟ ଏବଂ ସମୟାନୁବର୍ତୀ ଟ୍ରେନ ସମୟସୂଚୀକୁ ସକ୍ଷମ କରିବ।

ଏହି ପ୍ରକଳ୍ପ ମାଲ ପରିବହନ ଏବଂ କୋଚିଂ ଟ୍ରେନଗୁଡ଼ିକୁ ପୃଥକୀକରଣ କରିବା, ବିଳମ୍ବକୁ ହ୍ରାସ କରିବା ଏବଂ ସାମଗ୍ରିକ ରୁଟ୍ ଦକ୍ଷତାକୁ ଉନ୍ନତ କରିବାରେ ସହାୟତା କରିବ। ବର୍ଦ୍ଧିତ ଲାଇନ କ୍ଷମତା ଏହି ଅଂଚଳର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଅତିରିକ୍ତ ଟ୍ରାଫିକ୍ ଚଳାଚଳକୁ ସୁଯୋଗ ଦେବ।ଏହି ପଦକ୍ଷେପ ପୂର୍ବତଟ ରେଳପଥର ଭିତିଭୂମିକର ଆଧୁନିକୀକରଣ କରିବା ଏବଂ ଓଡ଼ିଶାର ଲୋକଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ରେଳ ନେଟୱାର୍କ ସୃଷ୍ଟି କରିବାର ନିରନ୍ତର ମିଶନର ଏକ ଅଂଶ।

## ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ'।



ଖବର

## ଅଲଗା ହେଲେ ସାଇନା-କାଶ୍ୟପ



ଅଲିମ୍ପିକ୍ସ କାଂସ୍ୟ ପଦକ ବିଜୟିନୀ ସାଇନା ନେହୱାଲ ଓ ବ୍ୟାଡମିଣ୍ଟନ ଖେଳାଳି ତାଙ୍କ ପତି ପାରୁପଲ୍ଲି କାଶ୍ୟପଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ୩୫ ବର୍ଷ ବୟସ୍କା ତାରକା ବ୍ୟାଡମିଣ୍ଟନ ଖେଳାଳି ସାଇନା ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ଉଭୟ ପୃଥକ୍ ହୋଇଥିବା ସୂଚନା ଦେଇଛନ୍ତି। 'ଜୀବନ ଆମକୁ କେତେବେଳେ ଭିନ୍ନ ଦିଗରେ ନେଇଥାଏ। ବହୁ ଚିନ୍ତା ଓ ବିଚାର ପରେ କଶ୍ୟପ ଓ ମୁଁ ଶେଷରେ ଅଲଗା ହେବାକୁ ନିଷ୍ପତ୍ତି ନେଲୁ' ବୋଲି ସାଇନା ଏଥିରେ ଲେଖିଛନ୍ତି। କାଶ୍ୟପ କିନ୍ତୁ ଏନେଇ କିଛି କହିନାହାନ୍ତି। ୭ ବର୍ଷର ବିବାହ ବନ୍ଧନ ପରେ ଏହି ଚର୍ଚ୍ଚିତ କ୍ରୀଡ଼ା ଦମ୍ପତି ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ ସାଇନା ଓ କାଶ୍ୟପ ହାଇଦରାବାଦ୍‌ସ୍ଥିତ ପୁଲେଲା ଗୋପୀଚାନ୍ଦ ଏକାଡେମୀରେ ଦୁଇ ଦଶନ୍ଧି ପୂର୍ବରୁ ଏକାଠି ପ୍ରଶିକ୍ଷଣ ନେଉଥିଲେ। ୨୦୦୪ରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ସାଇନା ଓ କାଶ୍ୟପ ଯେତେବେଳେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଖେଳିବାକୁ ଯାଇଥାଆନ୍ତି; ପରସ୍ପରକୁ ସାହାଯ୍ୟ କରିଥାଆନ୍ତି। ଶେଷରେ ୨୦୧୮ରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସାଇନା କାଂସ୍ୟ ପଦକ ଜିତି ଐତିହାସିକ ସଫଳତା ପାଇଥିଲେ। ସେହି ଅଲିମ୍ପିକ୍ସରେ କାଶ୍ୟପ କ୍ୱାର୍ଟରଫାଇନାଲ ଖେଳିଥିଲେ। ଦେଶର ପ୍ରଥମ ପୁରୁଷ ବ୍ୟାଡ୍ମି□ନ ଖେଳାଳି ଭାବେ ସେ ଅଲିମ୍ପିକ୍ସର କ୍ୱାର୍ଟରଫାଇନାଲରେ ପହଞ୍ଚିଥିଲେ।

## ଶରୀର: ଈଶ୍ୱରଙ୍କ ପବିତ୍ର ନିବାସସ୍ଥାନ



ଶରୀର, ଈଶ୍ୱରଙ୍କ ପବିତ୍ର ନିବାସ ସ୍ଥାନ । ଖରାପ ଅଭ୍ୟାସ ଦ୍ୱାରା ଶରୀରରୂପୀ ମନ୍ଦିରକୁ ରୁଗ୍‌ଣ କରିବା ପ୍ରକୃତି ଦୃଷ୍ଟିରେ ବଡ଼ ଅପରାଧ । ଏହାର ଫଳସ୍ୱରୂପ ଯନ୍ତ୍ରଣା, ଅସ୍ଥିରତା, ଆସକ୍ତି, ଅଳ୍ପାୟୁ, ଆର୍ଥିକ ହାନି, ତିରସ୍କାର ଭଳି ଦଣ୍ଡ ଭୋଗିବାକୁ ପଡ଼ିଥାଏ । ଆହାର ଏବଂ ବିହାରରେ ସଂଯମତା ନରହିଲେ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଉପରେ କୁପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଶରୀର ଦୁର୍ବଳ ଏବଂ ରୋଗଗ୍ରସ୍ତ ହୋଇଥାଏ। ଶରୀରକୁ ନିରୋଗୀ ରଖିବା କଠିନ ନୁହେଁ । ସେଥିପାଇଁ ଆହାର, ଶ୍ରମ ଏବଂ ବିଶ୍ରାମରେ ସନ୍ତୁଳନ ବଜାୟ ରଖିବା ଉଚିତ । ଆଳସ୍ୟମୁକ୍ତ, ଶ୍ରମଯୁକ୍ତ ବ୍ୟବସ୍ଥିତ ଜୀବନଶୈଳୀ ନିର୍ଦ୍ଧାରଣ କରିବା କଠିନ ନୁହେଁ । ଶରୀରକୁ ମନ୍ଦିର ଭଳି ମହତ୍ତ୍ୱ ଦେବା ଉଚିତ। ସ୍ୱଚ୍ଛ, ସୁସ୍ଥ ଏବଂ ସକ୍ଷମ ଶରୀର ନିର୍ମାଣ କରିବାକୁ ନିଜ ପାଇଁ ପୁଣ୍ୟ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ଉଚିତ। ଉପବାସ ଦ୍ୱାରା ସ୍ୱାଦ ଏବଂ ଅତିଆହାର ଭଳି ଦୁଷ୍ପ୍ରବୃତ୍ତି ଉପରେ ଅଧିକାର ପାଇବା ଲାଗି ପ୍ରୟାସ କରିବା ଉଚିତ୍ । ଏହାପରେ ଏହି ଶରୀରରୁ ଲାଭ ପାଇବା ସମ୍ଭବ । ଏହାକୁ ଋଷିମୁନି ଓ ବୈଜ୍ଞାନିକମାନେ ମଧ୍ୟ ସ୍ୱୀକାର କରିଛନ୍ତି ।

## ଗଜ ଉଦ୍ଧାରଣର କଥା



ଗଜ-ଉଦ୍ଧାରଣ ଭଗବାନ ବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କର ଏକ ପ୍ରସିଦ୍ଧ ଲୀଳା। ଚକ୍ର ଆୟୁଧରେ ଗ୍ରାହ (କୁମ୍ଭୀର)ର ଶିରଚ୍ଛେଦ କରି ଭଗବାନ ଗଜେନ୍ଦ୍ରକୁ ଉଦ୍ଧାର କରିଥିଲେ। ତାହା ଫଳରେ କୁମ୍ଭୀର ତା'ର ପୂର୍ବଜନ୍ମର ଗନ୍ଧର୍ବରୂପ ଫେରିପାଇଥିଲା। ଗଜେନ୍ଦ୍ର ମଧ୍ୟ ସାରୂପ୍ୟ ମୁକ୍ତି ପାଇ, ବିଷ୍ଣୁଙ୍କ ପରି ଚତୁର୍ଭୁଜ ହୋଇ ବିଷ୍ଣୁଲୋକ ଗମନ କରିଥିଲା। କିନ୍ତୁ ଏହି ଅବସରରେ ଭଗବାନ ବିଷ୍ଣୁ ଗଜେନ୍ଦ୍ରକୁ ଯାହା କହିଥିଲେ, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ସଂସ୍କୃତ 'ଶ୍ରୀମଦ୍‌ଭାଗବତ' ଅନୁସାରେ, ଭଗବାନ ବିଷ୍ଣୁ ଗଜେନ୍ଦ୍ର ଉପରେ ପ୍ରସନ୍ନ ହୋଇ କହିଥିଲେ- ହେ ଗଜେନ୍ଦ୍ର! ଯେଉଁମାନେ ମୋର ଶ୍ରୀବତ୍ସ ଚିହ୍ନ, କୌସ୍ତୁଭ ମଣି, ମାଳା, କୌମୋଦକୀ ଗଦା, ସୁଦର୍ଶନ ଚକ୍ର, ପାଞ୍ଚଜନ୍ୟ ଶଙ୍ଖ, ପକ୍ଷୀରାଜ ଗରୁଡ଼, ମୋର ସୂକ୍ଷ୍ମ ଅଂଶରୂପୀ ଅନନ୍ତ, ମୋର ଆଶ୍ରିତା ଲକ୍ଷ୍ମୀଦେବୀ, ବ୍ରହ୍ମା, ଶିବ, ନାରଦମୁନି, ପ୍ରହ୍ଲାଦ, ମତ୍ସ୍ୟ, କୂର୍ମ ଓ ବରାହ ପ୍ରଭୃତି ମୋର ଅନନ୍ତ ପୁଣ୍ୟମୟ ଅବତାରମାନଙ୍କର ଲୀଳା ଏବଂ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିଙ୍କୁ ମୋର ରୂପଭାବେ ସ୍ମରଣ କରନ୍ତି; ଓଁକାର, ସତ୍ୟ, ମୂଳପ୍ରକୃତି, ଗୋ, ବ୍ରାହ୍ମଣ, ଅକ୍ଷୟ ସନାତନଧର୍ମ, ସୋମ, କଶ୍ୟପ ଓ ଧର୍ମଙ୍କର ପତ୍ନୀ ଦକ୍ଷ କନ୍ୟାଗଣଙ୍କୁ ଏବଂ ଭକ୍ତରାଜ ଧ୍ରୁବ, ମରୀଚି ଆଦି ସପ୍ତଋଷିଙ୍କୁ, ପୁଣ୍ୟଶ୍ଳୋକ ମନୁଷ୍ୟ (ଯଥା ଯୁଧିଷ୍ଠିର, ଜନକ, ନଳରାଜା ଆଦି)ଙ୍କୁ ମଧ୍ୟ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି! କେବଳ ଏତିକି ନୁହେଁ; ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ସେ ଗଜେନ୍ଦ୍ରକୁ ଆହୁରି ମଧ୍ୟ କହିଥିଲେ- ହେ ଗଜେନ୍ଦ୍ର! ଯେଉଁମାନେ ତୁମକୁ ଓ ମୋତେ, ଏବଂ ଏହି ଗିରିକନ୍ଦର, ବନ, ସରୋବର, ବେତବାଉଁଶ ଆଦିର ବୁଦା ଏବଂ ଦେବଦାରୁ ଆଦି ବୃକ୍ଷଙ୍କୁ ଏବଂ ସମସ୍ତ ଗିରିଶୃଙ୍ଗଙ୍କୁ, ମୋର ପ୍ରିୟ କ୍ଷୀରସାଗର ଓ ଶ୍ୱେତଦୀପକୁ ଏବଂ ଗଙ୍ଗା, ସରସ୍ୱତୀ, ଅଳକାନନ୍ଦା ଓ ଯମୁନା ଆଦି ନଦୀଙ୍କୁ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ମଧ୍ୟ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି। 'ଶ୍ରୀମଦ୍‌ଭାଗବତ'ର ଏହି ଉକ୍ତି ଆମକୁ ସ୍ପଷ୍ଟ ରୂପେ ସୂଚାଏ, ଯେ ଏ ସମସ୍ତ ହେଉଛନ୍ତି ଭଗବାନଙ୍କର ସ୍ୱରୂପ। ଏଣୁ ଆମେ ସେମାନଙ୍କୁ ସ୍ୱୟଂ ଭଗବାନ ବିଷ୍ଣୁଙ୍କ ପରି ଉପାସନା କରିବା ଉଚିତ।

## ପବିତ୍ର କୈଳାସ ମାନସରୋବର



ପୁରାଣରେ ବର୍ଣ୍ଣିତ ଅଛି- ଦେବୀ ସତୀଙ୍କ ମୃତଦେହକୁ ଧରି ପାଗଳପ୍ରାୟ ଘୂରି ବୁଲୁଥିବା ମହାଦେବଙ୍କ କ୍ରୋଧ ଶାନ୍ତ କରିବା ଲାଗି ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ପ୍ରେରଣ କଲେ । ସୁଦର୍ଶନ ମାତା ସତୀଙ୍କ ଶରୀରକୁ ୫୧ ଖଣ୍ଡରେ ପରିଣତ କଲା । ଏହି ଖଣ୍ଡ ସବୁ ବିଛାଡ଼ି ହୋଇ ବିଭିନ୍ନ ସ୍ଥାନରେ ଛିଟିକି ପଡ଼ିଲା । ଏହି ଖଣ୍ଡଗୁଡ଼ିକ ମଧ୍ୟରୁ ମାତା ସତୀଙ୍କ ଡାହାଣ ହାତ ଖସିପଡ଼ିଥିବା ସ୍ଥାନଟି ପବିତ୍ର କୈଳାସ ପର୍ବତ ପାଦଦେଶରେ ରହିଛି । ଏହି ସ୍ଥାନ ଏବେ ତିବ୍‌ବ୍ତ ସୀମା ଅଧିନ ହିମାଳୟ ପର୍ବତମାଳାର କୈଳାସ ମାନସରୋବର ନିକଟରେ ରହିଛି । ଯାହା ମାନସ ରୂପରେ ପ୍ରସିଦ୍ଧ । ଏଠାରେ ମାତା ଶକ୍ତିଙ୍କୁ ଦାକ୍ଷାୟିନୀ ରୂପରେ ପୂଜା କରାଯାଇଥାଏ । ମହାଦେବଙ୍କ ଭୈରବ ସ୍ୱରୂପ ମଧ୍ୟ ଏଠାରେ ରହିଛନ୍ତି । ଯାହାଙ୍କୁ ଅମର ନାମରେ ଆରାଧନା କରାଯାଇଥାଏ । ତେବେ ଏଠାରେ ମାତା ଶକ୍ତିଙ୍କ କୌଣସି ମନ୍ଦିର ନଥିବା ଜଣାଯାଏ । ଏକ ପ୍ରସ୍ତରରେ ମାତାଙ୍କୁ ପୂଜା କରାଯାଇଥାଏ । ପବିତ୍ର ମାନସରୋବର ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁମାନେ ଏଠାରେ ମାତା ଶକ୍ତି ଓ ଭଗବାନ ଶିବଙ୍କ କୃପା ଲାଭ କରିଥାନ୍ତି । ତେବେ ଏହି ଯାତ୍ରା ପାଇଁ ଭକ୍ତମାନଙ୍କୁ ଅଶେଷ କଷ୍ଟ ଉଠାଇବାକୁ ପଡ଼ିଥାଏ । ବରଫାବୃତ ହିମାଳୟ ପର୍ବତର ବିୟୁକ୍ତ ତାପମାତ୍ରାରେ ଭକ୍ତମାନଙ୍କୁ ମାନସରୋବର ନିକଟରେ ପହଞ୍ଚିବାକୁ ହୋଇଥାଏ । ସଡ଼କ ଓ ବାୟୁପଥରେ ମାନସରୋବର ଯାତ୍ରା ସମ୍ଭବ ହୋଇଥାଏ । ମାନସରୋବର ବର୍ତ୍ତମାନ ତିବ୍‌ବତ୍ ସୀମାରେ ଯାଉଥିବାରୁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଯାତ୍ରାର ଆୟୋଜନ କରାଯାଇଥାଏ । ଜୁନ୍ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ଯାତ୍ରା ପାଇଁ ସ୍ୱତନ୍ତ୍ର ଆବେଦନ ଏବଂ ଡାକ୍ତରୀ ପରୀକ୍ଷା କରାଇବାକୁ ହୋଇଥାଏ । କୁହାଯାଏ ମାନସରୋବରରେ ସ୍ନାନ କଲେ ମନୁଷ୍ୟର ସମସ୍ତ ପାପ କ୍ଷୟ ହୋଇଥାଏ ଏବଂ ମୃତ୍ୟୁପରେ ତା'କୁ ଶିବଲୋକ ପ୍ରାପ୍ତି ହୁଏ। ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ସର୍ଜନା କରିବା ସମୟରେ ଏହି ସରୋବରର କଳ୍ପନା କରି ଏହାର ସୃଷ୍ଟି କରିଥିଲେ । ସେଥିପାଇଁ ଏହାକୁ ମାନସ ସରୋବର ବା ମାନସରୋବର କୁହାଯାଇଥାଏ । କୈଳାସ ମହାଦେବଙ୍କ ନିବାସସ୍ଥଳ ବୋଲି ପୁରାଣରେ ବର୍ଣ୍ଣିତ ।

## ଇନ୍ଦ୍ରିୟ ସ୍ଥିରତା ହିଁ ଯୋଗ



ଉପନିଷଦ୍ ଭାରତୀୟ ଧର୍ମସାହିତ୍ୟର ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ଏଥିରେ ଅନେକ ଶିକ୍ଷଣୀୟ ଉପଦେଶ ଲୁଚି ରହିଛି । ଯେପରିକି କଠୋପନିଷଦ୍‌ର ଶାନ୍ତିପାଠରେ କୁହାଯାଇଛି- "ଓଁ ସହନାଭବତୁ । ସହ ନୌ ଭୁନକ୍ତୁ । ସହ ବୀର୍ଯ୍ୟଂ କରବାବହେ । ତେଜସ୍ୱୀନାଭଧୀତମସ୍ତୁ ମା ବିଦ୍ୱିଷଶବହୈ ।" ଯାହାର ଅର୍ଥ ହେଉଛି ପରମାତ୍ମା ଆମ ଦୁହିଁଙ୍କୁ (ଗୁରୁ ଏବଂ ଶିଷ୍ୟ କିମ୍ବା ତୁମେ ଆଉ ମୁଁ) ଏକ ସହିତ ରକ୍ଷା କରନ୍ତୁ । ଏକ ସଙ୍ଗରେ ଆମକୁ ଉପଭୋଗ କରନ୍ତୁ । ଆମେ ସାଙ୍ଗ ହୋଇ ପରାକ୍ରମ ପ୍ରଦର୍ଶନ କରୁ । ଆମର ଅଧ୍ୟୟନ ତେଜସ୍ୱୀ ହେଉ । ଏହି ଶ୍ଳୋକ ପାଠ କରି ଭୋଜନ କିମ୍ବା କୌଣସି କାର୍ଯ୍ୟ କଲେ ସେହି କାର୍ଯ୍ୟର ପୂଣ୍ୟ ପ୍ରାପ୍ତି ହୋଇଥାଏ । କଠୋପନିଷଦ୍‌ର ଦୁଇଟି ଅଧ୍ୟାୟ ମଧ୍ୟରୁ ଗୋଟିଏ ଅଧ୍ୟାୟରେ ନଚିକେତା ଏବଂ ଯମଙ୍କ ମଧ୍ୟରେ କଥାବାର୍ତ୍ତା ରହିଛି । ଏ ଦୁହିଁଙ୍କ ଆଲୋଚନାରେ ବୌଦ୍ଧିକତାର ପରିଚୟ ମିଳିଥାଏ । ଦ୍ୱିତୀୟ ଅଧ୍ୟାୟରେ ଇନ୍ଦ୍ରିୟ, ଆତ୍ମା ଏବଂ ଗ୍ରହ-ନକ୍ଷତ୍ର ବିଷୟରେ ଏପରି କିଛି କଥା କୁହାଯାଇଛି ଯାହା ଜାଣିବା ମନୁଷ୍ୟ ପକ୍ଷେ ହିତକର ।

ପ୍ରଥମ ଅଧ୍ୟାୟରେ କୁହାଯାଇଛି ଯେଉଁ ଘରେ ବ୍ରାହ୍ମଣ ଭୋକିଲା ରହିଥାଏ, ତାହାର ସମସ୍ତ ଇଚ୍ଛା, ଅପେକ୍ଷା, ସତ୍‌ସଙ୍ଗରୁ ପ୍ରାପ୍ତ ଫଳ ସତ୍ୟବାଣୀ କହିବାର ଫଳ, ଯଜ୍ଞ ଆଦି ସମସ୍ତ ପୂଣ୍ୟଫଳ ନଷ୍ଟ ହୋଇଯାଇଥାଏ । ଯେତେ ଧନ ମିଳିଲେ ବି ମନୁଷ୍ୟ କେବେ ସନ୍ତୁଷ୍ଟ ହୋଇପାରେ ନାହିଁ । ତେଣୁ ଅସୀମିତ ଧନ ଅର୍ଜନ କରିବା ବ୍ୟର୍ଥ । ନିଜକୁ ଅଭିଜ୍ଞ ଏବଂ ପଣ୍ଡିତ ବୋଲି ଭାବୁଥିବା ଲୋକ ଅନ୍ଧକାର ମଧ୍ୟରେ ରହିଥାଏ । ସେପରି ବ୍ୟକ୍ତି ଠାରୁ ଅନ୍ୟ ଜଣେ ମାର୍ଗଦର୍ଶନ ଲାଭ କରିବା ଠିକ୍ ସେହିପରି ଯେପରି ଜଣେ ଅନ୍ଧ ଅନ୍ୟ ଜଣେ ଅନ୍ଧକୁ ମାର୍ଗଦର୍ଶନ କରୁଛି । ଏପରି ସ୍ଥିତିରେ ଦୁହେଁ ବାଟ ଭୁଲିଯାଇଥାନ୍ତି ।

ଧନ ଲୋଭରେ ବ୍ୟକ୍ତି ପ୍ରମାଦ କାରଣରୁ ସ୍ୱର୍ଗଲୋକର ମାର୍ଗକୁ ଚୟନ କରେନାହିଁ । ସେ ଭାବେ ଇହଲୋକ ବ୍ୟତୀତ ଅନ୍ୟ ଲୋକ ନାହିଁ । ଏପରି କରୁଥିବା ମୂର୍ଖ ଲୋକ ବାରମ୍ବାର ମୃତ୍ୟୁ ପ୍ରାପ୍ତି କରିଥାଏ । ଆତ୍ମା ବିଷୟରେ କିଛି ଲୋକ ଆଦୌ କିଛି କଥା ଶୁଣିନାହାନ୍ତି ଏବଂ ଶୁଣିବା ପରେ ମଧ୍ୟ ବହୁତ ଲୋକ ଆତ୍ମା ବିଷୟରେ କିଛି ଜାଣିପାରନ୍ତି ନାହିଁ । କେବଳ ବିରଳ ଲୋକମାନେ ହିଁ ଆତ୍ମାକୁ ଚିହ୍ନିବାରେ ସଫଳ ହୋଇଥାନ୍ତି ।

ସେହିପରି କଠୋପନିଷଦ୍‌ର ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଛି ଯେ ପରମାତ୍ମା ହେଉଛନ୍ତି ଏହି ଜୀବନର ଅତୀତ-ଭବିଷ୍ୟତର ଶାସକ । ତାଙ୍କୁ ପାଖରେ ପାଉଥିବା ମନୁଷ୍ୟ ତାଙ୍କୁ ନିନ୍ଦା ନକରି ତାଙ୍କୁ ପ୍ରଶଂସା କରିବା ସହିତ ତାଙ୍କ ଭଳି ହୋଇଯାଇଥାଏ ।

ପରମଧାମରେ ରହୁଥିବା ପରମାତ୍ମା ଏ ଜୀବଜଗତ ଏବଂ ମହାକାଶରେ ପରିବ୍ୟାପ୍ତ । ସେ ଆହୂତି ଅର୍ଥାତ୍ ମୃତ୍ୟୁଦାତା ମଧ୍ୟ। ଅତିଥି ଏବଂ ଦେବତାଙ୍କ ଠାରେ ମଧ୍ୟ ପରମାତ୍ମାଙ୍କ ଅଂଶ ରହିଛି । ମନ ଏବଂ ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିପାରୁଥିବା ଲୋକର ବୁଦ୍ଧି ସ୍ଥିର ହୋଇଯାଏ ଏହି ଅବସ୍ଥାକୁ ପରମଗତି କୁହାଯାଏ। ଇନ୍ଦ୍ରିୟ ସ୍ଥିରତା ହିଁ ଯୋଗ ।

# ଚକ୍ରଧର ବେହେରା ଥିଲେ କନିକା କ୍ରାନ୍ତିର ମହାନାୟକ

**ଭୁବନେଶ୍ୱର,୧୭।୭ (ମହାଭାରତ):** କନିକା ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଥିଲେ ମହାନ୍ ବିପ୍ଳବୀ ଚକ୍ରଧର ବେହେରା । ଏହି ମହାନାୟକଙ୍କ ତ୍ୟାଗ, ତିତିକ୍ଷା, ନିଷ୍ଠା, ସଂଘର୍ଷ, ସାହସ, ସ୍ୱାଭିମାନ ଓ ଦେଶପ୍ରେମ ଅବର୍ଣ୍ଣନୀୟ ଅଟେ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ଗରିବ କୃଷକ ସମାଜର ଶୁଭଚିନ୍ତକ ଭାବେ ସେ ସର୍ବଦା ଏ ଜାତିର ଚିରନମସ୍ୟ ଓ ପ୍ରାତଃସ୍ମରଣୀୟ । ବ୍ରିଟିଶ ଓ ରାଜକୀୟ ଶାସନର ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତୋଳନ କରି ଆଜୀବନ ପ୍ରଜାଙ୍କ ହିତ ପାଇଁ ଲଢେଇ କରିଥିଲେ ବୋଲି ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି ।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସାହିତ୍ୟିକ ଡାକ୍ତର ଗୌରହରି ଦାସ ସମ୍ମାନିତ ବକ୍ତା ଭାବେ ଭାବେ ଯୋଗଦେଇ ଚକ୍ରଧର ବେହେରାଙ୍କ ତ୍ୟାଗପୂତ ଜୀବନାଦର୍ଶର ଅନାଲୋଚିତ ଦିଗ ଉପରେ ଆଲୋକପାତ କରିବାକୁ ଯାଇ କହିଲେ ଯେ କନିକା ପ୍ରଜା ଆନ୍ଦୋଳନର ମହାନାୟକ ଚକ୍ରଧର ବେହେରା ଥିଲେ ଜଣେ ସ୍ୱର୍ଦ୍ଧିତ ଓ ଅନନ୍ୟ ବ୍ୟକ୍ତିତ୍ୱ । ଚକ୍ରଧର ବେହେରା ଥିଲେ କନିକା କ୍ରାନ୍ତିର ମହାନାୟକ। ସେ ସମୟରେ ଅତ୍ୟଧିକ କର ବା ଖଜଣା ପ୍ରଜାମାନଙ୍କ ମଧ୍ୟରେ ଏକ ନିରନ୍ତର ଘୃଣାର ଉତ୍ସ ପାଲଟିଥିଲା। ସେ ରାଜାଙ୍କ ହିସାବ ରକ୍ଷକ ଭାବରେ କାର୍ଯ୍ୟ କରୁଥିବା ସମୟରେ, ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ ଏବଂ ପ୍ରଜାମାନଙ୍କ ଅଧିକାର ସୁରକ୍ଷିତ କରିବା ପାଇଁ ରାଜାଙ୍କ ବିରୁଦ୍ଧରେ ଆନ୍ଦୋଳନ ସଂଗଠିତ କରିଥିଲେ । କନିକା ପ୍ରଜା ଆନ୍ଦୋଳନ ପାଇଁ କେବଳ ଚକ୍ରଧର ବେହେରା ନୁହଁନ୍ତି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ କାରାବରଣ କରିଥିଲେ । କନିକା ପ୍ରଜାମୁକ୍ତି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସେହି ଅଞ୍ଚଳର ପ୍ରଜାଙ୍କୁ ସ୍ୱାବଲମ୍ବୀ କରିବା । ତାଙ୍କୁ ଜଣେ ସଚ୍ଚା ଦେଶପ୍ରେମୀ, ନିଃସ୍ୱାର୍ଥପର ଦେଶସେବକ ଓ ସ୍ୱାଧୀନତାର ପୂଜାରୀ ବୋଲି ଉଲ୍ଲେଖ କରି ଏହି ମହାନ ବ୍ୟକ୍ତିତ୍ୱଙ୍କ ବିଷୟରେ ଆଗାମୀ ପିଢ଼ି ଜାଣିବା ନିହାତି ଆବଶ୍ୟକ ବୋଲି ଡ. ଦାସ ଉଲ୍ଲେଖ କରିଥିଲେ ।

ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣରେ କହିଥିଲେ ଯେ ଚକ୍ରଧର ବେହେରା ଥିଲେ ଜଣେ ସାଲିସ ବିହୀନ କ୍ରାନ୍ତିକାରି ପୁରୁଷ । ସେ ସମୟରେ ରାଜାଙ୍କ ଦ୍ୱାରା ଆଦାୟ କରାଯାଉଥିବା ୬୪ ପ୍ରକାର କର ଯାହା ପ୍ରଜାମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା, ତାହା ବିରୁଦ୍ଧରେ ସ୍ୱର ଉତୋଳନ କରି କନିକା ପ୍ରଜା ଆନ୍ଦୋଳନକୁ ସେ ସାମାଜିକ କ୍ରାନ୍ତିରେ ପରିଣତ କରିଥିଲେ । ଏହି ଆନ୍ଦୋଳନକୁ ତୀବ୍ରତର କରି ସେ ବ୍ରିଟିଶ ଶାସନ ତଥା ସ୍ଥାନୀୟ ରାଜାଙ୍କ ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ କରି କାରବରଣ କରିଥିଲେ। ସେ କନିକା ରାଜା କିମ୍ବା ବ୍ରିଟିଶ କର୍ତ୍ତୃପକ୍ଷଙ୍କ ନିକଟରେ ମୁଣ୍ଡ ନୁଆଁଇ ନଥିଲେ । ଚକ୍ରଧର ବେହେରା କେବଳ ଏକ ଜନନେତା ନ ଥିଲେ ବରଂ ସେ ଲୋକମାନେ ଭିତରେ ଆତ୍ମବିଶ୍ୱାସ ଓ ସ୍ୱାଧୀନତାର ଆଲୋକ ଜାଗ୍ରତ କରିଥିଲେ। ତାଙ୍କର ଜୀବନାଦର୍ଶ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଶ୍ରୀ ଦାସ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ ମହାନ ଜନନାୟକ ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ମୃତି ଚାରଣ କରିବା ପୂର୍ବକ ତାଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ନିବେଦନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତରଙ୍ଗ ଅନୁଷ୍ଠାନର ବିଶିଷ୍ଟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା ।




# ୨୧ରେ ସଂସଦ ଘେରାଉ କରିବ କଂଗ୍ରେସ

**ଭୁବନେଶ୍ୱର,୧୭।୭ (ମହାଭାରତ):** ଆସନ୍ତା ୨୧ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହି ସମୟରେ ସଂସଦ ଘେରାଉ କରିବ କଂଗ୍ରେସ। ଘେରାଉ ବେଳେ ଓଡିଶା ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ। ଏଠି ସିଷ୍ଟମ ପୁରା ଫେଲ। ତେଣୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଲାଗୁ ହେଉ ବୋଲି ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଦାବି କରିଛନ୍ତି।

କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଲାମ୍ବା କହିଛନ୍ତି, ରାହୁଲ ଗାନ୍ଧୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ପ୍ରସଙ୍ଗରେ ଦୁଇ ଦିନ ହେବ ଲଗାତର ସୋସିଆଲ ମିଡିଆରେ ଖୋଭ ପ୍ରକାଶ କରିଛନ୍ତି। ପୂର୍ବରୁ ଆମ ବିଧାୟକମାନେ ମହିଳା ସୁରକ୍ଷା ପାଇଁ ଆଲୋଚନା କରିବାକୁ ଦାବି କରିବାରୁ ତାଙ୍କୁ ବିଧାନସଭାରୁ ବାହାର କରିଦେଲେ। ଏବେ ପୁଣି ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଯୌନ ନିର୍ଯାତନା ଦିଆ ଯାଉଥିଲା। ସେ ସମସ୍ତଙ୍କୁ ଜଣାଇ ଥିଲା। ହେଲେ ସରକାର ନୀରବ ଥିଲେ। ଓଡିଶା ମହିଳାଙ୍କ ପାଇଁ ମୃତ୍ୟୁ କୂପ ସାଜିଛି। ମାତ୍ର ପ୍ରଧାନମନ୍ତ୍ରୀ ମୋଦି ଆଦୌ ଚିନ୍ତିତ ନୁହନ୍ତି। ଗୋଟେ ଧାଡ଼ି ବି ତାଙ୍କ ପାଇଁ ଲେଖି ନାହାନ୍ତି। ରାଷ୍ଟ୍ରପତି ଚିନ୍ତା ପ୍ରକଟ କରୁଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ, ସାଂସଦ, ବିଧାୟକ ସବୁ ଜାଣି ସୁଦ୍ଧ ଚୁପ ଥିଲେ। କିଛି କଲେନି। ଝିଅକୁ ଆତ୍ମହତ୍ୟା କରିବାକୁ ବାଧ୍ୟ କଲେ। ଓଡିଶାରେ ଚାଳିଶ ହଜାର ମହିଳା ଜିଖୋଜ। ପ୍ରଧାନମନ୍ତ୍ରୀ ଯଦି ଏହି ଝିଅକୁ ଦେଖା କରିଥାନ୍ତେ ତେବେ ସେ ଆଜି ମାରିନଥାନ୍ତା। ଓଡ଼ିଶାରେ ନାରୀ ନିର୍ଯାତନା ମାମଲା ସାରା ଦେଶକୁ ହଲାଇ ଦେଇଛି। ରାଜସ୍ଥାନ, ଉତ୍ତରପ୍ରଦେଶ, ସମେତ ନଅ ବିଜେପି ଶାସିତ ରାଜ୍ୟରେ ମହିଳା ଅତ୍ୟାଚାର ବଢ଼ିଛି। ଓଡିଶାରେ ପୁଲିସ କାର୍ଯ୍ୟାନୁଷ୍ଠାନ କରିବାକୁ ଡ଼ରୁଛି। ରାଜନୈତିକ ହସ୍ତକ୍ଷେପ ବଢ଼ିଛି। ପୁଲିସ ଉପରେ ଚାପ ବଢ଼ିଛି। ପ୍ରତି ଜିଲ୍ଲା, ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଯିବ ମହିଳା କଂଗ୍ରେସ। ନାରୀକୁ ସୁରକ୍ଷା ମିଳିବା ଯାଏ ଲଢ଼ିବ। ସଡ଼କରୁ ସଂସଦ ଯାଏ ଲଢ଼େଇ ହେବ।

# ଭିଜନ ଡକ୍ୟୁମେଣ୍ଟ କାର୍ଯ୍ୟକାରିତା ନେଇ ସଚିବସ୍ତରୀୟ ବୈଠକ

**ଭୁବନେଶ୍ୱର,୧୭।୭ (ମହାଭାରତ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ସଚିବ ସ୍ତରୀୟ ବୈଠକ ଲୋକସେବାଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରି ଆବଶ୍ୟକ ନିର୍ଦ୍ଦେଶ ଓ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଓଡ଼ିଶା ଭିଜନ ଡକ୍ୟୁମେଣ୍ଟକୁ ପ୍ରଧାନମନ୍ତ୍ରୀ ଗତ ଜୁନ୨୦ ତାରିଖରେ ଉନ୍ମୋଚନ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଭିନ୍ନ ବିଭାଗରେ ସଂସ୍ଥାଗତ ଢ଼ାଞ୍ଚା ଓ ଉତ୍ସର୍ଗୀଗତ ବ୍ୟବସ୍ଥା ପୂର୍ବକ ଆନ୍ତଃ ବିଭାଗୀୟ କାର୍ଯ୍ୟକାରୀ ଗ୍ରୁପ(ୱାର୍କିଂ ଗ୍ରୁପ୍ ) ଦ୍ୱାରା ସମନ୍ୱୟ ଓ କାର୍ଯ୍ୟାନ୍ୱୟନ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ, ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଆଦି ସଂସ୍ଥାରେ ଦିଆଯାଇଥିବା ବିଭିନ୍ନ ପ୍ରଶିକ୍ଷଣରେ ଭିଜନ ଡକ୍ୟୁମେଣ୍ଟରେ ରହିଥିବା ଅଭିମୁଖ୍ୟ ସଂପର୍କିତ ତାଲିମ ଅନ୍ତର୍ଭୁକ୍ତ କରିବା ନେଇ ସୂଚନା ଦେଇଥିଲେ।

ଜନକୈନ୍ଦ୍ରିକ ଶାସନ ବ୍ୟବସ୍ଥାର ସୁପରିଚାଳନାକୁ ଦୃଷ୍ଟିରେ ରଖି ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ସେବାଗୁଡିକୁ ସିଏମଜିଆଇ ଦ୍ୱାରା ବିକାଶ ହେଉଥିବା କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥାରେ ଉପଲବ୍ଧ କରାଯିବା ସଂପର୍କରେ, ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ କ୍ଷେତ୍ର ପରିଦର୍ଶନରେ ଯାଇ ତୃଣମୂଳ ସ୍ତରରେ କିପରି ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି, ତାହାକୁ ଅନୁଧ୍ୟାନ କରିବାକୁ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ ଅନୁପାଳନ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗୃହ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତଥା ଇସ୍ପାତ ଓ ଖଣିବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ଶିଳ୍ପ ଓ ଏମ୍ଏସ୍ଏମ୍ଇ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ମାନେ ଯୋଗ ଦେଇଥିଲେ।

# ଆଗାମୀ ବର୍ଷ କାର୍ଯ୍ୟକ୍ଷମ ହେବ ଝାରସୁଗୁଡ଼ା କାର୍ଡିଓଲୋଜି ହସ୍ପିଟାଲ

**ଭୁବନେଶ୍ୱର,୧୭।୭ (ମହାଭାରତ):** ଝାରସୁଗୁଡ଼ା ଜିଲ୍ଲା ତଥା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆଲୋଚନା ଅନୁଯାୟୀ ଆସନ୍ତା ୨୦୨୬ ମସିହା ଜାନୁଆରୀ ମାସ ସୁଦ୍ଧା ଝାରସୁଗୁଡ଼ା ହୃଦ୍‌ରୋଗ ହସ୍ପିଟାଲ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବା ସହିତ ଶ୍ରୀ ଶ୍ରୀ ରବିଶଙ୍କର ଫାଉଣ୍ଡେସନ୍ ପକ୍ଷରୁ ପ୍ରସ୍ତାବିତ ମେଡ଼ିକାଲ କଲେଜ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଜିଲ୍ଲା ସଦର ମହକୁମା ହସ୍ପିଟାଲର ଉନ୍ନତିକରଣ ସହ ଖାଲିଥିବା ଡାକ୍ତର ପଦବୀଗୁଡ଼ିକୁ ପୂରଣ କରିବା ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା।

ଲଖନପୁରଠାରେ ଖୁବ୍ ଶୀଘ୍ର ଆଇଟିଆଇ ପ୍ରତିଷ୍ଠାନ ପ୍ରତିଷ୍ଠା ହେବାକୁ ଥିବାବେଳେ ବେଲ୍ ପାହାଡ଼ଠାରେ ରେଳ ଓଭରବ୍ରିଜ୍ କାର୍ଯ୍ୟ ଆରମ୍ଭ ହେବ। ଝାରସୁଗୁଡ଼ା ଜିଲ୍ଲାର କୁମାରବନ୍ଧ, ଟେମ୍ପୋରିପଡ଼ା ରାସ୍ତାଠାରୁ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଭାୟା ରାମପେଲା ସେତୁ ପର୍ଯ୍ୟନ୍ତ ରାସ୍ତାର ସୁଦୃଢ଼ିକରଣ ଓ ପ୍ରଶସ୍ତିକରଣ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯିବ। ଜିଲ୍ଲାର ଲଖନପୁର ବ୍ଲକ୍ ର ପୁଝାରିପାଲିଠାରୁ ବରଗଡ଼ ଜିଲ୍ଲା ଆମ୍ବଭନା ବ୍ଲକ୍ ଅନ୍ତର୍ଗତ ଜରିମୁଲି ପର୍ଯ୍ୟନ୍ତ ସମ୍ପର୍କ ସେତୁର ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରାଯାଇଥିଲା ଓ ଏହି କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ପାଇଁ ଆଲୋଚନା ହୋଇଥିଲା। ଏମ୍‌ସିଏଲ୍ ମାଇନିଂ ଅଂଚଳଠାରୁ ବେଲପାହାଡ଼ ମହିମା ଛକ ପର୍ଯ୍ୟନ୍ତ କୋଲ୍ କରିଡର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିଷ୍ପତି ନିଆଯାଇଥିଲା ।

ଝାରସୁଗୁଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଭିତିଭୂମିର ପୁନଃନିର୍ମାଣ କାର୍ଯ୍ୟ ଅଗ୍ରାଧିକାର ଭିତିରେ ସାରିବାକୁ ନିଷ୍ପତି ନିଆଯାଇଥିଲା । ସେହିପରି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ନୂତନ ଜଳସେଚନ ପ୍ରକଳ୍ପ ସହ ବ୍ରଜରାଜନଗର ମୁନିସିପାଲିଟି କଡ଼ରେ ଇବ୍ ନଦୀ କୂଳରେ ବନ୍ଧ ତଥା ରିଙ୍ଗ୍ ରୋଡ୍ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ଝାରସୁଗୁଡ଼ା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଜିଲ୍ଲାର ସମସ୍ତ ଉନ୍ନୟନ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ ହେବା ସହିତ ସମସ୍ତ ପ୍ରକଳ୍ପର ଗୁଣାତ୍ମକ ମାନର ଦିଗ ପ୍ରତି ଗୁରୁତ୍ୱ ଦିଆଯାଉଛି। ଏହି ସବୁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଦ୍ୱାରା ଜିଲ୍ଲାବାସୀ ଉପକୃତ ହୋଇପାରିବେ। ବୈଠକରେ ଝାରସୁଗୁଡ଼ା ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ, ରାଜସ୍ୱ ଓ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଏସ୍. ଅଶ୍ୱଥି, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍. ଏନ୍., ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଯାମିନୀ ଷଡଙ୍ଗୀ, ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଦେବ ସିଂ, ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନିଲ୍ ନରଭଣେ ପ୍ରମୁଖ ଉପସ୍ଥିତ ଥିଲେ।



# ଟାଙ୍ଗୀରେ ସାମୁହିକ ପାଠାଗାର ଓ କୋଚିଂ ସେଂଟର ପାଇଁ ଶିଳାନ୍ୟାସ

**ଭୁବନେଶ୍ୱର,୧୭।୭ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଅଂଚଳର ୨୬ ଟି ପଂଚାୟତ ଓ ୧୪ ମଉଜା ର ଜନ ସାଧାରଣ ଙ୍କ ପାଇଁ ବହୁ ଆବଶ୍ୟକୀୟ କାର୍ଯ୍ୟ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଅଂଚଳର ଲୋକ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ସାମୁହିକ ପାଠାଗାର ଓ କୋଚିଂ ସେଣ୍ଟର ପାଇଁ ସାଂସଦ ଶିଳାନ୍ୟାସ କରିଥିବା ବେଳେ ଆଗାମୀ ଦିନରେ ଟାଙ୍ଗୀ ଅଂଚଳର ପିଲା ମାନେ ସେଠାରେ ବିଭିନ୍ନ ପୁସ୍ତକ ପଢ଼ିବାର ସୁଯୋଗ ପାଇବେ। ଏଥିସହିତ ବିଭିନ୍ନ ଉଚ୍ଚ ଶିକ୍ଷା ଓ ପ୍ରତିଯୋଗିତା ମୂଳକ ପରୀକ୍ଷା ର ପ୍ରସ୍ତୁତି ପାଇଁ ଏହା ସହଯୋଗ କରିବ। ଏପରିକି ସାଂସଦ ଅପରାଜିତା, ନିଜେ ମଧ୍ୟ ଏଠାରେ ପଢ଼ାଇବେ ବୋଲି ଶିଳାନ୍ୟାସ ଅବସରରେ ସୂଚନା ଦେଇଛନ୍ତି ଅପରାଜିତା।

ବ୍ଲକ କାର୍ଯ୍ୟାଳୟ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ସାଂସଦ ,ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୧୪ ଟି ମୌଜାର ୪୨ ଜଣ ଭୂମିହିନ ଙ୍କୁ ସରକାର ଙ୍କ ବସୁନ୍ଧରା ଯୋଜନା ଅନ୍ତର୍ଗତ ୪ ଡିସିମିଲ ଲେଖାଏଁ ଜମି ପଟ୍ଟା ବଂଟନ କରିଛନ୍ତି। ୧୯୬୨ ଲ୍ୟାଣ୍ଡ ସେଟେଲମେଂଟ ନିୟମ ଅନୁଯାୟୀ ଅଂଚଳର ଏହି ୪୨ ଜଣ ଭୂମିହୀନ ଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଉକ୍ତ ଜମିରେ ପ୍ରଧାନମନ୍ତ୍ରୀ ଆବାସ ସମେତ ଅନ୍ୟାନ୍ୟ ସରକାରୀ ସୁବିଧା ମାନ, ପଟ୍ଟା ଧାରୀ ମାନେ ପାଇପାରିବେ । ଏଥିସହିତ ଏହି ଅବସରରେ ବ୍ଲକ ର ୨୬ ପଞ୍ଚାୟତ ରୁ ତିନିଜଣ ଲେଖାଏଁ ପରିବାର ଙ୍କୁ, ଅର୍ଥାତ୍ ୭୮ ଟି, ରାସନ୍ କାର୍ଡ ମଧ୍ୟ ପ୍ରଦାନ କରିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ। ପ୍ରତିମାସ ଏହି ରାସନ୍ କାର୍ଡ ଜରିଆରେ ପରିବାର ର ପ୍ରତ୍ୟେକ ସଦସ୍ୟ ପିଛା ୫ କିଲୋ ଚାଉଳ, ୧୨୫୦ଗ୍ରାମ ମାଣ୍ଡିଆ, ୭୦୦ମିଲି ଲିଟର କିରୋସିନ ଓ ମେଡ଼ିକାଲ ସୁବିଧାର ଲାଭ ଉଠାଇ ପାରିବେ କାର୍ଡ ଧାରୀ। ଏହି ଅବସରରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ସମେତ ,ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ସାଂସଦ ପ୍ରତିନିଧି ବିଦ୍ୟୁତ୍ କାଣ୍ଡି, ସ୍ଥାନୀୟ ବିଡ଼ିଓ, ତହସିଲଦାର, ଭାଇସ୍ ଚ୍ୟାୟାରମେନ୍ ଓ ଅନ୍ୟାନ୍ୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।




# ସୌମ୍ୟଶ୍ରୀଙ୍କ ପିତା ସହ କଥା ହେଲେ ରାହୁଲ ଗାନ୍ଧି

**ଭୁବନେଶ୍ୱର,୧୭।୭ (ମହାଭାରତ):** ବାଲେଶ୍ୱର ସ୍ଥିତ ଫକୀର ମୋହନ ଅଟୋନୋମସ୍ କଲେଜର ୨୦ ବର୍ଷୀୟ ଛାତ୍ରୀ ସୌମ୍ୟଶ୍ରୀଙ୍କ ଆତ୍ମହତ୍ୟା ଘଟଣାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ପିତାଙ୍କ ସହ ଟେଲିଫୋନ ଯୋଗେ କଥାବାର୍ତା କରିଛନ୍ତି ଓ ପରିବାରକୁ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ ପାଇଁ ଭରସା ଦେଇଛନ୍ତି। ଶିକ୍ଷକଙ୍କ ଦ୍ୱାରା ମାନସିକ ଓ ଯୌନ ଉତ୍ପୀଡନରେ ଅତିଶୟ ଦୁଃଖୀ ହୋଇ ସୌମ୍ୟଶ୍ରୀ ଆତ୍ମଦାହ କରିଥିଲେ। ରାହୁଲ ଗାନ୍ଧୀ ଏହି ଦୁଃଖଦ ଘଟଣାକୁ "ଅମାନବିକ ଓ ଲଜ୍ଜାଜନକ" ବୋଲି କୁହି ତାହାର ତୀବ୍ର ନିନ୍ଦା କରିଛନ୍ତି। ରାହୁଲ ଗାନ୍ଧୀ ଟ୍ୱିଟ୍ କରି କରିଛନ୍ତି ଯେ. 'ଓଡ଼ିଶାର ବାଲେଶ୍ୱରରେ ନ୍ୟାୟ ପାଇଁ ଲଢ଼ି ଜୀବନ ହରାଇଥିବା ସାହସୀ ଝିଅର ପିତାଙ୍କ ସହ କଥାହେଲି। ତାଙ୍କର କଥାରେ ଝିଅର ଦୁଃଖ, ସ୍ୱପ୍ନ ଓ ସଂଘର୍ଷକୁ ଅନୁଭବ କଲି।

# ଆରୋମା ମ୍ୟାଜିକ୍ ବର୍ତମାନ ଏକ ନୂତନ ରୂପରେ

**ଭୁବନେଶ୍ୱର,୧୭।୭ (ମହାଭାରତ):** ଭାରତର ଅଗ୍ରଣୀ ଆରୋମାଥେରାପି କମ୍ପାନୀ ବ୍ଲୋସମ କୋଚର ଆରୋମା ମ୍ୟାଜିକ୍ ଗର୍ବର ସହ ଏହାର ଆଇକନିକ୍ ରେଞ୍ଜର ଏସେନ୍ସିଆଲ ଅଏଲର ପୁନଃ ଶୁଭାରମ୍ଭ ଘୋଷଣା କରିଛି। ୧୫ଟି ତେଲ ଏବେ ୧୦ ମିଲିଲିଟର ନୂଆ ପ୍ୟାକେଜିଂରେ ରହିଛି ଏବଂ ଏଥିରେ ଲାଭେଣ୍ଡର, ତୁଳସୀ, ଚନ୍ଦନ, ଗୋଲାପ, ନେରୋଲି, ଲେମନଗ୍ରାସ, ଚା' ଗଛ, ୟେଲାଙ୍ଗ ୟେଲାଙ୍ଗ ଆଦି ରହିଛି। ଅତ୍ୟାବଶ୍ୟକ ତେଲକୁ ଗଛର ଆତ୍ମା ବୋଲି କୁହାଯାଏ ଏବଂ ପତ୍ର, ଫଳ, ଫୁଲ ଏବଂ ମଞ୍ଜି ଭଳି ଗଛର ବିଭିନ୍ନ ଅଂଶରୁ ଉତୋଳନ କରାଯାଉଥିବା ଅତ୍ୟଧିକ କେନ୍ଦ୍ରୀଭୂତ ଅଣୁ କୁହାଯାଏ । ଆମର ଅତ୍ୟାବଶ୍ୟକ ତେଲ କେବଳ ସୌନ୍ଦର୍ଯ୍ୟ କିମ୍ବା ସୁସ୍ଥତା ଉତ୍ପାଦ ନୁହେଁ,' କହିଛନ୍ତି ବ୍ଲୋସମ କୋଚର ଗ୍ରୁପ୍ ଅଫ୍ କମ୍ପାନିର ଅଧ୍ୟକ୍ଷ ତଥା ଭାରତରେ ଆରୋମାଥେରାପିର ଅଗ୍ରଣୀ ଡ. ବ୍ଲୋସୋମ କୋଚର। ଗଛର ଫୁଲ, ପତ୍ର, ଡାଳ ଏବଂ ମୂଳରୁ ଉତ୍ପନ୍ନ ଅତ୍ୟାବଶ୍ୟକ ତେଲ ଗଭୀର ସୁସ୍ଥତା ଏବଂ ସନ୍ତୁଳନ ଗୁଣ ପ୍ରଦାନ କରିଥାଏ । ନିଶ୍ୱାସ ପ୍ରଶ୍ୱାସରେ ଥିବା ସୁଗନ୍ଧ ଲିମ୍ବିକ୍ ସିଷ୍ଟମକୁ ଉତ୍ସାହିତ କରିଥାଏ – ଭାବନା ଏବଂ ସ୍ମୃତିର ଘର – ଯେତେବେଳେ କି ସାମୟିକ ପ୍ରୟୋଗ ଧୀରେ ଧୀରେ ଶାରୀରିକ ଆରାମ ଏବଂ ଚର୍ମ ସ୍ୱାସ୍ଥ୍ୟକୁ ସମର୍ଥନ କରେ । ପ୍ରତ୍ୟେକ ବୁନ୍ଦା ପୃଥିବୀ ସହିତ ଆମର ଗଭୀର ସମ୍ପର୍କ ଏବଂ ଏହାର ବୁଦ୍ଧିକୁ ସ୍ୱାଭାବିକ ଭାବରେ ମନେ ପକାଇଦିଏ। ଏହି ଅବସରରେ ଡ. ବ୍ଲୋସମ କୋଚର ସେଲୁନ୍ ପ୍ରଫେସନାଲମାନଙ୍କ ପାଇଁ ତାଙ୍କର ବିଭିନ୍ନ ଉତ୍ପାଦ ବିଷୟରେ ଆଲୋଚନା କରିବା ସହ ଜୁଏଲ କିଟ୍ ଏବଂ ନୂତନ ଭାବେ ଲଂଚ ହୋଇଥିବା ଭିଟାବୁଷ୍ଟ ଏବଂ ମୋଚା କିଟ୍‌ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ।

# ଛାତ୍ରୀ ମୃତ୍ୟୁକୁ ନେଇ ରାଜନୀତି କରୁଛି ଛାତ୍ର ବିଜେଡି ଓ କଂଗ୍ରେସ : ଏବିଭିପି

**ଭୁବନେଶ୍ୱର,୧୭।୭ (ମହାଭାରତ):** ସୌମ୍ୟଶ୍ରୀ ବିଶି ମୃତ୍ୟୁକୁ ନେଇ ରାଜନୀତି କରୁଛି ଛାତ୍ର ବିଜେଡି ଓ କଂଗ୍ରେସ ବୋଲି ଅଭିଯୋଗ ଆଣିଛି ଏବିଭିପି। ବୁଧବାର ଏବିଭିପି ବାଣୀବିହାର କ୍ୟାମ୍ପସରୁ ନେଇ ବାଣୀବିହାର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ରାଲି କରିଥିଲା। ଏହା ସହ ଦୀର୍ଘ ୧ ଘଂଟା ଧରି ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲା।

ଏବିଭିପି ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି ଯେ ସୌମ୍ୟଶ୍ରୀ ଲଢେଇ କରିବା ଦିନରୁ ହିଁ ଏବିଭିପି ତା ସହିତ ଥିଲା। ଦୁଃଖର ବିଷୟ ସେ ସମୟରେ ଛାତ୍ର ବିଜେଡି ଓ କଂଗ୍ରେସ ସୋସିଆଲ ମିଡିଆରେ ଝିଅକୁ ଅଶାଳୀନ ମନ୍ତବ୍ୟ ଦେଉଥିଲେ। ଏମିତିକି ଚରିତ୍ର ସଂହାର କରିବାକୁ ପଛେଇ ନଥିଲେ। ଆଜି ସେ ଝିଅର ମୃତ୍ୟକୁ ନେଇ ହିନ ରାଜନୀତି କରୁଛନ୍ତି। ସେମାନେ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ନେଉ। ସେ ଝିଅକୁ ମାନସିକ ଚାପ ପକେଇଛନ୍ତି। ତାକୁ ମୃତ୍ୟୁ ପାଇଁ ସୋସିଆଲ ମିଡିଆରେ କହିଛନ୍ତି। ଆଉ ଏବେ ମିଛ କାନ୍ଦଣା କାନ୍ଦୁଛନ୍ତି। କଲେଜ କ୍ୟାମ୍ପସରେ ଆଇସିସି ଗଠନ କେବଳ ନୁହେଁ କମିଟି ସବୁ ଅଭିଯୋଗକୁ ଗୁରୁତ୍ୱର ସହ ନେଉ ବୋଲି ଦାବି ରଖିଛନ୍ତି। ସେପଟେ ଛାତ୍ରୀ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଅଧକ୍ଷ ଓ ଅଧ୍ୟାପକଙ୍କ ଉପରେ ଆହୁରି କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛି ଏବିଭିପି।

# ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ୍‌କମିଟି ବୈଠକ

**ଭୁବନେଶ୍ୱର,୧୭।୭ (ମହାଭାରତ):** ଭୁବନେଶ୍ୱର ମେଟ୍ରୋ ରେଳ ପ୍ରୋଜେକ୍ଟ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ବୈଠକ ବୁଧବାର ଲୋକସେବା ଭବନ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ସବ୍ କମିଟି ଗଠନ କରାଯାଇଥିଲା ଯାହାର ଚେୟାରମ୍ୟାନ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଛନ୍ତି। ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟର ମୋବିଲିଟି ଓ ପରବର୍ତୀ ପଦକ୍ଷେପ କଣ ରହିବ ସେନେଇ ବୈଠକରେ ଆନ୍ତଃ ବିଭାଗୀୟ ସମନ୍ୱୟ ବିଷୟରେ ଆଲୋଚନା କରାଯାଇଛି । ଏଥି ସହିତ ଭୁବନେଶ୍ୱର ସହରର ଦୃଢ଼ ଓ ଦକ୍ଷ ସାର୍ବଜନୀନ ପରିବହନ ବ୍ୟବସ୍ଥା, ସୁଗମ ଟ୍ରାଫିକ ପରିଚାଳନା ନିମନ୍ତେ କମ୍ପ୍ରେସିଭ ମୋବିଲିଟି ପ୍ଲାନ, ରେଳ- ସଡ଼କ ପରିବର୍ତନ ପଥ ବିଷୟରେ ବୈଠକରେ ଆଲୋଚନା କରାଯାଇଛି । ଜନସାଧାରଣଙ୍କ ହିତ ଓ ଟ୍ରାଫିକ ଡ଼ିକଞ୍ଜେସନକୁ ଦୃଷ୍ଟିରେ ରଖି ମେଟ୍ରୋ ପ୍ରକଳ୍ପ ଉପରେ ପରବର୍ତୀ ପଦକ୍ଷେପ ନିଆଯିବ । ଏନେଇ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନର ସିଇଓ କଲ୍ୟାଣ ପଟ୍ଟନାୟକ, ବିକାଶ କୁମାର, ପ୍ରମିତ ଗର୍ଗ ପ୍ରମୁଖଙ୍କ ସହ ଆଲୋଚନା କରାଯାଇଛି। ଆଇନ, ପୂର୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ପ୍ରମୁଖ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ନଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ ବୈଠକରେ ଉପସ୍ଥିତ ନିଜର ମତାମତ ଉପସ୍ଥାପନ କରିଥିଲେ।



# ଓଡ଼ିଶା ଗସ୍ତରେ ଆସାମ ବିଧାନସଭାର ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି

**ଭୁବନେଶ୍ୱର,୧୭।୭ (ମହାଭାରତ):** ଆସାମ ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟିର ସଦସ୍ୟମାନେ ଓଡ଼ିଶା ଗସ୍ତରେ ଆସି ବୁଧବାର ବାଚସ୍ପତି ସୁରମା ପାଢ଼ୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ରାମେନ୍ଦ୍ର ନାରାୟଣ କାଲିଟାଙ୍କ ଅଧ୍ୟକ୍ଷତାରେ ଆସିଥିବା ଏହି ପ୍ରତିନିଧି ମଣ୍ଡଳୀ ଓଡ଼ିଶା ବିଧାନସଭାର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହେବା ସହ ରାଜ୍ୟ ବିଧାନସଭାର ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟିର ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ଏବଂ ସଦସ୍ୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପଦ୍ମଚରଣ ହାଇବୁରୁ, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଅଖିଳ ଚନ୍ଦ୍ର ନାଏକ, ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ମଙ୍ଗୁ ଖିଲ ପ୍ରମୁଖଙ୍କ ସହ କମିଟିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉଭୟ ରାଜ୍ୟରେ ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି ଗ୍ରହଣ କରିଥିବା ଉଲ୍ଲେଖନୀୟ କାର୍ଯ୍ୟକୁ ଆପଣାଇବା ପାଇଁ ସଦସ୍ୟମାନେ ସହମତି ପ୍ରକାଶ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଓଡ଼ିଶା ବିଧାନସଭାରେ ୪ଟି ଆର୍ଥିକ କମିଟି, ଆକାଉଂଟ କମିଟି, ଏଷ୍ଟିମେଟ୍ କମିଟି, ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ କମିଟି ସମେତ ୧୦ଟି ସ୍ଥାୟୀ କମିଟି, ୧୨ଟି ହାଉସ୍ କମିଟି, ୫ଟି ଆଇନ ଅନୁଯାୟୀ ଗଠିତ କମିଟି ଓ ଆମେନେଟିଜ୍ କମିଟି ସମେତ ଆଡ୍-ହକ୍ କମିଟି ସକ୍ରିୟ ଭାବେ କାର୍ଯ୍ୟ କରୁଛି । ଏହି ବୈଠକ ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚାକିରୀରେ ସ୍ୱଚ୍ଛତା ଜରୁରୀ

ପିଲାଙ୍କ ପାଠ ପଢ଼ା ବାବଦରେ ବାପା-ମା' ମାନେ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି । ପୁଣି ଚାକିରୀ ପାଇଁ ଅନେକ ସମୟରେ ଲାଞ୍ଚ ଦେବାକୁ ମଧ୍ୟ ଅଭିଭାବକମାନେ ପଛାଉ ନାହାଁନ୍ତି । ଏହା ହିଁ ଆମ ବ୍ୟବସ୍ଥାର ତ୍ରୁଟି । ଏହା ହେଉଛି ଦୁର୍ନୀତିର ମୂଳ କାରଣ । ଏଥିପାଇଁ ପିଲାଙ୍କୁ ଦୋଷ ଦେଲେ ହେବନି । ସେମାନଙ୍କ ପାଇଁ ସରକାରୀ ଚାକିରୀ ହେଉଛି ଜୀବନର ଲକ୍ଷ୍ୟ । ଆମ ବ୍ୟବସ୍ଥା ମଧ୍ୟ ତଦ୍ରୂପ । ୧୦ଜଣ ବ୍ୟକ୍ତି ମାସିକ ୧ ଲକ୍ଷ ଟଙ୍କାରେ ଚାକିରୀ କରିବା ଅପେକ୍ଷା ୧୦୦ଜଣଙ୍କୁ ମାସିକ ୨୦ ହଜାର ଟଙ୍କାରେ ଚାକିରୀ ଦେବା ଉଚିତ । ଏହା ଦ୍ୱାରା ବେକାର ସମସ୍ୟା ଅନେକାଂଶରେ ଦୂର ହୋଇପାରିବ । କିନ୍ତୁ ସରକାର କେବେ ଏ ସମ୍ପର୍କରେ ଚିନ୍ତା କରି ନାହାଁନ୍ତି । ଫଳସ୍ୱରୂପ ସରକାରୀ ଚାକିରୀ ପାଇବାକୁ ପିଲାମାନେ ସବୁ କିଛି ବାଜି ଲଗାଇ ଦେଉଛନ୍ତି, ଲାଞ୍ଚ ଦେଇ ଚାକିରୀ କରିବା, ପ୍ରଶ୍ନପତ୍ର ବିକ୍ରି ହେବା ଦେଖାଯାଉଛି । କେବେ କେମିତି ଏହା ପଦାରେ ପଡୁଛି । କିନ୍ତୁ ଅନେକ କ୍ଷେତ୍ରରେ ଯୋଗ୍ୟ ଏବଂ ନିଷ୍ପାପର ପିଲାମାନେ ଅନ୍ୟାୟର ଶୀକାର ହେଉଛନ୍ତି । ଦୁଇବର୍ଷ ତଳେ ବାଲେଶ୍ୱର ଜିଲ୍ଲା ପୋଲିସ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନଙ୍କ ଦ୍ୱାରା ଆୟୋଜିତ ଜେଇ ସିଭିଲ ପରୀକ୍ଷାର ପ୍ରଶ୍ନପତ୍ର ବିକ୍ରି ମାମଲାର ଛାନଭିନ କରି ବଡ଼ ଧରଣର ସଫଳତା ହାସଲ କରିଥିଲା । ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ରାଜ୍ୟ ବାହାରେ ଏକ ପ୍ରେସରୁ ଏହି ପ୍ରଶ୍ନପତ୍ର ଲିକ ହୋଇଛି । ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିଲା । ଏହି ଘଟଣାରେ ଓଏସଏସସିର କିଛି କର୍ମଚାରୀଙ୍କ ହାତ ରହିଥିଲା, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଆାଶ୍ଚର୍ଯ୍ୟଜନକ ଭାବେ ଏହାକୁ ଏଡ଼ାଇ ଦିଆଯାଉଛି । ଭାତ ହାଣ୍ଡିରୁ ଗୋଟିଏ ଚିପିଲେ ଯଥେଷ୍ଟ । ଏହି ଗୋଟିଏ ଘଟଣାରୁ ରାଜ୍ୟରେ କିପରି ସରକାରୀ ଚାକିରୀ ପାଇଁ ଦୁର୍ନୀତି ଚାଲିଛି ତାହା ସ୍ପଷ୍ଟ ହୋଇଯାଇଛି । ଯେଉଁମାନେ ଦୁର୍ନୀତି କରି ଚାକିରୀ ପାଉଛନ୍ତି, ସେମାନେ ନିଜ ଚାକିରୀ କାଳରେ ମଧ୍ୟ ଦୁର୍ନୀତି କରିବା ସ୍ୱାଭାବିକ । ଅନେକ ସରକାରୀ ଅଫିସରେ ବହୁ ଅଯୋଗ୍ୟ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଇଂରାଜୀରେ ଧାଡ଼ିଏ ଠିକ ଭାବେ ଲେଖିପାରିବେ ନାହିଁ । ସେଥିପାଇଁ ସେମାନେ ଠିକ ଭାବେ କାମ କରି ପାରୁ ନାହାଁନ୍ତି ଏବଂ ଲୋକମାନେ ହଇରାଣ ହେଉଛନ୍ତି । ଏବେ ଏସଏସସି ଦ୍ୱାରା ପରିଚାଳିତ ଅର୍ବାନ ଲୋକାଲ ବଡି ଆକାଉଣ୍ଟାଣ୍ଟ ପରୀକ୍ଷାର ପ୍ରଶ୍ନପତ୍ର ଲିକ ହୋଇଥିବା ଅଭିଯୋଗ ଆସିଛି । ଏହାର ଭିଜିଲାନ୍ସ ତଦନ୍ତ ହେବା ଉଚିତ । ସେହିପରି ନକଲି ସାର୍ଟିଫିକେଟରେ ଅନେକ ସରକାରୀ ସ୍କୁଲରେ ଶିକ୍ଷକ ଚାକିରୀ କରିଥିବା ଅଭିଯୋଗ ଆସିଛି । କେତେକ ନକଲି ସାର୍ଟିଫିକେଟ ମାଧ୍ୟମରେ ଡାକ ବିଭାଗରେ ଚାକିରୀ କରିଥିବାର ଅଭିଯୋଗ ମଧ୍ୟ ହେଉଛି । ଏହାର ପ୍ରମାଣ ମଧ୍ୟ ମିଳିଛି । ଅନେକ ଏଥିପାଇଁ ଚାକିରୀ ହରାଇବା ସହିତ ଗିରଫ ମଧ୍ୟ ହୋଇଛନ୍ତି । କିନ୍ତୁ ଯାହା କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । ଏହାର ଚେର ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ବ୍ୟାପିଛି । ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଉଚିତ । ସେହିପରି ଏଏସଓ ଚୟନ ପ୍ରକ୍ରିୟାରେ ମଧ୍ୟ ଦୁର୍ନୀତି ଅଭିଯୋଗ ଆସିଛି ଏବଂ ମାମଲା ହାଇକୋର୍ଟରେ ବିଚାରାଧିନ ରହିଛି । ହାଇକୋର୍ଟ ଏଏସଓ ଚୟନରେ ରାକ ଲଗାଇଛନ୍ତି । ଏହା ଦ୍ୱାରା ଅନେକ ପ୍ରାର୍ଥୀ ଅନ୍ୟାୟର ଶିକାର ମଧ୍ୟ ହେଉଛନ୍ତି । ତେଣୁ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଲାଗି ସରକାର ବ୍ୟବସ୍ଥାରେ ପରିବର୍ତ୍ତନ କରିବା ନିହାତି ଜରୁରୀ । ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ଏବଂ ଓଡ଼ିଶା ଲୋକସେବା ଆୟୋଗର ପୁନର୍ଗଠନ ଜରୁରୀ ।

# ବାସ୍ତବ ସତ୍ୟର ଅନୁସନ୍ଧାନ

> "ସତ୍‌ଜ୍ଞାନ ପାଇ ସତ୍ୟମାର୍ଗରେ ପରିଚାଳିତ ହେବା ଦ୍ୱାରା ମଣିଷ ନିଜ ଜୀବନର ପ୍ରାକୃତିକ ରହସ୍ୟକୁ ବୁଝି ପାରିବ ଏବଂ ପ୍ରାକୃତିକ ସତ୍ୟକୁ ଜାଣିବା ପରେ ନିଜକୁ ସାତ୍‌ମାର୍ଗରେ ପରିଚାଳିତ କରି ବାସ୍ତବ ସୁଖକୁ ଅନୁଭବ କରିପାରିବ । ଅନ୍ୟଥା ଜୀବନ ଶେଷ ପର୍ଯ୍ୟନ୍ତ ଆଜିର ଏହି ମିଥ୍ୟାଭରା ସମାଜରେ କେବଳ ମିଥ୍ୟା କୁହେଳିକା, ପ୍ରହେଳିକା ଗୁଡିକ ହିଁ ସର୍ବ ଶେଷ ବୋଲି ବିଚାରି ନିଜକୁ ଜାଳି ଜାଳି ଜୀବନ ଶେଷ କରିବାକୁ ହେବ ଯାହା ସମସ୍ତଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି ।

॥ ପଙ୍କଜ କୁମାର ପାଣିଗ୍ରାହୀ ॥

ବାସ୍ତବ ସତ୍ୟର ଅନୁସନ୍ଧାନ- ପଂଚମ ଅଧ୍ୟାୟରେ ଆଜି ଆଲୋଚନା କରିବା ଯେ ଭାବନା ଓ ସ୍ମରଣ ଶକ୍ତି ବୃଦ୍ଧି ହୁଏ କେମିତି ? ମଣିଷ ଜୀବନର ମହତ୍ୱ କ'ଣ ଓ ତାର ପ୍ରାକୃତିକ ସ୍ୱାଦ ଅନୁଭବ କରି ସେଗୁଡ଼ିକୁ ଚରିତାର୍ଥ କରିବାକୁ ଆମକୁ କ'ଣ ସବୁ କରିବାକୁ ହେବ ?

ଧୈର୍ଯ୍ୟ ଓ ସହନଶୀଳତା ମଣିଷକୁ ଭାବୁକତାର ରାସ୍ତା ଦେଖାଇ ଥାଏ ! ନିରୀକ୍ଷଣ, ଏକାଗ୍ରତା ଓ ଧ୍ୟାନ ଏହି ତିନୋଟି ଅସ୍ତ୍ର ସାହାଯ୍ୟରେ ନିଜର ସ୍ମରଣ ଶକ୍ତି ବୃଦ୍ଧି କରାଯାଇ ପାରିବ । ଧର୍ଯ୍ୟର ସୀମାରେଖା ତଥା ସହନଶୀଳତାର ମାପକାଠି ମଧ୍ୟରେ ରହି ମଣିଷ ସବୁ କଥାକୁ ବିଶ୍ଳେଷଣାତ୍ମକ ମାର୍ଗରେ ନିଜର ଚେତନାକୁ ପରିଚାଳିତ କରିବା ଦ୍ୱାରା ସତ୍ୟ ଅସତ୍ୟର ଗନ୍ଧ ବାରିବାରେ ସମର୍ଥ ହୋଇଥାଏ । ସ୍ମରଣିକା ସାହାଯ୍ୟରେ କୌଣସି ବିଷୟର ସଂଯୋଜିତ ସତ୍ୟତା ଉପରେ ସମୀକ୍ଷା କରିବା ସହଜ ସମ୍ଭବ ହୋଇଥାଏ । ସାଧାରଣ ମଣିଷ ଏଗୁଡ଼ିକ ଉପରେ ଆଦୌ ଧ୍ୟାନ ଦେଇନଥାନ୍ତି । କାରଣ ଆଜି ଦିନରେ ଏଗୁଡ଼ିକର ଶିକ୍ଷା ଆମ ସମାଜରେ କୌଣସି ସ୍ଥାନରେ ମଧ୍ୟ ନାହିଁ !

ହେଲେ କ'ଣ କଲେ ଜଣେ ସାଧାରଣ ମଣିଷ ତାହା କରିପାରିବ ?

ପ୍ରଥମେ ପାରିପାର୍ଶ୍ୱିକ ପରିସ୍ଥିତି ଜନିତ ଅତ୍ୟଧିକ ଧନ, ମାନ ଓ କ୍ଷମତା ଅର୍ଜନର ଦୌଡରୁ ନିଜକୁ କ୍ଷାନ୍ତ ରଖିବାକୁ ହେବ । ତାପରେ ସେଗୁଡ଼ିକ ଉପରେ ଉପଯୁକ୍ତ ଜ୍ଞାନ ଆହରଣର ପ୍ରକୃତ ମାର୍ଗ ଗୁଡ଼ିକୁ ଖୋଜି ବାହାର କରିବାକୁ ହେବ । ଏହି ବିଷୟ ଗୁଡ଼ିକ ଆଜି ଆମ ପରିବେଶରେ କୌଣସି ପୁସ୍ତକରେ ଉପଲବ୍ଧ ନୁହେଁ । ଏହା ପୂର୍ବ କାଳେ କେବଳ ଗୁରୁକୁଳ ଆଶ୍ରମରେ ଶିକ୍ଷା ଦିଆଯାଉଥିଲା ଯାହା ଆଜି କୌଣସି ଉତ୍ସରୁ ଆହରଣ କରିବା ବ୍ୟବସ୍ଥା ଆଉ ନାହିଁ । ନିଜେ ସେଗୁଡ଼ିକୁ ଅନୁସନ୍ଧାନ କରି ବାହାର କରିବାକୁ ହେବ । ଅନ୍ୟଥା ପ୍ରକୃତ ସମୀକ୍ଷକଙ୍କ ଠାରୁ ତାର ସତ୍ୟ ପଥ ଶିକ୍ଷା କରି ନିଜ ଜୀବନ ସହିତ ଯୋଡି ଆରମ୍ଭ କରିବାକୁ ହେବ ଚେତନା ଜ୍ଞାନ ସୃଷ୍ଟି କରିବା ପାଇଁ ସୁଯୋଗ । ଏଗୁଡ଼ିକ ଉତ୍ସାହର ସହିତ ଏକାଗ୍ର ଚିତ୍ତରେ କରିବା ଦ୍ୱାରା ମଣିଷର ବୁଦ୍ଧି ପ୍ରଖର ହୋଇଥାଏ । ହେଲେ ମଣିଷର ବୁଦ୍ଧି ପ୍ରଖର ହେବା ଦ୍ୱାରା ସେ ନିଜକୁ କିପରି ମଣିଷ ଭଳି ଗଢି ତୋଳି ପାରିବ ? ଏବଂ କ୍ଷିପ୍ର ବୁଦ୍ଧିକୁ ଚରିତାର୍ଥ କରି ମଣିଷ ଜୀବନର ପ୍ରାକୃତିକ ରହସ୍ୟକୁ ବୁଝି ତାର ସୁଖ ଅନୁଭବ କରିବ କେମିତି ?

ସ୍ୱଳ୍ପ ବୁଦ୍ଧି ସମ୍ପନ୍ନ ମଣିଷ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଅନ୍ୟ କାହା ଉପରେ ନିର୍ଭର କରି ବଂଚୁଥାଏ ଯାହା ହୁଏତ ଆଜି ଶିକ୍ଷିତ, ଅଶିକ୍ଷିତ, ଧନୀ, ଗରିବ ନିର୍ବିଶେଷରେ ପ୍ରାୟତଃ ସମସ୍ତଙ୍କୁ ଗ୍ରାସ କରି ରଖିଛି ସମାଜରେ । କିଛି କ୍ରୁର ଚତୁର ସେମାନଙ୍କ ଅଜ୍ଞାନତାର ସୁଯୋଗ ନେଇ ପ୍ରାୟତଃ ସବୁ ସମୟରେ ଅନେକ ବିଭ୍ରାନ୍ତିକର, ମିଥ୍ୟା ତଥ୍ୟ ଆଧାରରେ ଶୋଷଣ, ପ୍ରତାରଣା କରି ରଖିଛନ୍ତି ସର୍ବସାଧାରଣଙ୍କୁ । ତେଣୁ ସବୁ ବର୍ଗର ମଣିଷ ଏକ ରକମ କୃତ୍ରିମ ଜୀବନ ଯାପନ କରୁଥିବା ବେଳେ ପ୍ରାକୃତିକ ସତ୍ୟ କ'ଣ ଆଦୌ ଜାଣି ପାରୁନାହାନ୍ତି । କ୍ରୁର ଚତୁର ଷଡ଼ଯାନ୍ତ୍ରିକ ଉପାୟରେ ଏମିତି ପ୍ରହେଳିକା ସବୁ ସୃଷ୍ଟି କରିଥାନ୍ତି ସମାଜରେ ଯାହା ଏକ ମିଛି ମିଛିକା ଆନନ୍ଦ ଓ ଉନ୍ନତିର ମାର୍ଗଦର୍ଶୀ ଭଳି ଅନୁଭବ ହୋଇଥାଏ ସାଧାରଣ ଲୋକଙ୍କୁ । ସେମାନଙ୍କ ମିଥ୍ୟା ଭରା ଓ ସ୍ୱପ୍ନିଳ ନଭଶ୍ଚୁମ୍ବୀ ପ୍ରହେଳିକା ଗୁଡ଼ିକୁ ଗ୍ରହଣ କରି କିଛି ପାଇଯାଇଥିବା କେତେକ ମଣିଷଙ୍କ ବ୍ୟାପକ ଅହଂଭାବ କାରଣରୁ ଜ୍ଞାନ ବୋଲି ଏକ ଶବ୍ଦ ଉଭାନ ପ୍ରାୟ ସମାଜରୁ ! ପୁନର୍ବାର ଜ୍ଞାନର କୃତ୍ରିମ ନକଲ, ଶିକ୍ଷାକୁ ହିଁ ସର୍ବ ଶ୍ରେଷ୍ଠ ଏବଂ ସର୍ବ ଶେଷ ବୋଲି ବିଚାରୁଥିବା ମଣିଷଙ୍କ ସଂଖ୍ୟା ଆଜି ୯୯ ଶତକଡା ରହିଛି ଯାହା, ସବୁ ମଣିଷଙ୍କୁ ସାଧାରଣରେ ସମ୍ପୂର୍ଣ୍ଣ ଅଜ୍ଞାନ କରି ରଖିଛି ଆଜି ସମୟରେ । ଜ୍ଞାନ ଏକ ପ୍ରାକୃତିକ ଗୁଣ ଯାହା ମଣିଷକୁ ପ୍ରାକୃତିକ ସତ୍ୟ ଆଧାରିତ ଚେତନା ଦେଇଥାଏ । ତେଣୁ ଜ୍ଞାନ ବୃଦ୍ଧି ହେଲେ ମଣିଷ ଜୀବନର ସତ୍ୟତା ଉପରେ ଚେତନା ସୃଷ୍ଟି ହୋଇ ପାରିବ । ମଣିଷ ଜୀବନର ସତ୍ୟତା ଉପରେ ନିଜର ଜ୍ଞାନ ନଥାଇ ଆମେ ଯାହା ସବୁ କାହାଠାରୁ ଶୁଣି ବୁଝିଛେ ସେଗୁଡ଼ିକ ଆଦୌ ସତ୍ୟ ଆଧାରିତ ନୁହେ ! କାରଣ ତା ଉପରେ ଶିକ୍ଷା ଦେଉଥିବା ମଣିଷଟି ଜଣେ ବ୍ୟବସାୟୀ ମାତ୍ର । ଆଉ ଜଣେ ବ୍ୟପାରୀ ମାଛ ଖାଇବାକୁ ଦେଇ କେବେହେଲେ ଗାଡ଼ିଆ ଦେଖାଇ ନଥାନ୍ତି । ଅଧିକନ୍ତୁ ସେମାନେ ମଧ୍ୟ କୌଣସି ଗାଡ଼ିଆର ଠିକଣା ନପାଇ କେବଳ ମଧ୍ୟସ୍ଥିତା କରୁଥିବା ଜଣେ ଜଣେ ପ୍ରତିନିଧି ଭଳି କାର୍ଯ୍ୟ କରିଥାନ୍ତି । ତେଣୁ ସାଧାରଣ ମଣିଷକୁ ଜ୍ଞାନର ସତ୍ୟ ପଥ ଦେଖିବା ଏକ ସ୍ୱପ୍ନ ହୋଇ ଯାଇଅଛି ଆଜି ସମୟରେ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଆମେ କରିବା କ'ଣ ? ସମାଜର ସେହି ଗଭୀର ମିଥ୍ୟାଭରା କୃତ୍ରିମ ପଙ୍କରୁ ନିଜକୁ ଉଦ୍ଧାର କରିବା କେମିତି ? ଏବଂ ବାସ୍ତବ ସତ୍‌ଜ୍ଞାନ ପାଇ ନିଜ ଜୀବନକୁ ସତ୍ୟ, ଶିବ, ସୁନ୍ଦର କରିବା କେମିତି ?

ସତ୍‌ଜ୍ଞାନ ପାଇ ସତ୍ୟମାର୍ଗରେ ପରିଚାଳିତ ହେବା ଦ୍ୱାରା ମଣିଷ ନିଜ ଜୀବନର ପ୍ରାକୃତିକ ରହସ୍ୟକୁ ବୁଝି ପାରିବ ଏବଂ ପ୍ରାକୃତିକ ସତ୍ୟକୁ ଜାଣିବା ପରେ ନିଜକୁ ସାତ୍‌ମାର୍ଗରେ ପରିଚାଳିତ କରି ବାସ୍ତବ ସୁଖକୁ ଅନୁଭବ କରିପାରିବ । ଅନ୍ୟଥା ଜୀବନ ଶେଷ ପର୍ଯ୍ୟନ୍ତ ଆଜିର ଏହି ମିଥ୍ୟାଭରା ସମାଜରେ କେବଳ ମିଥ୍ୟା କୁହେଳିକା, ପ୍ରହେଳିକା ଗୁଡ଼ିକ ହିଁ ସର୍ବ ଶେଷ ବୋଲି ବିଚାରି ନିଜକୁ ଜାଳି ଜାଳି ଜୀବନ ଶେଷ କରିବାକୁ ହେବ ଯାହା ସମସ୍ତଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି ।

ଚତୁର ବ୍ୟପାରୀ ନିଜର ମିଥ୍ୟା ସାମ୍ରାଜ୍ୟ ବିସ୍ତାର କରି ସାଧାରଣ ନିର୍ବୋଧଙ୍କୁ ଲୁଟୁଛନ୍ତି ଅହରହ । ବ୍ୟାପାରୀଙ୍କ ସଂଖ୍ୟା ସୀମିତ ରହିଥିବା ବେଳେ ସେମାନଙ୍କ ସୋପାନ ଅନେକ ରହିଛି ଆମ ସମାଜରେ । ତେଣୁ ଜଣେ ସାଧାରଣ ନିର୍ବୋଧ ମଣିଷ ସମାଜରେ ବିଭିନ୍ନ ସ୍ତରର ବ୍ୟାପାରୀଙ୍କ ଦ୍ୱାରା କେତେବେଳେ ପ୍ରତ୍ୟକ୍ଷରେ ତ ଆଉ କେତେବେଳେ ପରୋକ୍ଷରେ ଲୁଣ୍ଠିତ, ପ୍ରତାରିତ ହୋଇ ନିଜ ଜୀବନକୁ ଅଚିରେ ନଷ୍ଟ କରିବାରେ କୁଣ୍ଠା ବୋଧ ନାହିଁ କାହାର । ଅଧିକନ୍ତୁ ସେମାନେ ଅତ୍ୟନ୍ତ ଖୁସି, ଯେ ସମାଜରୁ କିଛି କଥା ଜାଣି ପାରୁଛନ୍ତି । କିନ୍ତୁ ଏହା ବୁଝିନାହାନ୍ତି ଯେ ସେଗୁଡ଼ିକ ସବୁ କୃତ୍ରିମ, ଅସତ୍ୟର ଭଣ୍ଡାର ବୋଲି ! କାରଣ ସେମାନଙ୍କ ଅଜ୍ଞାନତା କାରଣରୁ ମିଥ୍ୟକୁ ସତ୍ୟ ବୋଲି ବିଚାରୁଛନ୍ତି ସମସ୍ତେ ।

ପ୍ରଥମେ କୁହାଯାଇଥିବା ତିନୋଟି ଅସ୍ତ୍ରର ପ୍ରୟୋଗ ଶିକ୍ଷା କରିବାକୁ ହେବ ଯାହା ଏକ ଜଟିଳ ବିଷୟ । କିନ୍ତୁ ସେଗୁଡ଼ିକୁ ଉପଯୁକ୍ତ ମାର୍ଗରେ ପରିଚାଳିନା କରିବା ଶିକ୍ଷା କରିପାରିଲେ ଅତ୍ୟନ୍ତ ସରଳ ହୋଇଯିବ ଜୀବନ, ଯାହା ଆମକୁ ସତ୍ୟ ମାର୍ଗରେ ପରିଚାଳିତ ହେବାରେ ସାହାଯ୍ୟ କରିବ । ଆଉ, ଥରେ ଏହି ତିନୋଟି ଅସ୍ତ୍ରର ପ୍ରୟୋଗ ଶିକ୍ଷା କରିବା ପରେ ମଣିଷ ମନର ଅନୁଭୂତିରେ ଏକ ଆଶାତୀତ ପରିବର୍ତ୍ତନ ଆସିବ । ପ୍ରଚଳିତ ଅଲୌକିକ ବିଚାର ଗୁଡ଼ିକରୁ ନିଜକୁ ରକ୍ଷାକରି ପ୍ରକୃତିର ବାସ୍ତବ ସତ୍ୟକୁ ବୁଝିବାରେ ସକ୍ଷମ ହୋଇପାରିବ । ଥରେ ପ୍ରାକୃତିକ ସତ୍ୟର ସ୍ୱାଦ ଅନୁଭବ କରିବା ପରେ ମଣିଷ ସେଗୁଡ଼ିକୁ ନିଜ ଜୀବନରେ ଚରିତାର୍ଥ କରି ବୀଜବନର ଲକ୍ଷ ତଥା ମଣିଷ ଜୀବନର ପ୍ରାକୃତିକ ରହସ୍ୟକୁ ବୁଝିବାରେ ସକ୍ଷମ ହେବ । ତାପରେ ମଣିଷ ନିଜକୁ ସମାଜର ଜଣେ କୃତକାର୍ଯ୍ୟ ସଦସ୍ୟର ପରିଚିତି ସୃଷ୍ଟି କରିବାରେ ସମର୍ଥ ହେବ । ଅନ୍ୟଥା ଜୀବନ ଶେଷ ପର୍ଯ୍ୟନ୍ତ କେବଳ ମିଥ୍ୟାରେ ପରିଚାଳିତ କରି ନିଜକୁ ଜଣେ ଅସତ୍ୟ ଆଧାର କୃତି ମଣିଷ ଭଳି ଜୀବନ ଶେଷ କରିବାରେ ଜୀବନ ନିରର୍ଥକ ହେବ ।

ଆଗାମୀ ଅଧ୍ୟାୟରେ ଆଲୋଚନା କରିବା ଯେ ଜଣେ କୃତି ମଣିଷ ଏବଂ ନିରର୍ଥକ ଜୀବନ ମଧ୍ୟରେ ପ୍ରଭେଦ କ'ଣ ? ତାର ପ୍ରଭାବ, ପ୍ରକୋପ ଜଣେ ସାଧାରଣ ମଣିଷର ଦୈନନ୍ଦିନ ଜୀବନରେ କ'ଣ ପଡିଥାଏ ? ଆଜି ପାଇଁ ଏତିକି । ଧନ୍ୟବାଦ ।

ୟୁଟ୍ୟୁବ୍-ସାମାଜିକ ଜନମଂଚ (ଭାରତ)
ଛତ୍ରପୁର, ଗାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ଆଜିର ସମାଜରେ ଜରାଶ୍ରମର ଆବଶ୍ୟକତା

॥ ପ୍ରଦୀପ୍ତ ଆଚାର୍ଯ୍ୟ ॥

ବରିଷ୍ଠ ମାନଙ୍କ ନିମନ୍ତେ ଜରାଶ୍ରମ ଶବ୍ଦଟି ଏକ ସମ୍ବେଦନଶୀଳ ଶବ୍ଦ । ପୂର୍ବ କାଳେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନାଥାଶ୍ରମ ପରିଚାଳନା କରୁଥିଲେ କିନ୍ତୁ ଜରାଶ୍ରମ ପ୍ରାୟ ନଥିଲା । ପିତୃମାତୃହୀନ ସନ୍ତାନ, ଅବୈଧ ସନ୍ତାନ ମାନଙ୍କୁ ଅନାଥାଶ୍ରମରେ ସ୍ଥାନ ଦିଆଯାଇ, ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରା ଯାଉଥିଲା । କାଳକ୍ରମେ ପରିବର୍ତୀତ ସାମାଜିକ ବ୍ୟବସ୍ଥାରେ ଯୌଥ ପରିବାର ଲୋପ ପାଇ ଏକକ ପରିବାରର ସୃଷ୍ଟି ହେଲା । ମନୁଷ୍ୟର ସ୍ୱାର୍ଥପର ଚିନ୍ତନରୁ ଏକକ ପରିବାରର ସୃଷ୍ଟି ଏବଂ ଅସହାୟ ବୃଦ୍ଧ ପିତାମାତା ଏକକ ପରିବାର ନିମନ୍ତେ ଏକ ବୋଝ ସଦୃଶ । ଆଜିର ସମାଜରେ ନୈତିକତା ହ୍ରାସ ଏବଂ ଉଗ୍ର ଆଧୁନିକତା ବୃଦ୍ଧି ଯୋଗୁଁ ଏ ସମସ୍ୟାର ସୃଷ୍ଟି । ପିତା ମାତାଙ୍କ ସମ୍ପତିରେ ପୁତ୍ର ମାନଙ୍କର ଯେପରି ଅଧିକାର ଅଛି, ସେହିପରି ବୃଦ୍ଧାବସ୍ଥାରେ ସେମାନଙ୍କ ଯତ୍ନ ନେବା ମଧ୍ୟ ସେମାନଙ୍କର ନୈତିକ କର୍ତବ୍ୟ ଅଟେ । କିନ୍ତୁ ଅଧୁନା ସମାଜରେ ଏହାର ଏକ ବିରାଟ ବ୍ୟତିକ୍ରମ ଘଟିଛି । ଅସହାୟ ବୃଦ୍ଧ ପିତା ମାତାଙ୍କ ଦାୟିତ୍ୱ ବହନ କରିବାକୁ ଅଧିକାଂଶ ପୁତ୍ର ସମ୍ପୂର୍ଣ୍ଣ ଅନିଚ୍ଛୁକ । ଏହା ସାଧାରଣତଃ ଇଚ୍ଛାକୃତ ବା ଅନିଚ୍ଛାକୃତ ହୋଇଥାଏ । ପ୍ରାୟ ଦରିଦ୍ର ପରିବାର ଅପେକ୍ଷା, ମଧ୍ୟବିତ ଏବଂ ଉଚ୍ଚ ପରିବାରରେ ଏ ସମସ୍ୟା ଅଧିକ ଦୃଷ୍ଟି ଗୋଚର ହୋଇଥାଏ । ଉଚ୍ଚ ବର୍ଗର ବ୍ୟକ୍ତିଙ୍କ ସନ୍ତାନ ମାନେ ଉଚ୍ଚ ଶିକ୍ଷିତ ହୋଇ, ରାଜ୍ୟ ବା ଦେଶ ବାହାରେ ବଡ ବଡ ପଦ ପଦବୀରେ ଅଧିକ ବେତନରେ ନିଯୁକ୍ତି ହୋଇଥାନ୍ତି । ତେଣୁ ସେମାନେ ପିତାମାତାଙ୍କୁ ଅବହେଳା ପ୍ରଦର୍ଶନ ନିମନ୍ତେ ଇଚ୍ଛା ପ୍ରକାଶ କରୁନଥିଲେ ମଧ୍ୟ, ପରିସ୍ଥିତି ଚାପରେ ସେମାନେ ପ୍ରତ୍ୟକ୍ଷ ସେବା ଯୋଗାଇ ପାରନ୍ତି ନାହିଁ । ସେମାନଙ୍କୁ ନିଜ ପାଖକୁ ନେଇଯିବା ପ୍ରସ୍ତାବ ଆଗତ କଲେ ମଧ୍ୟ, ପିତାମାତାଙ୍କର ଭିଟାମାଟିର ମୋହ ତଥା ସହରରେ ବନ୍ଦୀ ଜୀବନ ଯାପନର ଆଶଙ୍କା ଯୋଗୁ, ସେ ପ୍ରସ୍ତାବ ଗୃହୀତ ହୋଇ ପାରେ ନାହିଁ । ତେଣୁ ଏହା ଅନିଚ୍ଛାକୃତ ଅବହେଳା । ଦରିଦ୍ର ପରିବାରରେ ଆର୍ଥିକ ଦୁରାବସ୍ଥା ଯୋଗୁ, ବେରୋଜଗାରୀ ବୃଦ୍ଧ ପିତା ମାତାଙ୍କ ଖାଦ୍ୟ ପେୟ, ସ୍ୱାସ୍ଥ ସମସ୍ୟା ନିମନ୍ତେ ହେଉଥିବା ଖର୍ଚ୍ଚ ତୁଲାଇବା କଷ୍ଟ ହେଉଥିବାରୁ, ଅନେକ ଲୋକ ସେମାନଙ୍କୁ ଇଚ୍ଛାକୃତ ଅବହେଳା ପ୍ରଦର୍ଶନ କରନ୍ତି । ଅନେକ ପରିବାରରେ ବୋହୂମାନେ ଶାଶୁ ଶ୍ୱଶୁରଙ୍କ ଯତ୍ନ ନେବା ପାଇଁ କୁଣ୍ଠା ପ୍ରକାଶ କରିବା ସହିତ ସେମାନଙ୍କୁ ଜରାଶ୍ରମରେ ଛାଡିବା ନିମନ୍ତେ ସ୍ୱାମୀ ମାନଙ୍କ ଉପରେ ପରୋକ୍ଷ ଚାପ ପ୍ରୟୋଗ କରନ୍ତି । ଯେଉଁ ବୋହୂ ନିଜର ପିତ୍ରାଳୟରେ ଭାଇ ଭାଉଜଙ୍କୁ ନିଜ ପିତା ମାତାଙ୍କ ଯତ୍ନ ନେବା ପାଇଁ ଉପଦେଶ ପ୍ରଦାନ କରନ୍ତି, ସେହିମାନେ ନିଜ ଶାଶୁ ଶ୍ୱଶୁରଙ୍କୁ ଅବହେଳା ପ୍ରଦର୍ଶନ କରିବାର ଯଥେଷ୍ଟ ନଜିର ରହିଅଛି । ବୃଦ୍ଧ ପିତା ମାତା ମାନେ ନିଜ ପରିବାରରେ ନିଜ ପୁତ୍ର, ପୁତ୍ରବଧୂ ମାନଙ୍କ ଦ୍ୱାରା ଅବହେଳିତ ହେବାବେଳେ, ସେମାନଙ୍କୁ ଲାଳନ ପାଳନ କରିଥିବା ସମୟର ତ୍ୟାଗ, କଷ୍ଟ ଏବଂ ଦୁଃଖକୁ ମନେ ପକାଇ ଅଧିକ ଦୁଃଖ ଅନୁଭବ କରନ୍ତି । ଆଜିକାଲି ସମାଜରେ ଏହା ଏକ ସାଧାରଣ ଘଟଣା ହୋଇ ଯାଇଛି । ବିବେକି ବ୍ୟକ୍ତି ମାନେ ପିତା ମାତାଙ୍କ ତ୍ୟାଗ, ଧର୍ମ ଭୟ ଓ ସାମାଜିକ ଭୟ ଯୋଗୁ, ଯେତେ ଅସୁବିଧା ହେଲେ ମଧ୍ୟ, ସେମାନଙ୍କୁ ହତାଦର କରି ନଥାନ୍ତି । କିନ୍ତୁ ଯେଉଁ ପିତା ମାତା ମାନଙ୍କର ଏକାଧିକ ପୁତ୍ର ସନ୍ତାନ, ସେମାନେ ଅଧିକ ନିର୍ଯ୍ୟାତିତ । ସେ ଯାହା ହେଉ, ଆଜିକାଲି ସାମାଜିକ ସ୍ଥିତିରେ, ଇଚ୍ଛାକୃତ ହେଉ ବା ଅନିଚ୍ଛାକୃତ ହେଉ ଅସହାୟ, ନିର୍ଭରଶୀଳ ବରିଷ୍ଠ ମାନଙ୍କୁ ଜରାଶ୍ରମରେ ହିଁ ରହିବାକୁ ପଡିବ । ତେଣୁ ସେମାନେ ମାନସିକ ଭାବରେ ପ୍ରସ୍ତୁତି ହେବା ଏକାନ୍ତ ଆବଶ୍ୟକ । ନିଜ ଘରେ ନିଜ ଜନ୍ମିତ ସନ୍ତାନ ମାନଙ୍କ ଦ୍ୱାରା ଅବହେଳିତ, ନିର୍ଯ୍ୟାତିତ ହେବା ଅପେକ୍ଷା, ଜରାଶ୍ରମରେ ଅବସ୍ଥାନ ହିଁ ଶ୍ରେୟସ୍କର । ସେଠାରେ ସମ ବୟସ୍କ, ତଥା ସମଦଶା ଭୋଗୁଥିବା ବ୍ୟକ୍ତି ମାନଙ୍କ ସହିତ ମନ ଖୋଲା ଆଲୋଚନା ଅନେକାଂଶରେ ଦୁଃଖ ଲାଘବ କରାଇ ପାରିବ ଏହା ନିଃସନ୍ଦେହ । ଆଜିକାଲି ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସହାୟ ବୟସ୍କ ନାଗରିକଙ୍କ ନିମନ୍ତେ ଜରାଶ୍ରମ ଖୋଲି, ସେଠାରେ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି । ଖାଦ୍ୟ ପେୟ, ମନୋରଞ୍ଜନ ନିମନ୍ତେ ଟିଭି ରେଡିଓ, ସ୍ୱାସ୍ଥ ସେବା ଇତ୍ୟାଦି ସବୁ ପ୍ରକାର ସୁବିଧା ଦିଆ ଯାଉଛି । ଆଉ ମଧ୍ୟ ଅନେକ ସ୍ଥାନରେ ଦେୟଯୁକ୍ତ ଜରାଶ୍ରମ ଖୋଲା ଯାଉଛି, ଯେଉଁଠାରେ ଅନ୍ତେବାସୀ ଧାର୍ଯ୍ୟ ଅର୍ଥ ଦାଖଲ କଲେ, ସେମାନଙ୍କ ପାଇଁ ସ୍ୱତନ୍ତ୍ର କୋଠରି, ସ୍ୱାସ୍ଥ ସେବା ନିମନ୍ତେ ଚିକିତ୍ସକ ଅନ୍ୟାନ୍ୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆ ଯାଉଛି । ଏଠାରେ ପେନସନ୍ ଭୋଗୀ କିମ୍ବା ଅଧିକ ଅର୍ଥ ରୋଜଗାର କରୁଥିବା ପୁତ୍ର, ଯେଉଁମାନେ ଇଚ୍ଛା ଥିଲେବି ପିତା ମାତାଙ୍କୁ ସାହଚର୍ଯ୍ୟ ପ୍ରଦାନ କରି ପାରୁ ନାହାନ୍ତି, କିନ୍ତୁ ଅର୍ଥ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ସେମାନଙ୍କ ପିତା ମାତା ଅବସ୍ଥାନ କରି ପାରିବେ । ବେଳେ ବେଳେ ବୃଦ୍ଧ ପିତା ମାତା ମାନେ ନିଜ ଜନ୍ମିତ ସନ୍ତାନ ମାନଙ୍କ ଦ୍ୱାରା ଅବହେଳିତ ହେବା ପରେ ମଧ୍ୟ, ସେମାନେ ତାଙ୍କ ସନ୍ତାନ ମାନଙ୍କର ସାମାଜିକ ମର୍ଯ୍ୟାଦା ହାନି ଭୟରେ, ଏକଥା ସର୍ବ ସମ୍ମୁଖରେ ପ୍ରକାଶ କରନ୍ତି ନାହିଁ ଏବଂ ଲଜ୍ୟାରେ ଯେତେ ଅତ୍ୟାଚାରିତ ହେଲେ ମଧ୍ୟ ଜରାଶ୍ରମରେ ରହିବା ପାଇଁ ଚାହାନ୍ତି ନାହିଁ । ବରିଷ୍ଠ ମାନଙ୍କୁ ଅବହେଳା ପ୍ରଦର୍ଶନ କଲେ ଆଇନାନୁଯାୟୀ ଦଣ୍ଡର ବ୍ୟବସ୍ଥା ଥିଲେ ମଧ୍ୟ, ବହୁତ କମ୍ ଘଟଣା ନ୍ୟାୟାଳୟ ପର୍ଯ୍ୟନ୍ତ ଯାଉଛି । ଦ୍ୱିତୀୟରେ ବରିଷ୍ଠ ମାନଙ୍କର ପୂର୍ବ ପଦ ମର୍ଯ୍ୟାଦା, ସ୍ୱାଭିମାନ ସେମାନଙ୍କୁ ଜରାଶ୍ରମରେ ରହିବା ନିମନ୍ତେ ହିନମନ୍ୟତା ସୃଷ୍ଟି କରିଥାଏ । କିନ୍ତୁ ବର୍ତମାନ ପରିସ୍ଥିତି ବଦଳି ଯାଇଛି । ପୁର୍ବାପେକ୍ଷା ବର୍ତମାନ ଜରାଶ୍ରମର ଅନ୍ତେ ବାସୀଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଉଛି । ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଅସହାୟ ବରିଷ୍ଠ ମାନେ ସ୍ୱେଚ୍ଛାକୃତ ଭାବରେ, ସେମାନଙ୍କ ପୁତ୍ର ମାନଙ୍କୁ ଦାୟିତ୍ୱ ମୁକ୍ତ କରିବା ସହିତ, ନିଜେ ସୁଖ ଓ ଶାନ୍ତିରେ କାଳାତିପାତ କରିବା ନିମନ୍ତେ, ଜରାଶ୍ରମରେ ଅବସ୍ଥାନ କରିବା ନିମନ୍ତେ ସମ୍ପୂର୍ଣ୍ଣ ମାନସିକ ପ୍ରସ୍ତୁତି କରିବା ଆବଶ୍ୟକ । ମୋହ ମାୟା ବଶତଃ ଯେଉଁ ପୁତ୍ର ମାନଙ୍କ ପାଇଁ, ଜୀବନରେ ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦକୁ ତ୍ୟାଗ କରି ପାରିଥିଲେ, ଆଉ ଶେଷ ବେଳକୁ ସେମାନଙ୍କୁ କାହିଁକି ଅସୁବିଧାରେ ପକାଇବେ । ଏହାଦ୍ୱାରା ପିଲା ମାନେ ଲୋକ ଲଜ୍ୟାରୁ ରକ୍ଷା ପାଇ ପାରିବେ ଏବଂ ବରିଷ୍ଠ ମାନେ ମଧ୍ୟ ସେମାନଙ୍କ ଅପ୍ରକାଶିତ ଅନ୍ତର୍ବେଦନାରୁ ମୁକ୍ତି ପାଇ ପାରିବେ । ସରକାରୀ ସ୍ତରରେ ଅଧିକ ଜରାଶ୍ରମ ଖୋଲାଯାଇ, ତାହାର ନାମ "ବରିଷ୍ଠ ଆବାସ" ରଖାଯାଉ । ବୃଦ୍ଧ ପିତା ମାତାଙ୍କ ଯୋଗୁଁ ଅସୁବିଧା ଅନୁଭବ କରୁଥିବା ପୁତ୍ର ମାନେ, ସେମାନଙ୍କୁ "ବରିଷ୍ଠ ଆବାସ"ରେ ରଖିବା ନିମନ୍ତେ ସରକାରଙ୍କୁ ଆବେଦନ କରି, ପ୍ରତ୍ୟେକ ମାସରେ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଦାଖଲ କରନ୍ତୁ ଏବଂ ଭବିଷ୍ୟତରେ ନିଜ ପାଇଁ, ନିଜ ପୁତ୍ରଙ୍କ ଠାରୁ ସମ ବ୍ୟବସ୍ଥା ପ୍ରାପ୍ତି ନିମନ୍ତେ ମାନସିକ ପ୍ରସ୍ତୁତି ରୁହନ୍ତୁ । ଅନେକ ସମସ୍ୟା ସମାଧାନ ହୋଇଯିବ, ନାଁ ଆପଣ କଣ କହୁଛନ୍ତି କୁହନ୍ତୁନା !

ଇଶାଣୀବ୍ରହ୍ମପୁର,କଟକ ।
ମୋ-୬୩୭୧୫୯୩୨୨୦

# ନୃତ୍ୟରେ ସୁସ୍ଥତା

॥ ଡାକ୍ତର କାନ୍ତୀ ନାୟକ ॥

କାର୍ଡ଼ିଓ ଭାସ୍କୁଲାର ସମସ୍ୟା ଦୂର କରିବାରେ ନାଚ ସାହାଯ୍ୟ କରେ । ଏକ ସ୍ୱାସ୍ଥ୍ୟ ଗବେଷଣା ରିପୋର୍ଟରେ ଏହି ତଥ୍ୟଟି ପ୍ରକାଶ ପାଇଛି । ଆଜିକାଲି ଶାରୀରିକ ସୁସ୍ଥତା ସହ ଅନେକ ନୃତ୍ୟକୁ ନିତିଦିନିଆ ଜୀବନର ଏକ ବ୍ୟାୟାମ ଭାବେ ମଧ୍ୟ ଗ୍ରହଣ କଲେଣି । ଦିନକୁ ଦିନ ଏହାର ଚାହିଦା ଓ ଏଥିପ୍ରତି ଆଗ୍ରହ ମଧ୍ୟ ବଢୁଛି । ନୃତ୍ୟର ପ୍ରତ୍ୟେକଟି ଭଙ୍ଗୀ ଶରୀରର ବିଭିନ୍ନ ଅଙ୍ଗକୁ ଉପକାର ଦେଇଥାଏ । କୋରିଓଗ୍ରାଫରଙ୍କ ମତରେ, ନୃତ୍ୟ ଏକ ପ୍ରକାର ମହୌଷଧି ଭଳି କାମରେ । ଏହା ବିଷାଦମୁକ୍ତ କରିବାରେ ବି ସାହାଯ୍ୟ କରେ । ସେହିପରି ଫିଟନେସ ବିଶେଷଜ୍ଞ କହନ୍ତି, ନାଚିବା ଅଭ୍ୟାସରେ ଥରେ ପଡ଼ିଗଲେ ଧୀରେ ଧୀରେ ଓଜନ ହ୍ରାସ ପାଇବାରେ ଲାଗେ । କିନ୍ତୁ ଏଥିଲାଗି ସଠିକ୍ ୱାର୍ମଅପ୍ ଟେକନିକ ଆପଣେଇବାକୁ ପଡ଼େ । ୱାର୍ମଅପ୍ ଲାଗି ବାଲିଷ୍ଟିକ ଓ ଡାଇନାମିକ ଷ୍ଟ୍ରେଚ୍ ସବୁଠୁ ଭଲ । ନାଚ ପରେ ଶକ୍ତି ଲାଗି ସୁଷମ ପ୍ରୋଟିନଯୁକ୍ତ ଖାଦ୍ୟ ଜରୁରୀ ।

ମିଶ୍ରିତ ନୃତ୍ୟ : ନାଚ ଲାଗି ଏବେ ଯୁବପିଢ଼ି ବେଶୀ ଆକର୍ଷିତ ହେଉଛନ୍ତି ଏବଂ ଏହାଦ୍ୱାରା ଫିଟ ଓ ସ୍ଲିମ୍ ଶରୀର ପାଇବାରେ ସକ୍ଷମ ହେଉଛନ୍ତି । ଗୋଡ଼ ଓ ହାତର କାର୍ଯ୍ୟରେ ସମନ୍ୱୟ ପାଇଁ ନାଚ ଆବଶ୍ୟକ । ଶରୀର ଓ ଗୋଡ଼ ଚାଳନାରେ ଭାରସାମ୍ୟ ବୃଦ୍ଧି ପାଏ । ମିଶ୍ରିତ ନୃତ୍ୟ ଗଣ୍ଠି ଚାଳନାରେ ସହାୟକ ହେବା ସହିତ ତାହାକୁ ନମନୀୟ କରେ । ଏହି ନାଚରେ ବହୁ ଲିଫ୍ଟ ବା ଭଙ୍ଗୀ ରହିଥିବାରୁ ତାହା କାନ୍ଧ, ବାହୁ ଓ ଗୋଡ଼କୁ ଫାଇଦା ଦିଏ ।

ବାଲେଟ : ବାଲେଟରେ ଶରୀରର ଆଭ୍ୟନ୍ତରୀଣ ମାଂସପେଶୀ ମଜବୁତ ହୁଏ । ଜଣେ ଖେଳାଳି ଯେତିକି ଶକ୍ତି ଆବଶ୍ୟକ କରନ୍ତି ସେତିକି ଶକ୍ତି ଲୋଡ଼ା ହୁଏ ବାଲେଟରେ । ବାଲେଟ ଏକ ପ୍ରକାରର ନୃତ୍ୟଶୈଳୀ ଯେଉଁଥିରେ ଶରୀର ଫିଟ ହେଲେ ହିଁ କରିପାରିବେ । ଏହି ନାଚ ଆଙ୍କଲ ମସଲ୍‌ସର ଶକ୍ତି ଉପରେ ନିର୍ଭର କରେ ଓ ଏହା ମଧ୍ୟ ଏହି ମସଲ୍‌ସକୁ ଟାଣ କରେ । ଶାରୀରିକ ଗଠନ ଲାଗି ବାଲେଟ ପୁରା ଉପଯୋଗୀ । ସିଧା ଓ ସ୍ମାର୍ଟ ଭାବେ ଠିଆ ହୋଇପାରିବେ ଓ ପିଠିର ସ୍ନାୟୁ ଏବଂ ମାଂସପେଶୀ ପୁରା ମଜବୁତ ରହିବ । ବାର ଏକ୍ସରସାଇଜ ଯାହା ଧୀରେ ଧୀରେ କରାଯାଏ ତାହା ଠିକ୍ ଫିଜିଓଥେରାପୀ ଭଳି । ବାଲେଟ ନାଚରେ ଆୟୁଷ ବୃଦ୍ଧି ହୁଏ ବୋଲି ଏକ ଅନୁଧାନରୁ ଜଣାପଡ଼ିଛି । ଯେଉଁମାନଙ୍କର ଗୋଡ ଶରୀର ଠାରୁ ଲମ୍ବା ହୋଇଥାଏ ସେମାନେ ବାଲେଟ ନାଚ ଲାଗି ଉପଯୁକ୍ତ ଓ ନାଚରୁ ବେଶୀ ଫାଇଦା ପାଇଥାନ୍ତି ।

ହିପ୍‌ଅପ୍ : ହିପଅପ୍ ଡ୍ୟାନ୍ସ ଷ୍ଟାଇଲ ଏବେ ଯୁବପିଢ଼ିଙ୍କର ଅତି ପ୍ରିୟ । ଏହି ନାଚ ଗୋଡ଼ ଓ ହାତ ମାଂସପେଶୀକୁ ଲାଭ ଦିଏ । ନାଚର ବିଭିନ୍ନ ସ୍ତର ଗୋଡ଼, ବାହୁ, ଜଙ୍ଘ ଏବଂ ଶରୀରର ଉପର ଭାଗକୁ ଉପକାରୀ । କୋର ମସଲସ ଏହାଦ୍ୱାରା ମଜବୁତ ହୁଏ । ଡ୍ୟାନ୍ସ ବିଶେଷଜ୍ଞ କହନ୍ତି, ହିପ୍‌ଅପ ଡ୍ୟାନ୍ସ ଦ୍ୱାରା ମସ୍ତିଷ୍କର ଉଭୟ ପାଖର ବିକାଶ ହୋଇଥାଏ ।

ବେଲି ଡ୍ୟାନ୍ସ : ପେଟର ମାଂସପେଶୀକୁ ମଜବୁତ କରିବାକୁ ଚାହୁଁଥିଲେ ଏହି ନାଚ ଆପଣାନ୍ତୁ । ଏହି ନାଚରେ ପାରଙ୍ଗମ ହୋଇଗଲେ ଆଉ ଜିମ ଯିବାକୁ ପଡ଼ିବନି । ପ୍ରତିଦିନ ଘଣ୍ଟାଏ କି ଦୁଇଘଣ୍ଟା ନାଚିବା ସବୁଠାରୁ ଭଲ । ଏହି ଡ୍ୟାନ୍ସରେ ଅଣ୍ଟା କି ପେଟ ବେଶୀ ସଞ୍ଚାଳନ କରିବାକୁ ପଡ଼ିନଥାଏ । ଆଣ୍ଠୁ ବି କାମ କରେ । ଏହାଦ୍ୱାରା ଗୋ ମାଂସପେଶୀ ଶକ୍ତିଶାଳୀ ହୋଇଯାଏ ।

ଜୁମ୍ବା : ଯେଉଁମାନେ ଓଜନ କମାଇବା ଲାଗି ଚାହୁଁଛନ୍ତି ଜୁମ୍ବା ଆଡ଼କୁ ମୁହଁ ଫେରାନ୍ତୁ । ଲାଟିନ ମ୍ୟୁଜିକର ତାଳେ ତାଳେ ନାଚୁଥିବେ, ଥକାପଣ କେବେ ବି ଅନୁଭବ କରିବେନି । ଏହାଦ୍ୱାରା ଫ୍ୟାଟ କମିଯିବ । ଓଜନ ହ୍ରାସ ପାଏ । ଗୋଡ ହାତ ସଞ୍ଚାଳନ ବେଶୀ ହେଉଥିବାରୁ ଏହା ମଧ୍ୟ ମଜବୁତ ହୋଇଯାଏ । ଏହି ନାଚ କ୍ୟାଲୋରୀ ବର୍ଣ୍ଣର ଭାବେ କାମ କରେ ।

ଭାରତନାଟ୍ୟମ : ଅନେକ ହୁଏତ ଜାଣିନାହାଁନ୍ତି ଶାରୀରିକ ଗଠନରେ ଏହି ନୃତ୍ୟ ସହାୟକ ହୋଇଥାଏ । ଏଥିରେ ଗୋଡ଼ର କରାମତି ବେଶୀ । ଶାରୀରିକ ଲୋୟର ପାର୍ଟ ଏହାଦ୍ୱାରା ବେଶୀ ମଜବୁତ ହୁଏ । ଫିଟନେସ ଲାଗି ପୋଲ୍ ଡ୍ୟାନ୍ସ : ପୁରା ଫିଟ ଲାଗି ପୋଲଡ୍ୟାନ୍ସ ସହାୟକ ବୋଲି କୁହାଯାଇପାରେ । ପୋଲରେ ଝୁଲି ବିଭିନ୍ନ ଏରୋବେଟିକ ଟ୍ରିକ୍ସ ଦ୍ୱାରା ହାତ, କାନ୍ଧର ଶକ୍ତି ବୃଦ୍ଧି ପାଏ । ପୁସ୍‌ଅପରେ ଯେତିକି ଲାଭ ମିଳେ ଏହି ନାଚରେ ବି ତାହା ମିଳିଥାଏ । ପିଠି, ବଳାଗଣ୍ଠି ଓ ଜଂଘକୁ ମଧ୍ୟ ଉପକାରୀ । ଓଜନ କମାଇବା ଲାଗି ପୋଲଡ୍ୟାନ୍ସ ଏକ ପ୍ରକାର ଭଲ । ଏକ ଅନୁଧାନରୁ ଜଣାପଡ଼ିଛି ଯେ, ପୋଲ ଡ୍ୟାନ୍ସର ଗୋଟିଏ କ୍ଲାସରେ ୨୫୦ କ୍ୟାଲୋରୀ କ୍ଷୟ କରିବାକୁ ସକ୍ଷମ ହୋଇଥାନ୍ତି, ଯାହା ଗୋଟିଏ ଜିମ୍ ସେସନ୍ ସହ ସମାନ । ପାକସ୍ଥଳୀ ବି ସମସ୍ୟା ମୁକ୍ତ ହୋଇଯାଏ । ପ୍ରଶିକ୍ଷକଙ୍କ ସାହାଯ୍ୟ ବିନା ଘରେ ଏହାକୁ ଅଭ୍ୟାସ କରିବା ମନା । ଅନେକ ପୋଲର ଉପରୁ ତଳକୁ ଖସି ଡ୍ୟାନ୍ସ କରିବା ଲାଗି ଇଚ୍ଛୁକ ଥାନ୍ତି କିନ୍ତୁ ଏହା ବିପଜ୍ଜନକ । ଏହାଦ୍ୱାରା ମୁଣ୍ଡ ଓ ମେରୁଦଣ୍ଡରେ ଆଘାତ ଲାଗିବାର ଆଶଙ୍କା ରହିଥାଏ । ପୋଲ ଡ୍ୟାନ୍ସ ଧୀରେ ଧୀରେ ଶିଖିବା ଉଚିତ ।

କ'ଣ ଖାଇବେ : ନାଚଦ୍ୱାରା ଯଦି ଓଜନ କମାଇବାକୁ ଚାହୁଁଛନ୍ତି ତେବେ ସୁଗାର ଏବଂ କାର୍ବୋହାଇଡ୍ରେଟସ୍ ଠାରୁ ଦୂରେଇ ରହିବେ । ଜଣେ ଡାଏଟସିଆନଙ୍କ ସହ ପରାମର୍ଶ କଲେ ଭଲ ହେବ । ଠିକ ସମୟରେ ଠିକ ଖାଦ୍ୟ ଖାଇବା ଉଚିତ । ଅଳ୍ପ ଅଳ୍ପ ଛଅଥର ଖାଇବାକୁ ହେବ । ବେଶି ପାଣି ପିଅନ୍ତୁ । ଆପଣଙ୍କର ଯୋଗପ୍ରାଣାୟାମ ଅଭ୍ୟାସ ଥିଲେ ତାହାକୁ ମଧ୍ୟ ଜାରି ରଖନ୍ତୁ । କିନ୍ତୁ ଶରୀରରେ ମେଦବହୁଳତା ଓ ଅନ୍ୟାନ୍ୟ କୌଣସି ରୋଗ ଯେପରି ନଥାଏ ସେ ଦିଗ ପ୍ରତି ଯତ୍ନବାନ ହୁଅନ୍ତୁ ।

# ଅଙ୍ଗନବାଡି କେନ୍ଦ୍ରରେ ୪ଦିନ ହେବ ରୋଷେଇ ବନ୍ଦ



**ଅଭିଯୋଗ ହେଇଛି, ତଦନ୍ତ ସରିଛି, କାର୍ଯ୍ୟାନୁଷ୍ଠାନ ଶୁନ
ଅନ୍ୟକୁ ଦାୟୀତ୍ୱ ଦେଇ ବସି ପଡିଲେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ**

ଦଶପଲ୍ଲା, (ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅଧିନସ୍ଥ ଟାକରା ଗ୍ରାମ ପଂଚାୟତ ଅଧୀନରେ ଥିବା ରଥିପୁର ଅଙ୍ଗନବାଡ଼ି କେନ୍ଦ୍ର ବିଭିନ୍ନ ଅବ୍ୟବସ୍ଥା ଭିତରେ ଥିବା ଅଭିଯୋଗ ପୂର୍ବରୁ ହୋଇଆସୁଥିଲା। ଯେମିତି କି ଅଙ୍ଗନବାଡି କର୍ମୀ ଲିପ୍ସା ନାୟକ କେନ୍ଦ୍ରକୁ ମାଡୁନଥିବା ଠାରୁ ଆରମ୍ଭ କରି ହିତାଧିକାରୀଙ୍କ ପାଇଁ ଆସୁଥିବା ଖାଦ୍ୟକୁ ଅଙ୍ଗନବାଡି କେନ୍ଦ୍ରରେ ନରଖି ନିଜ ଘରେରଖି ହିତାଧିକାରୀଙ୍କୁ ବଣ୍ଟନ କରୁଥିବା ଭଳି ସାଙ୍ଘାତିକ ଅଭିଯୋଗ ଆସିଥିଲା ଅଙ୍ଗନବାଡି କର୍ମୀଙ୍କ ନାମରେ।ଗତ ଏପ୍ରିଲ ୨୮ ତାରିଖରେ ମଧ ଅଙ୍ଗନବାଡି କର୍ମୀ କେନ୍ଦ୍ରକୁ ଯାଉନଥିବା ସହ ଫୋନ ଉଠାଉନଥିବା ସମ୍ବନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କୁ ଜଣାଇଥିଲେ ହେଲ୍ପର ରଂଜିତା ପରିଡ଼ା। ପରେ ଅଙ୍ଗନବାଡ଼ି କର୍ମୀଙ୍କ ବାପା ଫୋନ କରି ହେଲ୍ପର ଙ୍କୁ ତାଗିଦ କଲାଭଳି ମନ୍ତବ୍ୟ ଦେଇଥିବା ଖବର ବିଭିନ୍ନ ଗଣମାଧମରେ ପ୍ରକାଶିତ ପରେ ସମ୍ବନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ସଂଯୁକ୍ତା ସାମଲ ଓ ସୁପରଭାଇଜର ଉକ୍ତ ଅଙ୍ଗନବାଡି କେନ୍ଦ୍ରରେ ପହଂଚି ସ୍ଥାନୀୟ ଲୋକ ଓ ହେଲ୍ପର ଙ୍କ ଠାରୁ ଅଙ୍ଗନବାଡି କେନ୍ଦ୍ରର ଅବ୍ୟବସ୍ଥା ସମ୍ପର୍କରେ ବୁଝିବା ସହିତ ତଦନ୍ତ କରି ଫେରିଥିଲେ। ପରେ ସମ୍ବନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଶ୍ରୀମତୀ ସାମଲ ଖବର କାଗଜରେ ବାହାରିଥିବା ଘଟଣାରେ ସତ୍ୟତା ରହିଥିବା ଗଣମାଧମ ପ୍ରତିନିଧି ଙ୍କୁ ଜଣାଇଥିଲେ। ଘଟଣାର ତଦନ୍ତ ହେବାର ପ୍ରାୟ ୨ମାସ ପରେ ଟାକରା ଅଙ୍ଗନବାଡି କର୍ମୀ ମନ୍ଦାକିନୀ ସାହୁଙ୍କୁ ଦାୟୀତ୍ୱ ଦେଇ ବସି ପଡିଥିଲେ ବିଭାଗୀୟ ଅଧିକାରୀ। କିନ୍ତୁ ସୂଚନା ଥାଉକି ଟାକରା ଅଙ୍ଗନବାଡି କର୍ମୀ ଦାୟୀତ୍ୱ ନେଇଥିବା ପରେ ମଧ୍ୟ ଅଙ୍ଗନବାଡିର ଜଏଣ୍ଟ ଖାତାକୁ ଲିପ୍ସା ନାୟକ ଦାୟୀତ୍ୱରେ ଥିବା ଅଙ୍ଗନବାଡି କର୍ମୀ ମନ୍ଦାକିନୀ ସାହୁଙ୍କୁ ଦେଇନଥିବା ବେଳେ ଜୁନମାସରେ କିଶୋରୀ,ଗର୍ଭବତୀ ଅନ୍ୟାନ ହିତାଧିକାରୀଙ୍କୁ ଅଣ୍ଡା/ଶୁଖିଲା ଖାଦ୍ୟ ଦିଆନଯାଇ କେବଳ ହାତଗଣତି ହିତାଧିକାରୀଙ୍କୁ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ପରେ ଚଳିତ ଜୁଲାଇ ମାସରେ ଶୁଖିଲା ଖାଦ୍ୟ ଆସିଥିବା ବେଳେ ଅଣ୍ଡା ଦେଉନଥିବା ହେତୁ ଲୋକମାନେ କେବଳ ଶୁଖିଲା ଖାଦ୍ୟ ନେବାକୁ ମନା କରିଥିବା ଜଣାପଡ଼ିଛି।ଅନ୍ୟପକ୍ଷେ ହେଲ୍ପର ରଂଜିତା ପରିଡ଼ା ଦୀର୍ଘ ୪ ମାସ ହେବ କେନ୍ଦ୍ର ଚଳାଇ ଆସୁଥିବା ବେଳେ ବର୍ତମାନ ଆର୍ଥିକ ସଙ୍କଟ ଯୋଗୁଁ ଗତ ୪ ଦିନ ହେବ ଅଙ୍ଗନବାଡି କେନ୍ଦ୍ରରେ ରୋଷେଇ ହୋଇନଥିବା କହିଛନ୍ତି ହେଲ୍ପର ରଂଜିତା ପରିଡ଼ା।ସାଧାରଣରେ ଶୁଣିବାକୁ ମିଳୁଛି ଏତେ ସବୁ ଘଟଣା ପରେ ଅଙ୍ଗନବାଡି କର୍ମୀ ଲିପ୍ସା ନାୟକ ସମ୍ବନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଙ୍କୁ ୩ ମାସ ଛୁଟି ମାଗିବାକୁ ଯାଇଥିବାବେଳେ ସେ ମନା କରିଦେବାରୁ ସେ ମଧ ନିଜ ଇଚ୍ଛାମୁତାବକ ଅଙ୍ଗନବାଡି କେନ୍ଦ୍ରକୁ ଗଲେନାହିଁ। ଯେଉଁଥିପାଇଁ ଅଙ୍ଗନବାଡି କର୍ମୀଙ୍କ ଦରମା ବନ୍ଦ କରି ଅନ୍ୟଜଣେ ଅଙ୍ଗନବାଡି କର୍ମୀ ଙ୍କୁ ଦାୟୀତ୍ୱ ଦେଇଦେଲେ ଅଧିକାରୀ। ଯଦି କୁହାଯାଏ ପୂର୍ବ ଅଙ୍ଗନବାଡ଼ି କର୍ମୀ ଲିପ୍ସା ନାୟକ ୩ ମାସ ଛୁଟି ମାଗିଥିବାବେଳେ ତାଙ୍କୁ ନମିଳିବାରୁ ସେ ମନଇଛା ଘରେ ରହିଗଲେ। ଏବେ ପୁଣି ମନହେଲେ ଯାଇ ନିଜ ଚାକିରୀରେ ଯୋଗଦେବେ। ତେବେ ସାଧାରଣରେ ପ୍ରଶ୍ନ ଉଠେ ୩ ମାସ ଛୁଟି ନମିଳିବାରୁ ସେ ମନଇଛା ରହିଲେ ପୁଣି ମନ ହେଲେ ଯୋଗଦେବେ ଯେଉଁଥିପାଇଁ ବିଭାଗ ତରଫରୁ କେବଳ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ଦରମା ବନ୍ଦକରି ଅନ୍ୟକୁ ଦାୟୀତ୍ୱ ଦେଇଦେବେ। ଏ ସମ୍ପର୍କରେ ମହିଳା ଶିଶୁ ବିକାଶ ଅଧିକାରିଣୀ ଙ୍କୁ ପଚାରିବାରୁ ଅଙ୍ଗନବାଡି କର୍ମୀଙ୍କୁ କେଉଁଠୁ ଖୋଜିକି ଆଣିବି, ତାଙ୍କୁ ଯୋଗଦେବା ପାଇଁ ନୋଟିସ ହୋଇଛି ନହେଲେ ତାଙ୍କୁ ବାହାର କରିଦିଆଯିବ ବୋଲି କହିଥିଲେ। ତେବେ ୪ ମାସ ଧରି ଅଙ୍ଗନବାଡି କର୍ମୀ ଆସୁନାହାନ୍ତି ସେ କେବେ ଯୋଗଦେବେ। । ତେବେ ରଥିପୁର ଅଙ୍ଗନବାଡି କେନ୍ଦ୍ର ସମସ୍ତ ଙ୍କ ପାଇଁ ଉଦାହରଣ ପାଲଟିବ କି ଯେ, ଉପରିସ୍ଥ ଅଧିକାରୀଙ୍କୁ ନ ଜଣାଇ ରହିଲେ କିଛି ଅସୁବିଧା ହେବନାହିଁ। ଖାଲି ଦରମା ବନ୍ଦ କରିବା ସହିତ କାରଣ ଦର୍ଶାଅ ନୋଟିସ ଟିଏ ଜାରି ହୋଇଯିବ ତା ସାଙ୍ଗକୁ ଯୋଗଦେବା ପାଇଁ ଚିଠି ଟିଏ ହୋଇ ରହିଯିବ। ତେବେ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନଉଠେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଏବଂ ଅଙ୍ଗନବାଡି କର୍ମୀ ଙ୍କ ମଧରେ କେଉଁ ମଧୁଚନ୍ଦ୍ରିକା ରହିଥିବାରୁ ସାଧାରଣ ଜନତା ଓ କାମଳମତି ଶିଶୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଦାୟୀ କିଏ ରହିବ।ତେଣୁ ଭବିଷ୍ୟତରେ ହିତାଧିକାରୀ ମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବା ପାଇଁ ସଜବାଜ ହେଉଥିବା ଶୁଣିବାକୁ ମିଳୁଛି।

# କଂଗ୍ରେସ ପକ୍ଷରୁ ସାଲେପୁରରେ ଓଡିଶା ବନ୍ଦ ସଫଳ



ସାଲେପୁର, (ମହାଭାରତ) : ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାର ପ୍ରତିବାଦରେ ଆଜି ସାଲେପୁର ଠାରେ କଂଗ୍ରେସ ଦଳ ପକ୍ଷରୁ ବନ୍ଦ ଡାକରା ସଫଳ ହେଇଛି।ସାଲେପୁର କୁଂଆପାଳ ଛକରେ ରାସ୍ତା ରୋକ ବେଳେ କଂଗ୍ରେସ ଯୁବନେତା ତଥା ସମାଜସେବୀ ହରିବନ୍ଧୁ ଶତପଥି ତାଙ୍କରବହୁ ସମର୍ଥକଙ୍କ ଗ୍ରହଣରେ ପହଞ୍ଚିବାଲେଶ୍ୱର ର ନିରୀହ ଝିଅ ର ଜୀବନ ଯିବା ଅବସରରେ କଂଗ୍ରେସ ର ଓଡିଶା ବନ୍ଦ ଡାକରା କୁ ସଫଳ କରିଥିଲେ । ତାଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ସାମିଲ ହୋଇ ଏହି ବନ୍ଦ ଡାକରାକୁ ସଫଳ କରିଥିଲେ । ଏହି କାର୍ଯ୍ୟ କ୍ରମରେ ଯୁବ ନେତା ଶିବୁ ବେହେରା, ବିଜ୍ଞାନ ଭୂୟାଁ, ପ୍ରତାପ ଚନ୍ଦ୍ର ଭୂୟାଁ, ମାନସ ନାୟକ,ବିଶ୍ୱଜିତ ଭୂୟାଁ, ମିନତୀ ବିଶ୍ୱାଳ,ଅବଦୁଲ ବାରୀ,ମାନସ ଦାଶ,କୃଷ୍ଣଚନ୍ଦ୍ର ଚନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ।ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସାଲେପୁର ପୋଲିସ ପକ୍ଷରୁ ଅତିରିକ୍ତ ଏସି.ପି ପ୍ରଦିପ୍ନ କୁମାର ସାହୁ, ଏସ. ଡି. ପି. ଓ ବିରଞ୍ଚି ନାରାୟଣ ପତି, ଆଇ. ଆଇ. ସି.ଅନିତା ସାହୁଙ୍କ ସମେତ ବହୁ ପୋଲିସ ଫୋର୍ସ ମୁତୟନ ରହିଥିଲେ ।

# କଂଗ୍ରେସ ଓ ବାମପନ୍ଥୀ ଦଳ ବନ୍ଦ ଡାକରା

## ରାସ୍ତା ଅବରୋଧ ବେଳେ ଉଠାଇ ନେଲା ସମସ୍ତ ଆନ୍ଦୋଳନ କାରୀ ମାନଙ୍କୁ ପୁଲିସ




ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲାରେ ଶାନ୍ତି ଶୃଙ୍ଖଳାର ସହ କଂଗ୍ରେସ ଏବଂ ବାମପନ୍ଥୀ ମିଳିତ ମଞ୍ଚର ଓଡ଼ିଶା ବନ୍ଦ ଡାକରା ଆନ୍ଦୋଳନ ସଫଳ ହୋଇଥିଲା। ଆନ୍ଦୋଳନ କାରୀ ମାନେ ରାସ୍ତା ଅବରୋଧ କରିବାରୁ ନୟାଗଡ଼ ପୁଲିସ ସେମାନଙ୍କୁ ଘଟଣା ସ୍ଥଳ ରୁ ଗିରଫ କରି ଉଠାଇ ନେଇଛି। ବାଲେଶ୍ୱର ଫକୀରମୋହନ ସ୍ୱୟଂ ଶାସିତ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ବନ୍ଦ ଡାକରା ରେ ନୟାଗଡ଼ ରେ ମଧ ଏହାର ପ୍ରଭାବ ପଡିଥିଲା। ସକାଳୁ ସକାଳୁ ଜିଲ୍ଲାର ବିଭିନ୍ନ ସ୍ଥାନରେ କଂଗ୍ରେସ ଏବଂ ବାମପନ୍ଥୀ ଦଳ ପକ୍ଷରୁ ବନ୍ଦ ଡାକରା ଆନ୍ଦୋଳନକୁ ଜୋରଦାର କରିଥିଲେ। କଂଗ୍ରେସ କର୍ମୀ ମାନେ ମୋହନ ସରକାର ଛି ଛି, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଙ୍କ ଇସ୍ତଫା ଦାବି କରି ବିଭିନ୍ନ ନାରା ଦେଇ ବିଭିନ୍ନ ସ୍ଥାନରେ ରାସ୍ତାରୋକ୍ କରି ଆନ୍ଦୋଳନ କରିଥିଲେ। ଫଳରେ ଜିଲ୍ଲାରେ ଗାଡି ଚଳାଚଳ ବନ୍ଦ ରହିଥିଲା। ଯାତ୍ରୀବାହି ବସ୍ ଠାରୁ ଆରମ୍ଭ ଟ୍ରକ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ନୟାଗଡ଼ ସହରରେ ପେଟ୍ରୋଲ ପମ୍ପ ଠାରୁ ଆରମ୍ଭ ଦୋକାନ ବଜାର ବନ୍ଦ ରହିଥିଲା। ଏହି ଓଡ଼ିଶା ବନ୍ଦ ଡାକରା ଆନ୍ଦୋଳନରେ କଂଗ୍ରେସ ସହିତ ବାମପନ୍ଥୀ ଦଳ ଗୁଡିକ ସାମିଲ ହୋଇଥିବାରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆନ୍ଦୋଳନର ପ୍ରଭାବ ପଡିଥିଲା ?। ଆନ୍ଦୋଳନ ଯୋଗୁ ରୋଗୀଙ୍କ ଠାରୁ ଆରମ୍ଭ କରି ଯାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି।

# ନାରୀ ଚିନ୍ତା ଚେତନା ଧର୍ମୀ ପତ୍ରିକା ସ୍ମୃତି ସାନ୍ତ୍ୱନା ଉନ୍ମୋଚିତ



ବାଲିପାଟଣା, (ମହାଭାରତ): ପବିତ୍ର ଶିଶୁ ଅନନ୍ତଙ୍କ ପୀଠ ଠାରେ ଆଜି ପୂର୍ବାହ୍ନରେ ମହିଳା ମାନଙ୍କ ପାଇଁ ସମର୍ପିତ ସାହିତ୍ୟ ସଂସ୍କୃତି ସଂପନ୍ନ ପତ୍ରିକା ସ୍ମୃତି ସାନ୍ତ୍ୱନା ର ୧୪ ତମ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସାନ୍ତ୍ୱନା ସାହିତ୍ୟ ସଂସଦ ର ଉପ ସଭାନେତ୍ରୀ ସୁଚେତା ରାଉତଙ୍କ ଅଧକ୍ଷତାରେ ଏହି କର୍ଯ୍ୟକ୍ରମରେ ଅତିଥି ଭାବରେ ସମାଜସେବୀ ବରଦା ପ୍ରସନ୍ନ ମହାପାତ୍ର, ତନୟା ଦାସ ଗୋସ୍ୱାମୀ, ନିରୋଦ କୁମାର ରାଉତ, ଅନିମା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ର କୁ ଅବଦାନ ପାଇଁ ଲେଖିକା ଶଶିପ୍ରଭା ଦାସ ଓ ଇତିଶ୍ରୀ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦିକା ସବିତା ବାଳା ବେହେରାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ଶତାଧିକ କବି, ଲେଖକ ଓ ସାହିତ୍ୟ ପ୍ରେମୀ ଯୋଗଦେଇ ଏହାର ସଫଳତାରେ ସହଯୋଗ କରିଥିଲେ। ଅନୀମାଙ୍କ ସଂଯୋଜନା ରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କବି ଓ କବୟିତ୍ରୀ ମାନେ ସ୍ୱରଚିତ କବିତା ପାଠ କରିଥିଲେ।ମନୋରମା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ସଫଳ



ରାଇଘର, (ମହାଭାରତ): ଫକୀର ମୋହନ ମହାବିଦ୍ୟାଳୟ ବାଲେଶ୍ୱର ଠାରେ ଅଧୟନ ରତ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତିଙ୍କ ବନ୍ଦ ଡାକରାରେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ସମ୍ପୂର୍ଣ ଭାବେ ବନ୍ଦ ଥିବା ଦେଖିବାକୁ ମିଳିଛି। ରାଇଘର ବ୍ଲକ ଜାତୀୟ କଂଗ୍ରେସ କମିଟିର କର୍ମୀମାନେ ପୂର୍ବାହ୍ନ ୬ଘଣ୍ଟା ସମୟରେ ରାଇଘର ମୁଖ୍ୟ ଦପ୍ତର ହନୁମାନ ମନ୍ଦିର ଠାରେ ଏକତ୍ରିତ ହୋଇ ନବରଙ୍ଗପୁର ଠାରୁ ରାୟପୁରକୁ ସଂଯୋଗ କରୁଥିବା ୪୦ନମ୍ବର ରାଜ୍ୟ ରାଜପଥକୁ ଟେଣ୍ଟ ବାନ୍ଧି, ବାଇକ ରଖି ବେନର ଲଗାଇ ରାସ୍ତା ଅବରୋଧ କରିଛନ୍ତି। ଏହା ସହିତ ଜାତୀୟ କଂଗ୍ରେସର କର୍ମୀମାନେ ଜରୁରୀ ସେବା କୁ ବାଦ ଦେଇ ରାଇଘର ର ସମସ୍ତ ଦୋକାନ ବଜାର ସହିତ ସ୍କୁଲ , କଲେଜ, ଗାଡି ଚଳାଚଳ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକ ବନ୍ଦ କରେଇ ଥିବା ଦେଖିବାକୁ ମିଳିଛି। ହନୁମାନ ମନ୍ଦିର ଛକର ତିନି ପାର୍ଶ୍ୱରେ ଦୁଇଚକିଆ ଯାନଠାରୁ ଆରମ୍ଭ କରି ଭାରୀଯାନ ଗୁଡ଼ିକ ମଧ ଅଟକି ରହିଥିବା ଦେଖିବାକୁ ମିଳିଛି। ବନ୍ଦ ଫଳରେ ଜନଜୀବନ ପ୍ରଭାବିତ ହୋଇଛନ୍ତି। ଏହି ବନ୍ଦ ଡାକରାକୁ ନେଇ ପ୍ରଦେଶ କଂଗ୍ରେସ କମିଟିର ଜିଲ୍ଲା ସଭାପତି ସନରାଜ ଗଣ୍ଡ କହିଛନ୍ତି, ମୋହନ ସରକାର ମହିଳା ମାନଙ୍କୁ ସୁରକ୍ଷା ଦେବାରେ ପୁରା ବିଫଳ। ଏଫଏମ କଲେଜରେ ପଢୁଥିବା ମେଧାବୀ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଜଣେ ଅଧ୍ୟାପକ ମାନସିକ ନିର୍ଯାତନା ଦେବା ବିଷୟରେ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଏମ୍ ?ପି ,ବିଭାଗୀୟ ମନ୍ତ୍ରୀ,ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀଙ୍କୁ ନ୍ୟାୟ ପାଇବା ପାଇଁ ପିଡ଼ିତା ଜଣାଇବା ପରେ ମଧ ବିଫଳ ହେବା ଏବଂ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢାଳି ହୋଇ ଆତ୍ମହୁତି ଦେବା ଘଟଣା ସୁଚାଉଛି ଯେ, ଆଇନ ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ଥାଣୁ ହୋଇଛି ଏବଂ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛନ୍ତି। ତେଣୁ ସୌମ୍ୟାଶ୍ରୀଙ୍କୁ ଉଚିତ ନ୍ୟାୟ ଦିଆଯାଉ ନ ହେଲେ ଆଗାମୀ ଦିନରେ ପୁନର୍ବାର ସମ୍ପୂର୍ଣ୍ଣ ଓଡିଶା ରେ ଅଖଚକ ବନ୍ଦ କରି ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ରାଇଘର ପୋଲିସ ରାସ୍ତାରୋକୋ ସ୍ଥାନରେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ଦେଖିବାକୁ ମିଳିଛି।

# କଂଗ୍ରେସର ଓଡିଶା ବନ୍ଦ ଦଶପଲ୍ଲାରେ ମିଶ୍ରିତ ପ୍ରଭାବ



ଦଶପଲ୍ଲା, (ମହାଭାରତ) : କଂଗ୍ରେସ ଓ ବାମଦଳ ପକ୍ଷରୁ ଗୁରୁବାର ଦିନ ଦିଆଯାଇଥିବା ' ଓଡ଼ିଶା ବନ୍ଦ'ର ସେଭଳି କୌଣସି ଆଖିଦୃଶିଆ ପ୍ରଭାବ ଦଶପଲ୍ଲାରେ ପରିଲକ୍ଷିତ ହୋଇନାହିଁ। ଦୋକାନବଜାର ଯଥାରୀତି ଖୋଲିଥିବା ବେଳେ ଯାତାୟାତ ସ୍ୱାଭାବିକ ରହିଥିଲା। ଦୂରଦୂରାନ୍ତକୁ ଯାତ୍ରୀବାହି ବସ୍ ଦଶପଲ୍ଲା ମଧ୍ୟ ଦେଇ ଯାଉନଥିବା ବେଳେ ପଞ୍ଚାୟତ ବସସେବା ଚାଲୁ ରହିଥିଲା । ଅଫିସ୍ କାର୍ଯ୍ୟ ମଧ୍ୟ ସ୍ୱାଭାବିକ ଥିଲା। କିଛି ବନ୍ଦ ଥିବାବେଳେ ଅନେକ ଅଫିସ ସତର୍କତାର ସହିତ ସମସ୍ତ କାର୍ଯ୍ୟ ଚାଲୁଥିବାର ଦେଖିବାକୁ ମିଳିଥିଲା।

# ଶୋମ୍ୟାଶ୍ରୀଙ୍କ ପାଇଁ ତେଜିଲା ପ୍ରତିବାଦ, ସବୁଠି ବନ୍ଦ୍



ବଇଣ୍ଡା, (ମହାଭାରତ) : ବାଲେଶ୍ୱର ଏଫ୍ ଏମ କଲେଜ ଛାତ୍ରୀ ଙ୍କ ପାଇଁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଏହି ଅବସରରେ କଂଗ୍ରେସ କର୍ମୀ ମାନେ ବଇଣ୍ଡା,ଠାକୁରଗଡ଼, ବାମୁର୍ ପିକେଟିଂ ସହିତ ନାରାବାଜି କରି ସମସ୍ତ ଦୋକାନ ବଜାର, ବ୍ୟାଙ୍କ ବନ୍ଦ କରିବା ସହିତ ସମ୍ୟାଶ୍ରୀ ଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ଉଚିତ୍ ନ୍ୟାୟ ମିଳିବା ସହିତ କଳା କାରନାମା ରେ ଲିପ୍ତ ଥିବା ଦୋଷୀ ଙ୍କ ବିରୁଦ୍ଧରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାର ଙ୍କୁ ଦାବୀ ଜଣାଇ ଛନ୍ତି। ଫଳରେ ଜାତୀୟ ରାଜପଥ ୫୫ ଓ ରାଜ୍ଯ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଭାବରେ ଠପ୍ ହୋଇ ଯାଇଥିଲା।ସୂଚନଯୋଗ୍ୟ ଯେ ଗତ ୧୨ ତାରିଖ ଦିନ କଲେଜରେ ନିର୍ଯ୍ୟାତିତ ହୋଇ ଥିବା ସୋମ୍ୟାଶ୍ରୀ ସମସ୍ତ ରାଜନୈତିକ ନେତା, ଜିଲ୍ଲା ପ୍ରଶାସନ , ଏସ୍ ପି ଙ୍କ ଦୃଷ୍ଟି ଆକର୍ଷଣ ସ୍ୱତେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଫଳରେ ନିଜ ଶରୀରରେ ପେଟ୍ରୋଲ ଢ଼ାଳି ଆତ୍ମାହୁତି ପରି ଚରମ ନିଷ୍ପତି ନେଇଥିଲେ। ଏହି ପ୍ରତିବାଦରେ ବୋଇଣ୍ଡା ମଣ୍ଡଳର ଅରବିନ୍ଦ ସ୍ୱାଇଁ, ନିମେଇଁ ସାହୁ, ହିରୋ ଲାଲ ସେଠି, ମିଥୁନ ଦାସ,ନିରଞ୍ଜନ ବାରିକ, ତପନ କୁମାର ମିଶ୍ର (ପୂର୍ବତନ ସଭାପତି ରେଭେନ୍ସା ଛାତ୍ର ସଂସଦ )ଓ ବହୁ କଂଗ୍ରେସ କର୍ମୀ ମାନେ ଉପସ୍ଥିତ ଥିଲେ ।

# କେନ୍ଦୁଝର ଝିଅ ଭବାନୀଙ୍କୁ ବେଙ୍ଗାଲୁରୁ ସ୍ଥିତ ଇସ୍ରୋ ପରିଦର୍ଶନ ସୁଯୋଗ



ଯୋଡା, (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ଟାଟା ଷ୍ଟିଲ ତରଫରୁ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ଶୀର୍ଷ ୩୦ ଛାତ୍ରଛାତ୍ରୀଙ୍କ ମଧରେ ମନୋନୀତ ହୋଇଥିଲେ। କେନ୍ଦୁଝର ଜିଲ୍ଲା ଗୁଆଲି ଗ୍ରାମର ବାସିନ୍ଦା ଓ କାଟେସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ଭବାନୀ ବାଙ୍କୁଲା ନିଜ ଗାଁ ଏବଂ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟସ୍ତରୀୟ ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ଯାଟ୍ସ) ୨୦୨୪ରେ ଭାଗ ନେଇ ଶୀର୍ଷ ୩୦ ବିଜେତାଙ୍କ ମଧରେ ସ୍ଥାନ ପାଇବା ସହ ଇସ୍ରୋ (ଭାରତୀୟ ମହାକାଶ ଗବେଷଣା ସଂସ୍ଥା) ପରିଦର୍ଶନ କରିବାର ସୁଯୋଗ ପାଇଛନ୍ତି ଭବାନୀ। ଏହି କାର୍ଯ୍ୟକ୍ରମରେ ବିଜେତାମାନଙ୍କ ମଧରେ ସ୍ଥାନ ପାଇଥିବା ଭବାନୀଙ୍କୁ ବେଙ୍ଗାଲୁରୁ ସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଟେଲିମେଟ୍ରି ଟ୍ରାକିଂ ଏବଂ କମାଣ୍ଡ ନେଟୱର୍କ (ଇସଟ୍ରାକ) ଏବଂ ୟୁ ଆର ରାଓ ସାଟେଲାଇଟ୍ ସେଣ୍ଟର (ୟୁଆରଏସସି) ପରିଦର୍ଶନ କରିବାର ସୁଯୋଗ ମିଳିଥିଲା। ସେଠାରେ ସେ ଉପଗ୍ରହ କିଭଳି ବିକାଶ କରାଯାଉଛି, ତାହା ଦେଖିଥିଲେ ଏବଂ ବିଶିଷ୍ଟ ବୈଜ୍ଞାନିକମାନଙ୍କଠାରୁ ସେ ସମ୍ପର୍କରେ ଅଧିକ ଜାଣିପାରିଥିଲେ। ତାଙ୍କ ସହ ଯାଇଥିବା ଛାତ୍ରଛାତ୍ରୀମାନେ ବିଶ୍ୱେଶ୍ୱରାୟ ଶିଳ୍ପ ଓ ପ୍ରଯୁକ୍ତି ସଂଗ୍ରହାଳୟ ପରିଦର୍ଶନ କରି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଷୟରେ ଅଧିକ ଜ୍ଞାନ ଆହରଣ କରିଥିଲେ। ଏହି ଶିକ୍ଷଣୀୟ ଭ୍ରମଣ ୨୦୨୫ ମେ' ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଓଡ଼ିଶା ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ଉପସଚିବ ଏବଂ ପଠାଣି ସାମନ୍ତ ପ୍ଲାନେଟାରିୟମର ନିର୍ଦ୍ଦେଶକ ଶ୍ରୀମତୀ ଉର୍ମିପ୍ରଭା ମହାରଣା ଏବଂ ଟାଟା ଷ୍ଟିଲର ଅଧିକାରୀମାନଙ୍କ ନେତୃତ୍ୱରେ ଏହି ପରିଭ୍ରମଣ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ନିଜ ନିଜ ଅଭିଭାବକଙ୍କ ସହ ଏହି ପରିଦର୍ଶନରେ ଯୋଗ ଦେଇଥିଲେ।ହରିହର ବାଙ୍କୁଲା ଏବଂ ଲୀଳାବତୀ ବାଙ୍କୁଲାଙ୍କ ଝିଅ ଭାବନୀ ନିଜ ଉତ୍ସାହ ପ୍ରକାଶ କରି କହିଛନ୍ତି ଯେ, 'ଯାଟ୍ସ କାର୍ଯ୍ୟକ୍ରମ ପାଇଁ ଟାଟା ଷ୍ଟିଲକୁ ଧନ୍ୟବାଦ। ମୁଁ ଇସ୍ରୋର ବେଙ୍ଗାଲୁରୁସ୍ଥିତ ପ୍ରମୁଖ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବାର ଏକ ଅଦ୍ଭୁତ ସୁଯୋଗ ପାଇଥିଲି। ଉପଗ୍ରହ ବିକାଶ ପ୍ରକ୍ରିୟା ସ୍ୱଚକ୍ଷୁରେ ଦେଖିବା ଏବଂ ବୈଜ୍ଞାନିକମାନଙ୍କ ଠାରୁ ମହାକାଶ ବିଜ୍ଞାନ ସମ୍ପର୍କରେ ଜ୍ଞାନ ଆହରଣ କରିବା ମୋ ପାଇଁ ବାସ୍ତବ ଏବଂ ରୋମାଞ୍ଚକର କରିଥିଲା। ସଂଗ୍ରହାଳୟ ପରିଦର୍ଶନ ଏହି ଅନୁଭୂତିକୁ ଆହୁରି ସମୃଦ୍ଧ କରିଥିଲା। ଏହି ଭ୍ରମଣ ମୋତେ ପ୍ରେରଣା ଦେଇଥିବା ବେଳେ ମହାକାଶ ପ୍ରଯୁକ୍ତିବିଦ୍ୟାରେ କ୍ୟାରିଅର୍ ଗଢ଼ିବା ପାଇଁ ମୋ ଦୃଢ଼ ସଂକଳ୍ପକୁ ଆହୁରି ମଜଭୂତ କରିଛି।''ଏ ସମ୍ପର୍କରେ କାଟେସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ନରେଶ ଚନ୍ଦ୍ର ମହାନ୍ତ କହନ୍ତି, 'ବିଶେଷ କରି ଉପାନ୍ତ ଅଞ୍ଚଳରେ ବିଜ୍ଞାନ ଶିକ୍ଷା ର ପ୍ରଚାର ଏବଂ ପ୍ରସାର ପାଇଁ ଟାଟା ଷ୍ଟିଲର ଅବଦାନ ଅତୁଳନୀୟ ଓ କେବଳ ଟାଟା ଷ୍ଟିଲର ସହଯୋଗ ପାଇଁ ଛାତ୍ରଛାତ୍ରୀ ମାନେ ଏତେ ଆଗକୁ ଯାଇପାରିଛନ୍ତି ଏବଂ ଏଭଳି ପ୍ରଚେଷ୍ଟା ଜାରି ରହିଲେ, ଦିନେ ଏହି ପିଲାମାନଙ୍କ ମଧ୍ୟରୁ ବୈଜ୍ଞାନିକ ହୋଇ ବାହାରିବେ ଓ''ମହାକାଶ ଆପଣଙ୍କ ପରବର୍ତ୍ତୀ ଭ୍ରମଣ ସ୍ଥଳ ହେବ କି?" ବିଷୟବସ୍ତୁ ଉପରେ ଆଧାରିତ ଯାଟ୍ସ ର ୧୮ତମ ସଂସ୍କରଣରେ ଓଡ଼ିଶାର ୭୧,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ପ୍ରତିଷ୍ଠିତ ଶିକ୍ଷାମୂଳକ ଭ୍ରମଣ ପାଇଁ ଶୀର୍ଷ ୩୦ ବିଜେତାଙ୍କୁ ଚୟନ କରାଯାଇଥିଲା। ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରିବା ଏବଂ ମହାକାଶ ବିଜ୍ଞାନରେ ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୨୦୦୭ରେ ଟାଟା ଷ୍ଟିଲ୍ ଓ ପଠାଣି ସାମନ୍ତ ପ୍ଲାନେଟାରିୟମର ମିଳିତ ସହଯୋଗରେ ଯାଟ୍ସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ। ଏହା ପ୍ରଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ପରମ୍ପରାକୁ ସମ୍ମାନ ଜଣାଉଛି। ଗତ ୧୮ ବର୍ଷରେ ଏହି କାର୍ଯ୍ୟକ୍ରମରେ ୪.୭୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଛନ୍ତି ଏବଂ ୨୩୦ ଯୁବ ପ୍ରତିଭାଙ୍କୁ ଇସ୍ରୋର ପ୍ରମୁଖ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବାର ସୁଯୋଗ ମିଳିଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






ଶୁକ୍ରବାର ୧୮, ଜୁଲାଇ ୨୦୨୫

## ହାଇୱା ଓଲଟି ଡ୍ରାଇଭର ମୃତ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଘଟଗାଁ ଥାନା ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତର ନୂଆଗାଁ ରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା। ହାଇୱା ଓଲଟି ଡ୍ରାଇଭର ର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ଡ୍ରାଇଭର ଜଣକ ହେଉଛନ୍ତି ପଣ୍ଡାପଡା ଥାନା ଅନ୍ତର୍ଗତ ଉଚକାବେଡା ଗ୍ରାମର ଗିରିଧାରୀ ମହାନ୍ତ । ସେ ଯାଜପୁର ଜିଲ୍ଲା ଚଢ଼େଇ ଧରା ରୁ ପଥର ଗୁଣ୍ଡ ହାଇୱା ରେ ନେଇ ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତର ନୂଆଗାଁ କୁ ଆସି ମାଲ୍ ଖାଲି କରୁଥିବା ବେଳେ ହାଇଡ୍ରୋଲିକ୍ ପାଇପ୍ ଫାଟି ଯିବାରୁ ହାଇୱା ଓଲଟି ପଡିବାରୁ ଗିରିଧାରୀ ହାଇୱା ତଳେ ଚାପି ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ହେଲେ ସେଠାରେ ଡାକ୍ତର ଗିରିଧାରୀ ଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ପୋଲିସ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଞ୍ଚି ମୃତଦେହ କୁ ଜବତ କରି ବ୍ୟବଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ।

## ଆସିକା ଟେକ୍ନିକାଲ ହାଇସ୍କୁଲ ଶିକ୍ଷୟତ୍ରୀ ଦୁର୍ବ୍ୟବହାର ଘଟଣାରେ ଶିକ୍ଷୟତ୍ରୀ ନିଲମ୍ବିତ

ଆସିକା(ମହାଭାରତ):ଦୀର୍ଘଦିନ ଧରି ଆସିକା କଲେଜ ଛକ ସ୍ଥିତ ଟେକନିକାଲ ହାଇସ୍କୁଲରେ ଗଣିତ ଶିକ୍ଷୟତ୍ରୀଙ୍କ ଛାତ୍ରଛାତ୍ରୀଙ୍କ ଦୁର୍ବ୍ୟବହାର ଘଟଣାରେ ଗତକାଲି ଛାତ୍ରଛାତ୍ରୀମାନେ ମୁଖ୍ୟ ଫାଟକରେ ଦୀର୍ଘସମୟ ଧରି ଆନ୍ଦୋଳନ କରିଥିଲେୟ ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର ଘଟଣାକୁ ଜିଲ୍ଲା ଶିକ୍ଷାଧିକାରୀ ତଦନ୍ତ କରି ଆଜି ସମ୍ପୃକ୍ତ ଗଣିତ ଶିକ୍ଷୟତ୍ରୀ ଆକିଲମ ବେଗମଙ୍କୁ ନିଲମ୍ବନ କରାଯାଇଛି ବୋଲି ଜଣାଇଛନ୍ତି। ଦୀର୍ଘଦିନ ଧରି ଶିକ୍ଷକଙ୍କ ବଦଳି ଆନ୍ଦୋଳନ ଆଜି ଟେକନିକାଲ ହାଇସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ସାଙ୍ଗକୁ ଅଭିଭାବକ ମହଲରେ ଆସ୍ୱସ୍ତି ସାଙ୍ଗକୁ ଶିକ୍ଷକ ନିଲମ୍ବନ କରିବା ଘଟଣା କୁ ସ୍ୱାଗତ କରିଛନ୍ତି। ଗତକାଲି ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ବେଳେ ଆନ୍ଦୋଳନ ସ୍ଥଳକୁ ଆସିକା ବିଇଓ ମୁନରାଣୀ ମହାନ୍ତି ପହଁଞ୍ଚି ତୁରନ୍ତ ଏହି ଶିକ୍ଷୟତ୍ରୀଙ୍କ ବଦଳି ଡିଇଓ ଙ୍କ ପ୍ରତିଶୃତିକୁ ଆନ୍ଦୋଳନ କାରି ଛାତ୍ର ଛାତ୍ରୀ ଙ୍କ ଠାରେ ଘୋଷଣା କରିଥିଲେ।ଆଜିର ଏହି ବଦଳି ପରେ ଅବିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀ ବିଇଓ ଙ୍କୁ ଧନ୍ୟବାଦ ଜଣାଇଛନ୍ତ।

## ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ନିଖୋଜ ଥିବା ମାନସିକ ରୋଗୀ ଫେରିଲେ ନିଜ ଘରକୁ



ଆସିକା(ମହାଭାରତ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୱାର୍ଡ ନମ୍ବର ୧୨ ବାସିନ୍ଦା ଏସ ମଞ୍ଜୁ ଦୀର୍ଘ ଦିନ ଧରି କେଉଁଆଡେ ନିଖୋଜ ହୋଇଯାଇଥିଲେ। ଶେଷରେ ଦେଶର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଇ ଏମ ଏଚ ଚେନ୍ନାଇ ସ୍ୱେଚ୍ଛାସେବୀ ସଂଗଠନ ଅତି ଦୟନୀୟ ଭାବେ ରାସ୍ତା କଡ଼ରୁ ଉଠାଇଆଣି ତାଙ୍କଡାକ୍ତର ଭରତ ଭଟବାନି ଚିକିତ୍ସା କରି ସେ ସୁସ୍ଥ ହେବାପରେ ତାଙ୍କ ପରିବାର ଠିକଣା ପାଇ ପରିବାର ଲୋକଙ୍କୁ ହସ୍ତାନତର କରିବା ପାଇ ମହାରାଷ୍ଟ୍ର ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶ୍ରଦ୍ଧା ରିହାବିଲେସନ ଫାଉଣ୍ଡେସନ କୁ ହସ୍ତାନ୍ତର କରିଥିଲେ। ଶ୍ରଦ୍ଧା ରିହାବିଲେସନ ଫାଉଣ୍ଡେସନ କର୍ମୀ ପୂଜା ଜେନା ତାଙ୍କୁ ସାଙ୍ଗରେ ଆଣି ଆସିକା ଗଣ୍ଡପଲ୍ଲୀରେ ତାଙ୍କ ନିଜ ଘରେ ପୁଅ ଏସ କିରଣ ଓ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏସ ମଞ୍ଜୁ ଫେରିପାଇଁ ପରିବାର ଲୋକ ଓ ସାହି ପଡିଶା ଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ବଣୀନାଳୀ ଠାରେ ବିଶ୍ୱ ଯୁବ କେନ୍ଦ୍ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ବିଶ୍ୱ ଯୁବ କେନ୍ଦ୍ର,ବଣୀନାଳୀ, ଅନୁଗୋଳ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମ ଆକ୍ସେସ ଟୁ ଜଷ୍ଟିସ ଦ୍ୱାରା ଅନୁଗୋଳ ଜିଲ୍ଲାର ବଅଁରପାଳ ବଉଳିଗଡ ଗ୍ରାମ ପଞ୍ଚାୟତ ର ସିମିଳିଛୁଇଁ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯକ୍ରମରେ ୱାଡମେମ୍ବର, ଅଙ୍ଗନୱାଡ଼ି କର୍ମୀ , ଆଶା ଦିଦି , ସିଆରପି ଓ ଗ୍ରାମବାସୀ ମାନଙ୍କ ଉପସ୍ଥିତି ରେ ଜିଲ୍ଲା ରେ ଶିଶୁ ମାନଙ୍କୁ ନିଜର ଅଧିକାର ରୁ ବଞ୍ଚିତ କରି ବଲ୍ୟବିବାହ, ଶିଶୁ ଚାଲାଣ,ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦ ଶଙ୍କୁଳ କାର୍ଯ୍ୟ ରେ ନିୟୋଜିତ ନ କରିବା ତଥା ଏହାର ଭୟାବହତା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବାଲ୍ୟ ବିବାହ ତଥା ଶିଶୁଙ୍କୁ ଶ୍ରମ ରେ ନିୟୋଜିତ କରୁଥିବା ଲୋକଙ୍କ ପାଇଁ ଭାରତୀୟ ଆଇନ ଅନୁଯାୟୀ ବାଲ୍ୟ ବିବାହ ର ଦଣ୍ଡ ବିଧାନ ଓ ନିୟମାବଳି ଏବଂ ପ୍ରତ୍ୟେକ ଶିଶୁର ଚାରୋଟି ପ୍ରାଥମିକ ଅଧିକାର ବିଷୟ ରେ ଆଲୋଚନା କରିଥିଲେ। ଏହି ସବୁ କାର୍ଯ୍ୟକ୍ରମ ର ଆୟୋଜନ ତଥା ପରିଚାଳନା ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂଜା ସ୍ୱାଇଁ ଙ୍କ ତତ୍ତ୍ୱା ବଧାନରେ ପ୍ରକଳ୍ପ ସହଯୋଗୀ ଲକ୍ଷ୍ମୀ ବେହେରା ପରିଚାଳନା କରିଥିଲେ।

## ଦୁର୍ଘଟଣା ରୁ ରକ୍ଷା ପାଇଲା ଟ୍ରକ୍

ଦଶପଲ୍ଲା,(ମହାଭାରତ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ଥାନା ଅଧୀନସ୍ଥ ପିଙ୍କି ଛକ ଠାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ ରେ ଏକ ଟ୍ରକ ଅଟକି ଯାଇଛ। ଟ୍ରକଟି ବୌଦ୍ଧ ରୁ ନିରାକାରପୁର ଅଭିମୁଖେ ଆସୁଥିବା ବେଳେ ମଧ୍ୟ ରାତ୍ର ସମୟରେ ଏକ ବସ ସାଇଡ ମାରିବାରୁ ଏଭଳି ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ (ଏନ ଏଲ ୦୧ ଏ ଏଫ ୮୬୮୮ ) ସ୍ପିରିଟ ବୋଝେଇ ଟ୍ରକ ନେଇ ନିରାକାରପୁର ଯାଉଥିଲାୟ ଗାଡ଼ିଟି ଦ୍ରୁତ ବେଗରେ ଆସୁଥିବା ବେଳେ ସାମ୍ନା ରୁ ଏକ ବସ ହମ୍ପସ ନିକଟରେ ସାଇଡ ମାରିଥିଲା। ମାତ୍ର ଏହି ଦୁର୍ଘଟଣାରେ କାହାର କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି।

# କେବେ ଶେଷ ହେବ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ



ଥୁଆମୂଳ ରାମପୁର, (ମହାଭାରତ) : ଓଡିଶା ରାଜ୍ୟର ପ୍ରତେକ ବ୍ଲକ ରେ ଗ୍ରାମ ପଂଚାୟତ ସ୍ଥାପନ କରାଯାଉ ଥିବା ଲେ ବିଜେଡି ଶାସନ ସମୟ ରେ ନୂତନ ଗ୍ରାମ ପଞ୍ଚାୟତ ଗଠନ କରାଗଲା, ସେ ନେଇ ଗ୍ରାମ ପଂଚାୟତ କାର୍ଯ୍ୟାଳୟ କୋଠା ନିର୍ମାଣ କରିବା ନିମନ୍ତେ କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଗଲା । ତଥାପି ଅଧିକାଂଶ ଜାଗା ରେ ନୂତନ ଗ୍ରାମ ପଂଚାୟତ କାର୍ଯ୍ୟାଳୟ କୋଠା ନିର୍ମାଣ ହୋଇ ପାରିଲିନି । ଯାହା ଫଳରେ ହିତାଧିକାରୀ କାର୍ଯ୍ୟାଳୟ ନ ଥିବା ଯୋଗୁଁ ବିଭିନ୍ନ ସମୟ ରେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି ।ଗ୍ରାମ ପଂଚାୟତ କୁ ଗୁରୁତ୍ୱପୁର୍ଣ୍ଣ କାର୍ଯାଳୟ ହୋଇ ଥିବା ବେଳେ ଏହି କାର୍ଯାଳୟ ନିର୍ମାଣ ଅନିୟମିତତା ଦେଖା ଦେଇଛି କ୍ଷ ଦୀର୍ଘ ବର୍ଷ ହେଲା ଗ୍ରାମ ପଂଚାୟତ କାର୍ଯାଳୟ ନିର୍ମାଣ ରେ ଅହେତୁକ ବିଳମ୍ବ ଯୋଗୁଁ ଜନ ଅସ୍ପଷ୍ଟ ପ୍ରକାଶ ପାଇଥିବା ଜଣାପଡି ଛି । ଏହି ଭଳି ଏକ ନୂତନ ଗ୍ରାମ ପଂଚାୟତ ସ୍ଥାପନ କରାଯାଇଛି ହେଲେ ନିଜସ୍ୱ ଗ୍ରାମ ପଂଚାୟତ କୋଠା ନାହିଁ । କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବିରିକୋଟ ପ□ାୟତ ରେ ନୂତନ ନିର୍ମାଣ ଗ୍ରାମ ପ□ାୟତ କାର୍ଯ୍ୟାଳୟ କୋଠା ଶେଷ ହୋଇନାହିଁ । ଏହାକୁ ନେଇ ଆମ ଗଣମାଧମ ପ୍ରତିନିଧି ତଥ୍ୟ ସୂଚନା ମାଗିବାରୁ ପଞ୍ଚାୟତ ନିର୍ବାହ କନିଷ୍ଠ ଯନ୍ତ୍ରୀ ତଥ୍ୟ ସୂଚନା ଦେବାକୁ ନାରାଜ। ତଥ୍ୟ ନ ଦେବାର କାରଣ କୋଠା ନିର୍ମାଣ ଭିତରେ କିଛି ରହସ୍ୟ ଥିବା ଅନୁମାନ କରାଯାଉଛି । ଯାହା କି କଥା ହାଟରେ ପଡି ଦାଣ୍ଡରେ ପଡିବା ଭୟ ରେ ଦେଉନାହାନ୍ତି ବୋଲି ପଞ୍ଚାୟତ ବାସୀ ଆଲୋଚନା କରୁଛନ୍ତି । ବିନା ସୂଚନା ଫଳକରେ କାର୍ଯ୍ୟ କରିବଥିବା ଜଣାପଡିଛି । କେବଳ ଏଠି ମାଲମାଲ ରାଜନେତା ଓ ପାୱାର ଥିବା କିଛି ଜନ ପ୍ରତିନିଧି ବି ଅଛନ୍ତି ଆଉ ପୂର୍ ସମୟ ଥିଲେ କିନ୍ତୁ ଏଠି ଠିକା କାମ ରେ ସମସ୍ତେ ବ୍ୟସ୍ତ ସାଧାରଣ ଜନତା ହୋଇରାଣ ହେଲେ ତାଙ୍କର କିଛି ଯାଏଁ ଆସେ ନାହିଁ ବୋଲି ସାଧାରଣ ଜନତା ରେ ଚର୍ଚ୍ଚା ବିଷୟ ପାଲଟିଛି । ତେଣୁ ଏହାକୁ ପ୍ରଶାସନ ଉଚ୍ଚପଦାଧିକାରୀ ସଠିକ ତଦନ୍ତ କରି ପଞ୍ଚାୟତ କାର୍ଯ୍ୟାଳୟ କୋଠା ରେ ରହସ୍ୟ ପଦାକୁ ଆସିପାରିବ ବୋଲି ପଂଚାୟତ ବାସୀ ପ୍ରକାଶ କରିଥିଲେ।

## ଜୁନାଗଡ଼ ସିଟିଜନ ଫୋରମର ବୈଠକ




ଜୁନାଗଡ଼,(ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ ଆରଏମସି ସଭାଗୃହ ପରିସରରେ ସିଟିଜନ ଫୋରମ ର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସିଟିଜେନ ଫୋରମ ର ସଭାପତି ତଥା ବରିଷ୍ଠ ଓକିଲ ଅଶୋକ କୁମାର ପାତ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ଜୁନାଗଡ଼ ସହରର ଅନେକ ମାନ୍ୟ ଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବି, ସମାଜସେବୀ, ସିଟିଜେନ ଫୋରମ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ଜୁନାଗଡ଼ ସହରର ବିଭିନ୍ନ ସମସ୍ୟା ଓ ତାର ନିରାକରଣ ନିମନ୍ତେ ନିଜସ୍ୱ ମତାମତ ପ୍ରଦାନ କରିଥିଲେ ।ସଭାରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗ ଦେଇ କିଭଳି ଭାବରେ ଜୁନାଗଡ଼ ସହରର ବିକାଶ କୁ ଆଗକୁ ନିଆଯାଇ ପାରିବ ତାରି ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ସଙ୍ଘ ର ସଭାପତି ଈଶ୍ୱର ପୁଝାରୀ, ଜୁନାଗଡ଼ ଏନ. ଏ. ସି ଚେୟାରମ୍ୟାନ ହିମାଦ୍ରୀ ନାଏକ ପ୍ରମୁଖ ମଂଚସୀନ ଥିଲେ। କ୍ଷଜୁନାଗଡ଼ ସିଟିଜେନ ଫୋରମ ତରଫରୁ ପ୍ରମୁଖ ଦାବୀ ଗୁଡିକ ଯଥା ଜୁନାଗଡ଼ ସହରର ଡ୍ରେନ ସମସ୍ୟା ପାର୍କିଂ ସମସ୍ୟା, ଟ୍ରାଫିକ ସମସ୍ୟା,ପୋଷ୍ଟ ଅଫିସ ନିକଟରେ ପାର୍କିଂ ବ୍ୟବସ୍ଥା, ଟାଉନ ହଲ ର ଉଉତି କରଣ ଏଭଳି ଅନେକ ସମସ୍ୟା କୁ କିଭଳି ଦୂର କରାଯାଇ ପାରିବ ତାଉପରେ ବିଧାୟକ ଙ୍କୁ ଅବଗତ କରାଯାଇଥିଲା ।ଏକ ଦାବୀ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲାଏହି ଅବସରରେ ୧୯୭୫ ରେ ଜରୁରି କାଳୀନ ପରିସ୍ଥିତି ରେ ଛଅ ମାସ ରୁ ଉର୍ଦ୍ଧ ଧରି ଜେଲ ଦଣ୍ଡଭୋଗୀ ଥିବା ଲୋକତନ୍ତ୍ର ସେନାନୀ ବେଦ ପ୍ରକାଶ ଗୋଏଲ, ଟ୍ରାଫିକ କ୍ଷେତ୍ର ରେ ଉଲ୍ଲେଖନିୟ ଅବଦାନ ପାଇଁ ଜୁନାଗଡ଼ ପୋଲିସ ହୋମଗାର୍ଡ ରାଜା ନାଏକ ଏବଂ ୫୦ ବର୍ଷ ଧରି ପେପର ହକର ଭାବେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ କରୁଥିବା ୭୨ ବର୍ଷୀୟ ଉପେନ୍ଦ୍ର କୁଣ୍ଡୁ ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ସିଟିଜେନ ଫୋରମ ର ସମ୍ପାଦକ ବିଜୟ କୁମାର ବେହେରା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଉପସଭାପତି ସନ୍ତୋଷ କୁମାର ସିଂହଦେଓ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଟିକୁ ସହାୟତା କରିଥିଲେ। ସିଟିଜେନ ଫୋରମ ର ବରିଷ୍ଠ ସଦସ୍ୟ ତଥା ମିଡ଼ିଆ ପ୍ରଭାରୀ ଯୁଗଳ ନାୟକ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ ମଳୟ ମୁଣ୍ଡ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଗୋବରଘାଟିରେ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟିତ

କଳିଙ୍ଗନଗର, (ମହାଭାରତ)ଯାଜପୁର କଳିଙ୍ଗନଗର ରେ ୧୭/୦୭/୨୦୨୫: ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସ୍ଏଫ୍) ପକ୍ଷରୁ ଗୋବରଘାଟି ଫେଜ୍-୨ର ବାମିଆଘାଟ କମ୍ୟୁନିଟି ହଲ୍ରେ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍ଘାଟନ କରାଯାଇଛି। ଏହି କେନ୍ଦ୍ର ଜରିଆରେ ଫାଉଣ୍ଡେସନ ସ୍ୱଦେଶୀ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ପ୍ରସାର ପାଇଁ ରହିଥିବା ପ୍ରତିବଦ୍ଧତାକୁ ଦୋହରାଇଛି ଟାଟା ଷ୍ଟିଲୟଏହି କେନ୍ଦ୍ରକୁ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍କେ)ର ଲଜିଷ୍ଟିକ୍ସ ପରିଚାଳନା ମୁଖ୍ୟ ଶୁଭ୍ରାଂଶୁ ଶେଖର ରାଉତ ଓ ଟାଟା ଷ୍ଟିଲ୍ କଳିଙ୍ଗନଗର କର୍ମଚାରୀ ସଂଘ (ଟିଏସ୍କେଡବ୍ଲ୍ୟୁ)ର ସଭାପତି ରବିନ୍ଦ୍ର କୁମାର ଜାମୁଦା ଉଦ୍ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ଗୋଷ୍ଠୀର ସଦସ୍ୟ ଏବଂ ଚଡ଼ିଆ, ଗୋବରଘାଟି ଓ ନୂଆ ଚମ୍ପାକୋଇଲା ଅଂଚଳର ବିସ୍ଥାପିତ ପରିବାରବର୍ଗ ସାମିଲ ହୋଇଥିଲେ।ଏହି ଉପଲକ୍ଷେ ୨୦୨୫ ଜୁଲାଇ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଆଦିବାସୀ ନୃତ୍ୟ ଓ ସଙ୍ଗୀତକୁ ନେଇ ଏକ ୪ ଦିନିଆ କର୍ମଶାଳା ଆୟୋଜନ କରାଯାଇଥିଲା। ସେଥିରେ ଯୁବବର୍ଗ, ମହିଳା ଓ ଗୋଷ୍ଠୀର ନେତୃମଣ୍ଡଳୀ ସମେତ ୬୦ରୁ ଅଧିକ ଜନସାଧାରଣ ଯୋଡ଼ି ହୋଇଥିଲେ। ଝାଡ଼ଖଣ୍ଡର ଆଦିବାସୀ ରାମୋଜ ଆଖଡ଼ା ସହଯୋଗରେ ଆୟୋଜିତ ଏହି କର୍ମଶାଳା, ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍ଘାଟନ ଅବସର ପାଇଁ ମଞ୍ଚ ପ୍ରସ୍ତୁତ କରିଥିଲା ଏବଂ ସ୍ଥାନୀୟ ସମାଜରେ ସାଂସ୍କୃତିକ ଗୌରବ ଓ ଉତ୍ସାହକୁ ସୁଦୃଢ଼ କରିଥିଲା। ଏହି ସମାରୋହରେ ଟିଏସ୍ଏଫ୍ ଟିମ୍ ତରଫରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ରର ଲକ୍ଷ୍ୟ ଏବଂ ପାରମ୍ପରିକ କଳାକୃତିକୁ ସମୃଦ୍ଧ କରିବା ଓ ଆଦିବାସୀ ଗୋଷ୍ଠୀଙ୍କୁ ସଶକ୍ତ କରିବା ଉପରେ ଆଲୋକପାତ କରାଯାଇଥଲା। ଏହି ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ରକୁ ସାଂସ୍କୃତିକ ପରିପ୍ରକାଶ, ଦକ୍ଷତା ବିକାଶ ଏବଂ ଗୋଷ୍ଠୀ ସମ୍ପୃକ୍ତିର ହବ୍ ଭାବେ ପରିକଳ୍ପନା କରାଯାଇଥିବା ବେଳେ ଭବିଷ୍ୟତ ପି ପାଇଁ ଆଦିବାସୀ ନୃତ୍ୟ ଓ ସଙ୍ଗୀତର ସମୃଦ୍ଧ ପରମ୍ପରାକୁ ଆହୁରି ସମୃଦ୍ଧ କରିବାକୁ ଲକ୍ଷ୍ୟ ରଖାଯାଇଛି।



# ବିଭିନ୍ନ ସ୍ଥାନରେ ବନ୍ଦ ପାଳନ ସଫଳ



ହିନ୍ଦୋଳ(ମହାଭାରତ)ଓଡିଶା ପ୍ରଦେଶ କଂଗ୍ରେସକମିଟି ପକ୍ଷରୁ ସାରା ଦେଶରେ ଚାଞ୍ଚଲ୍ୟସୃଷ୍ଟି କରିଥିବା ଓଡିଶା ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୋମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପାଇଁ ବନ୍ଦ ଡାକରକୁ ମିଳିଛି ଅଭୁତପୂର୍ବ ସଫଳତା ।ସୋମ୍ୟକ୍ଷଶ୍ରୀଙ୍କୁ ବିଭାଗୀୟ ଅଧାପକ ମାନସିକ ନିର୍ଯ୍ୟାତନା ଦେଉଥିବା ଛାତ୍ରୀଜଣକ ମୁଖ୍ୟମନ୍ତ୍ରୀ,ଉଚ୍ଚଶିକ୍ଷା ମନ୍ତ୍ରୀ,ଶାସକଦଳର ବାଲେଶ୍ୱର ସାଂସଦ, ପୋଲିସ ଅତିରିକ୍ତ ଅଧିକ୍ଷକ, ଥାନାଅଧିକାରୀ, କଲେଜ ପ୍ରିନସିପାଲ, ଏବିଭିପି ସଂଗଠନ ସମସ୍ତଙ୍କୁ ଦୀର୍ଘଦିନ ଧରି ଜଣାଇଆସୁଥିଲେ ହେଁ ସୁରକ୍ଷା ନମିଳିବାରୁ ସୋମ୍ୟାଶ୍ରୀ ଗତ ୧୨ତାରିଖରେ ପ୍ରିନସିପାଲ ଅଫିସସାମ୍ନାରେ ପେଟ୍ରୋଲ ଢାଳିହୋଇ ନିଜ ଦେହରେ ନିଆଁ ଲଗାଇଦେଇଥିଲେ ଏବଂ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏହି ପରିପେକ୍ଷୀରେ ଓଡିଶାର ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନରେ ଆଜି ସାରା ରାଜ୍ୟରେ କଂଗ୍ରେସ ବନ୍ଦ ପାଳନ କରିଛି ଏବଂ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ସଂଗଠନ ପକ୍ଷରୁ ଜିଲ୍ଲାସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ମୃତ ସୋମ୍ୟାଶ୍ରୀଙ୍କ ପାଇଁ ନ୍ୟାର୍ଯ୍ୟନ୍ୟାୟ ଓ ଉଚିତ କ୍ଷତିପୂରଣ, ଦୋଷୀଙ୍କୁ କଠୋରଦଣ୍ଡ, ଯେଉଁମାନଙ୍କ ଅବହେଳା ଓ ନୀରବତା ପାଇଁ ଏଭଳି ଅଘଟଣ ଘଟିଲା ସେସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହ ମୁଖ୍ୟମନ୍ତ୍ରୀ,ଉଚ୍ଚଶିକ୍ଷାମନ୍ତ୍ରୀ, ବାଲେଶ୍ୱର ସାଂସଦଙ୍କ ଇସ୍ତଫା ଦାବି କରିବା ସହ ବନ୍ଦପାଳନ କରିଛନ୍ତି।

ପାରାଦୀପ: ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୂତୀ ଘଟଣା ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି କରିଛି । ନ୍ୟାୟ ପାଇବା ପାଇଁ ସୌମ୍ୟାଶ୍ରୀ ବିଭିନ୍ନ ମହଲରେ ନିବେଦନ କରି ବିଫଳ ହେବା ପରେ ଆତ୍ମାହୂତୀ ଭଳି ଚରମ ନିଷ୍ପତ୍ତି ନେଇଥିଲେ । ଏହି ଘଟଣାରେ ସୌମ୍ୟାଶ୍ରୀଙ୍କର ଚିକିତ୍ସାଧୀନ ଥିବା ବେଳେ ମୃତ୍ୟୁ ହୋଇଥିଲା । ଏହି ଆତ୍ମାହୂତୀ ଘଟଣାରେ ରାଜ୍ୟ ସରକାର ରାଜ୍ୟରେ ମହିଳମାନଙ୍କୁ ସୁରକ୍ଷା ଦେବାରେ ବିଫଳ ଏବଂ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ବାଲେଶ୍ୱର ବିଧାୟକ, ସାଂସଦଙ୍କ ଇସ୍ତଫା ଦାବୀରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଦିନ ଓଡିଶା ବନ୍ଦ ଡାକରା ଦେଇଥିଲା । ଏହି ବନ୍ଦ ଡାକରାକୁ କମ୍ୟୁନିଷ୍ଟ ପାର୍ଟି ସମେତ ୭ଗୋଟି ଦଳ ସମର୍ଥନ ଦେଇଥିଲେ । ଏହିକ୍ରମରେ ପାରାଦୀପ କଂଗ୍ରେସ୍ ପକ୍ଷରୁ ଗୁରୁବାର ଦିନ ପାରାଦୀପ ବନ୍ଦ ଡାକରା ଦିଆଯାଇଥିଲା । ସକାଳୁ ପାରାଦୀପର ମହିଳା,ଛାତ୍ରଯୁବ କଂଗ୍ରେସ୍ କର୍ମୀମାନେ ପାରାଦୀପ କଂଗ୍ରେସ୍ ନେତା ନିରଂଜନ ନାୟକ, ନଗର କଂଗ୍ରେସ୍ ସଭାପତି କେଦାର ବିଶ୍ୱାଳଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ବନ୍ଦ କରିବାକୁ ଯାଇଥିଲେ । ସୌମ୍ୟାଶ୍ରୀଙ୍କୁ



ସମର୍ଥନ ଜଣାଇ ପାରାଦୀପର ସମସ୍ତ ଦୋକାନ ବଜାର, ବ୍ୟାଙ୍କ, ପେଟ୍ରୋଲ ପମ୍ପ, ବ୍ୟବସାୟିକ ଅନୁଷ୍ଠାନ, ରେଳ ଚଳାଚଳ, ବସ୍ ସେବା, ଶିକ୍ଷାନୁଷ୍ଠାନ ସ୍ୱତପ୍ରବୃତ ଭାବେ ବନ୍ଦ ହୋଇଯାଇଥିଲା । ପାରାଦୀପର ସମସ୍ତ ଶିକ୍ଷାନୁଷ୍ଠାନ ଅନୁଷ୍ଠାନିକ ଭାବେ ବନ୍ଦ କରିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖୋଲାଯାଉଥିବା ବେଳେ ଅଭିଭାବକ ଓ କଂଗ୍ରେସ୍ କର୍ମୀମାନେ ତୀବ୍ର ବିରୋଧ କରିବା ପରେ ଶିକ୍ଷାଦାନ ପ୍ରକ୍ରିୟା ବନ୍ଦ ହୋଇଥିଲା ବୋଲି ପାରାଦୀପ କଂଗ୍ରେସ୍ ନେତା ନିରଂଜନ ନାୟକ କହିଛନ୍ତି ।

ପାଟଣା: କେନ୍ଦୁଝର ଜିଲ୍ଲା ରେ କଂଗ୍ରେସ ଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇ ଛିୟ ଏହି ପରିପ୍ରେକ୍ଷୀରେ ପାଟଣା ଠାରେ ଏକ ପାଳନ ସଭା ବରିଷ୍ଠ କଂଗ୍ରେସ ନେତା ପାଟଣା ବ୍ଲକ ସଭାପତି କୈଳାଶ ଚନ୍ଦ୍ର ବାରିକଙ୍କ ନେତୃତ ରେ ଅନୁଷ୍ଠିତ ହୋଇ ଛିୟ ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ ଓ କଂଗ୍ରେସ କେନ୍ଦୁଝର ପୂର୍ବତନ ସାଂସଦ ପ୍ରାର୍ଥି ଇଂ ବିନୋଦ ବିହାରୀ ନାଏକ, ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମଣ କୁମାର ଦାଶ, କୈଳାଶ ଚନ୍ଦ୍ର ବାରିକ, ଦିଲ୍ଲିପ କୁମାର ଦାଶ, ନିରଞ୍ଜନ କର,ପ୍ରୀୟନିତ ନାଏକ, ଉଦ୍ଧବ ମହନ୍ତ, କଖାରୁ ରାଉଳ ପ୍ରମୁଖ ଉପସ୍ଥିତ ରହି ସୌମ୍ୟାଶ୍ରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ସହ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝି ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଙ୍କ ଇସ୍ତଫା ଦାବି କରିଥିଲେ।




କରଞ୍ଜିଆ,: ଓଡ଼ିଶା କଂଗ୍ରେସର ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନର ଡାକରାକୁ ସମର୍ଥନ ଜଣାଇ ଠାକୁରମୁଣ୍ଡା ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି ।ସକାଳୁ ଉଠି କଂଗ୍ରେସକର୍ମୀମାନେ ଠାକୁରମୁଣ୍ଡା ବଜାର ଠାରୁ ଆରମ୍ଭ କରି ପ୍ରତ୍ୟେକ ଛକ ମାନଙ୍କରେ ପିକେଟିଂ କରିବା ସହ ମହୁଲଡିହା , କେନ୍ଦୁଜିଆଣୀ ଓ ୫୩ ନମ୍ବର ରାଜ୍ୟ ରାଜପଥ ଅଖ ଚକ ବନ୍ଦ ଥିବାର ଦେଖିବାକୁ ମିଳିଥିଲା। ଗତକାଲି ଠାକୁରମୁଣ୍ଡା ବ୍ଲକ କଂଗ୍ରେସ ପକ୍ଷରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଶାନ୍ତିପୂର୍ଣ୍ଣ ଭାବରେ ବନ୍ଦ ପାଳନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରୁଥିଲେ। ଏହା ପ୍ରଭାବରେ ବଜାର ର ବ୍ୟବସାୟ ଅନୁଷ୍ଠାନ , ସମସ୍ତ ବ୍ୟାଙ୍କ୍, ସ୍କୁଲ୍, କଲେଜ, ଡାକବିଭାଗ, ଦୈନିକ ପରିବା ବଜାର ତଥା ସମସ୍ତ ଦୋକାନ ବଜାର ଆଜି ବନ୍ଦ ରହିଥିଲା। ବାଲେଶ୍ୱର ପୀଡିତାଙ୍କୁ ନ୍ୟାୟ ଦାବି ନେଇ କଂଗ୍ରେସ ପକ୍ଷରୁ ଆଜି ଜୋରଦାର ବିକ୍ଷୋଭ ପ୍ରଦର୍ଶନ ସହ ବନ୍ଦ ପାଳନ କରାଯାଇଥିଲା।

କଳାହାଣ୍ଡ: ଭବାନୀପାଟଣା/ ଫକୀରମୋହନ ସ୍ୱୟମ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମା ହୁତି ଘଟଣା କୁ ନେଇ କଂଗ୍ରେସ ସମେତ ୮ ଗୋଟି ବିରୋଧୀ ଦଳ ପକ୍ଷରୁ ଓଡିଶା ବନ୍ଦ ଡାକରା କୁ କଳାହାଣ୍ଡି ରେ ସମ୍ପୁର୍ଣ୍ଣ ଭାବେ ସଫଳ ହୋଇଛ।ଭବାନୀପାଟଣା ସହର ସମେତ ଜିଲା ର ଜୁନାଗଡ, ଧର୍ମଗଡ଼ କେସିଙ୍ଗା, ନର୍ଲା, ମଦନପୁର ରାମପୁର, କଲମପୁର, ଜୟପାଟଣା ଆଦି ସ୍ଥାନରେ ବନ୍ଦ ଶାନ୍ତି ପୂର୍ଣ୍ଣ ଭାବେ ସଫଳ ହୋଇଛି. ଭବାନୀପାଟଣା ସହରର ମେଡିକାଲ ଛକ, ଘୋଡାଘାଟ ପୋଲ, ପିପଲ ନାଳା ପୋଲ, ଦୟାନିଧି ଛକ,ନକଟିଗୁଡା ଛକ ଗୁଡିକରେ କଂଗ୍ରେସ ନେତା ଓ କର୍ମୀ ମାନେ ରାସ୍ତା ଅବରୋଧ କରି ରଖିଥିଲେ। କୌଣସି ଯାନବାହାନ କୁ ଛଡା ଯାଉ ନଥିଲା। କେବଳ ମେଡିକାଲ ସମ୍ବନ୍ଧୀୟ ଗାଡି ମଟର କୁ ଛଡା ଯାଉ ଥିଲା। ଗାଡି ମଟର,,ବସ, ଟ୍ରକ ଅଖ ଚକ ସମ୍ପୂର୍ଣ୍ଣ ବନ୍ଦ ସହ ଦୋକାନ ବଜାର ଏବଂ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ୍, ଡାକଘର, ସ୍କୁଲ କଲେଜ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା. ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଜିଲା ସଂଯୋଜକ ଜଳନ୍ଧର ନାଏକ, ପୁର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ,ଉପ ସଭାପତି ଉଛବ ସାହୁ, ସନ୍ତୋଷ ପ୍ରଧାନ, ଦ୍ରୌପଦୀ ମାଝୀ, ସୈଭାଗ୍ୟ ମଲିକ, ଲକ୍ଷ୍ମୀ ପ୍ରିୟା ନାୟକ,ସମାଜବାଦୀ ପାର୍ଟିର ଜିଲା ସଭାପତି ଜଗଦୀଶ, ପ୍ରମୂଖ ଜିଲାପାଳ କାର୍ଯ୍ୟାଳୟ ଅବରୋଧ କରିଥିଲେ, ନକଟିଗୁଡା ଛକ ରେ ପୁର୍ବତନ କାଉନସିଲର ସୁକାନ୍ତ ବିଶି, ସଂଜୟ ମଲିକ, ପିପଲ ନାଳ ଠାରେ ସରୋଜ ବାଗ, ସୁବାଷ ପ୍ରଧାନ, ସୁକାନ୍ତି ସରାଫ, ମନ୍ଦାକିନୀ ବାଣୁଆ, ମହିଳା ନେତ୍ରୀ ମାର୍ଜିନା ପ୍ରଧାନ, ବାବା ଅଲୀ ଖାଁ, ରଇମାଳା ମାଝୀ, ଲିଙ୍ଗରାଜ ନାୟକ, ଭାଗବତ ଲାଲ, କେତନ ସିଂହ, ପ୍ରମୂଖ ଉପସ୍ଥିତ ରହି ରାସ୍ତା ଅବରୋଧ କରିଥିଲେ।



**ଅସ୍ତରଙ୍ଗ :**ସାରା ରାଜ୍ୟ ରେ ଦିନକୁ ଆଇନ ଶୃଙ୍ଖଳା ସ୍ଥିତି ବିଗୁଡୁଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟ ବିଇଡି ଛାତ୍ରୀ ସୌମ୍ୟା ବିସି ନିଜ ଉପରେ ଅଧାପକ ଙ୍କ ଦ୍ୱାରା ହେଉଥିବା ନିର୍ଯ୍ୟାତନା ରୁ ମୁକ୍ତି ପାଇବା ପାଇଁ କଲେଜ କର୍ତ୍ତୃପକ୍ଷ, ପୋଲିସ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଙ୍କ ପାଖରେ ଗୁହାରି କରି ନ୍ୟାୟ ଭିକ୍ଷା କରିଥିଲେ ବି ତାଙ୍କୁ ନ୍ୟାୟ ମିଳିବା ପରିବର୍ତ୍ତେ ନିରାଶ ହେବାକୁ ପଡିଥିଲାୟ ସବୁଠାରୁ ନିରାଶ ହେବା ପରେ ମାନସିକ ଭାରସାମ୍ୟ ହରାଇ କଲେଜ ପରିସରରେ ଆତ୍ମହତ୍ୟା ଉଦ୍ୟମ କରି ଭୁବନେଶ୍ୱର ଏମ୍ସ ରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ତାଙ୍କୁ ଉଚିତ ନ୍ୟାୟ ମିଳିବା ସହିତ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଙ୍କ ଇସ୍ତଫା ଦାବିକରି ଗୁରୁବାର ଓଡିଶା କଂଗ୍ରେସ ପାର୍ଟି ଓ ବାମପନ୍ଥୀ ଦଳ ଓ ଆମ୍ ଆଦମୀ ପାର୍ଟି ତରଫରୁ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା ଯାହାର ସିଧା ପ୍ରଭାବ ଦେଖିବାକୁ ମିଳିଛି ଅସ୍ତରଙ୍ଗ ଓ କାକଟପୁର ବ୍ଲକ ରେ। ଅସ୍ତରଙ୍ଗ ବ୍ଲକ ସଭାପତି ସୁକାନ୍ତ ମହାନ୍ତି ଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବଜାର ରେ ପିକେଟିଂ କରିବା ସହିତ ମୁଖ୍ୟ ବଜାର ରେ ବେଞ୍ଚ ପକାଇ ବସି ରାସ୍ତା ଅବରୋଧ କରିଥିଲେ। ଠିକ ସେହିପରି କାକଟପୁର ମୂଳାଗଡା ଛକ, ମେଡିକାଲ ଛକ, ମଙ୍ଗଳା କଲେଜ ଛକ, ବ୍ଲକ ଛକ ଓ ବଲରା ବ୍ରିଜ ନିକଟରେ ଉଭୟ ମିଳିତ ବିରୋଧୀ ମାନେ ଏକତ୍ରିତ ହୋଇ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ, କଂଗ୍ରେସ ତରଫରୁ ବିଭିନ୍ନ ବିଦ୍ୟାଳୟ, କଲେଜ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ସାମ୍ନା ରେ ପିକେଟିଂ କରାଯିବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀ ଙ୍କ କୁଶ ପୁ□ଳିକା ଦାହ କରାଯାଇଛି। ଅନେକ ସ୍ଥାନରେ କିଛି ସାଧାରଣ ଲୋକ ବ୍ୟବସାୟିକ ଅନୁଷ୍ଠାନ ଏହି ବନ୍ଦ କୁ ସମର୍ଥନ କରିଥିବା ବେଳେ କାକଟପୁର ମେଡିକାଲ ଛକ ରେ ଜଣେ ରୋଗୀ କୁ ଯିବାକୁ ଦିଆଯାଇନଥିଲା। ଯେଉଁଠି ଟିକେ ମତାନ୍ତର ହୋଇଥିଲା, ଅନେକ ସ୍ଥାନ ରେ କିଛି ବ୍ୟକ୍ତି ବିଶେଷ ଙ୍କ ସାଧାରଣ ଜୀବନ ପ୍ରଭାବିତ ହୋଇଥିବାର ନଜର ଆସିଛି।

## ପାକିସ୍ତାନ ଗସ୍ତ କରିପାରନ୍ତି ଡୋନାଲ୍ଡ ଟ୍ରମ୍ପ



ପାକିସ୍ତାନ : ପାକିସ୍ତାନ ଯିବେ ଟ୍ରମ୍ପ । ସେପ୍ଟେମ୍ବର ମାସରେ ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନ ଗସ୍ତ କରିବା ନେଇ ସୂଚନା ମିଳିଛି । ଟ୍ରମ୍ପ ସେପ୍ଟେମ୍ବର ୧୮ ତାରିଖରେ ଗସ୍ତ କରିବେ ବୋଲି ଦାବି କରିଛି ପାକିସ୍ତାନର ଏକ ଗଣମାଧ୍ୟ। ଏହା ପରେ ଭାରତ ଆସିପାରନ୍ତି ଆମେରିକା ରାଷ୍ଟ୍ରପତି । ଯଦି ଟ୍ରମ୍ପ ପାକିସ୍ତାନ ଗସ୍ତ କରନ୍ତି ତେବେ ଏହା ହେଉଛି ପ୍ରାୟ ଦୁଇ ଦଶନ୍ଧି ପରେ ଜଣେ ଆମେରିକୀୟ ରାଷ୍ଟ୍ରପତିଙ୍କ ପାକିସ୍ତାନ ଗସ୍ତ । ଶେଷ ଥର ୨୦୦୬ରେ ଜର୍ଜ ଡବଲ୍ୟୁ ବୁଶ ପାକିସ୍ତାନ ଗସ୍ତ କରିଥିଲେ । ସେପଟେ ଟ୍ରମ୍ପ ପାକିସ୍ତାନ ଯିବା ଖବରକୁ ଖଣ୍ଡନ କରିଛି ଇସଲାମାବାଦ । ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି ଯେ ତାଙ୍କୁ ଏହି ଗସ୍ତ ବିଷୟରେ କୌଣସି ସୂଚନା ନାହିଁ ।

## ଇମ୍ଫାଲ ଯାଉଥିବା ଇଣ୍ଡିଗୋ ବିମାନରେ ଯାନ୍ତ୍ରିକ ତ୍ରୁଟି, ମଝି ଆକାଶରେ ଘଣ୍ଟାଏ ବୁଲିବା ପରେ ଦିଲ୍ଲୀକୁ ଫେରିଲା

ନୂଆଦିଲ୍ଲୀ : ପୁଣି ଟଳିଲା ଆଉ ଏକ ବିମାନ ଦୁର୍ଘଟଣା । ଅଳ୍ପକେ ବର୍ତ୍ତିଗଲା ଅନେକ ଯାତ୍ରୀଙ୍କ ଜୀବନ । ଦିଲ୍ଲୀ ଏୟାରପୋର୍ଟରୁ ଉଡ଼ାଣ ଭରିବା ପରେ ଇଣ୍ଡିଗୋ ବିମାନରେ ଦେଖାଦେଲା ତ୍ରୁଟି । ଆଗକୁ ନଯାଇ ପାଖାପାଖି ଏକ ଘଣ୍ଟା କାଳ ଆକାଶରେ ଚକ୍କର କାଟିଲା ବିମାନ । ଏହାପରେ ପୁଣି ଦିଲ୍ଲୀ ଏୟାରପୋର୍ଟକୁ ଫେରିଥିଲା । ଖବର ମୁତାବକ, ଇମ୍ଫାଲ ଅଭିମୁଖେ ଯାଉଥିବା ଏକ ଇଣ୍ଡିଗୋ ବିମାନ ୬ଇ-୫୧୧୮ ଉଡ଼ାଣର କିଛି ସମୟ ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏକ ଘଣ୍ଟା ଧରି ଆକାଶରେ ଘୂରି ବୁଲିଥିଲା । ସକାଳ ୧୦.୨୫ ମିନିଟ ସମୟରେ ବିମାନଟି ଉଡ଼ାଣ ଭରିବାର ଥିଲା । କିନ୍ତୁ ବିମାନଟି ୯ ମିନିଟ ବିଳମ୍ବରେ ଉଡ଼ାଣ ଭରିଥିଲା । ଉଡ଼ାଣ ଭରିବାର ୧ ଘଣ୍ଟା ପରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ପାଇଲଟ ଜାଣିବାକୁ ପାଇଥିଲେ । ବିମାନକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଥିଲେ । ପାଇଲଟମାନେ ସତର୍କତାମୂଳକ ପଦକ୍ଷେପ ନେଇ ବିମାନକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଏହାକୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରିଥିଲେ। ଇଣ୍ଡିଗୋ କହିଛି ଯେ, ବାଧ୍ୟତାମୂଳକ ପ୍ରକ୍ରିୟା ଅନୁସାରେ, ବିମାନର ଆବଶ୍ୟକୀୟ ଯାଞ୍ଚ କରାଯାଇଥିଲା ଏବଂ ଏହା କିଛି ସମୟ ପରେ ପୁଣି ଉଡ଼ାଣ ଆରମ୍ଭ କରିଥିଲା । ଯାତ୍ରୀମାନଙ୍କୁ ହୋଇଥିବା ଅସୁବିଧା ପାଇଁ କମ୍ପାନୀ କ୍ଷମା ପ୍ରାର୍ଥନା କରିଛି । ସୂଚନାଯୋଗ୍ୟ, ଏହାପୂର୍ବରୁ ବୁଧବାର ଦିନ ଦିଲ୍ଲୀରୁ ଗୋଆ ଯାଉଥିବା ଇଣ୍ଡିଗୋ ବିମାନ ଉଡ଼ାଣ କରିବା ପରେ ଇଞ୍ଜିନ ଫେଲ ହୋଇଯାଇଥିଲା । ଫଳରେ ବିମାନକୁ ମୁମ୍ବାଇରେ ଜରୁରୀ ଅବତରଣ କରାଯାଇଥିଲା । ପାଇଲଟ ଜଣକ ଉପସ୍ଥିତ ବୁଦ୍ଧି ଖଟାଇ ମୁମ୍ବାଇରେ ବିମାନକୁ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ । ବୁଧବାର ରାତି ୯.୨୫ରେ ଏଭଳି ଘଟଣା ଘଟିଥିଲା ।

## ରୋଗୀଙ୍କୁ ଗୁଳି କରି ହତ୍ୟା



ବିହାର : ବିହାରରେ ନିର୍ବାଚନ ପାଖରେ ଆସୁଥିବା ବେଳେ ଗୁଣ୍ଡାରାଜ ବଢ଼ିବାରେ ଲାଗିଛି। ଆଇନ କାନୁନକୁ ସତେ ଯେମିତି ବିହାରରେ କେହି ବି ଖାତିର କରୁ ନାହାନ୍ତି। ଏହାର ଜ୍ୱଳନ୍ତ ପାଟନାରେ ଥିବା ଗୋଟିଏ ହସ୍ପିଟାଲରେ ଦେଖିବାକୁ ମିଳିଛି। ୫ ଜଣ ଯୁବକ ବେଧଡ଼କ ଅନ୍ଦାଜରେ ହାତରେ ବନ୍ଧୁକ ଧରି ହସ୍ପିଟାଲରେ ପ୍ରବେଶ କରିବା ସହ ସେଠାରେ ଚିକିତ୍ସିତ ହେଉଥିବା ଜଣେ ବ୍ୟକ୍ତିଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ବନ୍ଧୁକ ଧରି ହସ୍ପିଟାଲରେ ପ୍ରବେଶ କରୁଥିବା ଯୁବକମାନଙ୍କ ମୁହଁରେ ଭୟର କୌଣସି ଚିହ୍ନବର୍ଣ୍ଣ ନଥିବା ସିସିଟିଭି ଫୁଟେଜରୁ ଜଳଜଳ ହୋଇ ଦେଖିବାକୁ ମିଳିଛି। ହସ୍ପିଟାଲର ସିସିଟିଭିରେ ପୂରା ଦୃଶ୍ୟ କଏଦ ହୋଇଛି। ଏଥିରେ ଦେଖିବାକୁ ମିଳୁଛି ଯେ ୫ ଜଣ ଶୁଟର ସେମାନଙ୍କ ବନ୍ଧୁକ କାଢ଼ିବା ସହ ରୋଗୀ ଜଣଙ୍କ ଚିକିତ୍ସିତ ହେଉଥିବା କ୍ୟାବିନର କବାଟ ଖୋଲୁଛନ୍ତି। ଏହାପରେ ଚିକିତ୍ସିତ ରୋଗୀଙ୍କୁ ଗୁଳି କରି ସେଠାରୁ ବେଶ ସହଜରେ ଖସି ଯାଉଛନ୍ତି। ସେମାନଙ୍କ ଗୁଳି ମାଡ଼ରେ ଚନ୍ଦନ ମିଶ୍ରା ନାମକ ବ୍ୟକ୍ତି ହସ୍ପିଟାଲ ବେଡରେ ଚିକିତ୍ସିତ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଚନ୍ଦନ ମିଶ୍ରା ଜଣେ ପେଶାଦାର ଅପରାଧୀ। ତାଙ୍କ ନାଁରେ ୧୨ରୁ ଅଧିକ ହତ୍ୟା ମାମଲା ରହିଥିଲା। ଚନ୍ଦନ ମିଶ୍ରା ପୂର୍ବରୁ ଜେଲରେ ରହିଥିଲେ। ନିକଟରେ ଅସୁସ୍ଥତା କାରଣରୁ ତାଙ୍କୁ ପ୍ୟାରୋଲ ମିଳିଥିଲା। ପ୍ୟାରୋଲରେ ଆସିବା ପରେ ସେ ଚିକିତ୍ସା ପାଇଁ ପାଟନାର ପାରସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏଠାରେ ସେ ଚିକିତ୍ସିତ ହେଉଥିବା ବେଳେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ପୁଲିସ୍ ? ଆଶଙ୍କା କରିଛି ଯେ ଚନ୍ଦନ ମିଶ୍ରାଙ୍କ ବିରୋଧୀ ଗ୍ୟାଙ୍ଗ ଏପରି କାଣ୍ଡ ଘଟାଇଛନ୍ତି। ଗୁଳି ମାଡ଼ ପରେ ଏସ୍ ?ପି କାର୍ତ୍ତିକୟ ଶର୍ମା କହିଛନ୍ତି, "ବକ୍ସ ଜିଲ୍ଲାର ପେଶାଦାର ଅପରାଧୀ ଚନ୍ଦନ ମିଶ୍ରାଙ୍କ ନାଁରେ ୧୨ରୁ ଅଧିକ ହତ୍ୟା ମାମଲା ରହିଥିଲା। ତାଙ୍କୁ ବକ୍ସରରୁ ଭାଗଲପୁର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଅସୁସ୍ଥ ହେବାରୁ ପ୍ୟାରେଲୋରେ ବାହାରି ପାରସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ହସ୍ପିଟାଲରେ ହତ୍ୟା କରାଯାଇଛି। ତାଙ୍କ ବିରୋଧୀ ଗ୍ୟାଙ୍ଗ ଏପରି କରିଛନ୍ତି। ବକ୍ସର ପୁଲିସ୍ ? ସହାୟତାରେ ଆମେ ଚନ୍ଦନ ମିଶ୍ରାଙ୍କ ବିରୋଧୀ ଚନ୍ଦନ ଶେରୁ ଗ୍ୟାଙ୍ଗକୁ ଚିହ୍ନଟ କରିଛୁ। ସେହି ଗ୍ୟାଙ୍ଗର ୫ ଜଣ ସଦସ୍ୟ ଏପରି ଗୁଳି ମାଡ଼ କରିଥିବା ଜଣାପଡ଼ିଛି। ଗୁଳିମାଡ଼ ଘଟଣାରେ ହସ୍ପିଟାଲର ସିକ୍ୟୁରିଟୀ ଗାର୍ଡ ସାମିଲ ଅଛନ୍ତି କି ନାହିଁ, ତା'ର ତଦନ୍ତ ମଧ୍ୟ କରାଯାଉଛି।"

# ବର୍ଷା ଯୋଗୁ ହିମାଚଳ ପ୍ରଦେଶରେ ଭୟଙ୍କର ସ୍ଥିତି: ଗଲାଣି ୧୦୯ ଜୀବନ



ହିମାଚଳ ପ୍ରଦେଶ : ଦକ୍ଷିଣ ପଶ୍ଚିମ ମୌସୁମୀ ଯୋଗୁ ହିମାଚଳ ପ୍ରଦେଶରେ ସାଂଘାତିକ ସ୍ଥିତି ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁ ରାଜ୍ୟରେ ୧୦୯ ଜଣଙ୍କ ଜୀବନ ଗଲାଣି। ଚଳିତ ବର୍ଷ ଜୁନ ୨୦ରୁ ଜୁଲାଇ ୧୬ ମଧ୍ୟରେ ବର୍ଷା ବିପ୍ରାତ ଏତେ ସଂଖ୍ୟକ ଲୋକଙ୍କ ଜୀବନ ନେଇ ସାରିଥିବା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ବା ଏସଡିଏମ ପକ୍ଷରୁ ସୂଚନା ଦେଇଛି। ପ୍ରାଣ ହରାଇଥିବା ୧୦୬ ଜଣଙ୍କ ମଧ୍ୟରୁ ୬୪ ଜଣ ବର୍ଷା ଜନିତ ଅଘଟଣ ବାକି ୪୫ ଜଣ ସଡ଼କ ଦୁର୍ଘଟଣାରେ ଆଖି ବୁଜିଛନ୍ତି। ମୌସୁମୀ ଆସିବା ପରେ ଏତେ ସଂଖ୍ୟକ ଲୋକ ପ୍ରାଣ ହରାଇଥିବା ସରକାର ନିଶ୍ଚିତ କରିଛନ୍ତି। ରାଜ୍ୟ ଏମର୍ଜେନ୍ସି ଅପରେସନ ସେଣ୍ଟର ଆଜି ସକାଳେ ଜାରି କରିଥିବା ରିପୋର୍ଟରେ କହିଛି ଯେ ଉତ୍ତାରି ନିକଟ ଜାତୀୟ ରାଜପଥ ୭୦୭ ସମେତ ରାଜ୍ୟରେ ବର୍ଷା ଯୋଗୁ ୨୨୬ଟି ରାସ୍ତା ବନ୍ଦ ହୋଇ ରହିଛି। ଅବିଶ୍ରାନ୍ତ ବର୍ଷା ଓ ଭୂସ୍ଖଳନ ଯୋଗୁ ରାସ୍ତାରେ ଯାତାୟାତ ବନ୍ଦ ହୋଇ ଯାଇଛି। ଅତିରିକ୍ତ ଭାବେ ୫୨ଟି ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର ରିଜିଅନ(ଡିଟିଆର) ଓ ୧୩୭ଟି ପାଣି ବିତରଣ ବ୍ୟବସ୍ଥାରେ ବାଧା ସୃଷ୍ଟି ହୋଇଛି। ମଣ୍ଡି, କୁଲ୍ଲୁ, କଙ୍ଗ୍ରା ଓ ସିରମୌର ଏଥିଯୋଗୁ ଅଧିକ ପ୍ରଭାବିତ ହୋଇଛନ୍ତି। ରାଜ୍ୟ ଏମର୍ଜେନ୍ସି ଅପରେଦନ ସେଣ୍ଟର କହିଛି ଯେ ବର୍ଷା ଜନିତ ଅଘଟଣ ଯଥା-ଭୂସ୍ଖଳନ, ଅଚାନକ ବନ୍ୟା, ବାଦଲ ଫଟା ବର୍ଷା, କରେଣ୍ଟ ଝଟକା, ସାପ କାମୁଡ଼ାରେ ଅଧିକାଂଶ ଲୋକ ପ୍ରାଣ ହରାଇଛନ୍ତି। ମଣ୍ଡି ଓ କାଙ୍ଗ୍ରାରେ ସର୍ବାଧିକ ଲୋକ ବର୍ଷା ଜନିତ ଅଘଟଣରେ ଆଖି ବୁଜିଛନ୍ତି। ଏଠାରେ ୧୬ ଜଣ ଲେଖାଏ ଲୋକଙ୍କ ଜୀବନ ଯାଇଛି। ଏହା ପଛରକୁ ହାମିରପୁରେ ୮, କୁଲ୍ଲୁରେ ୪ ଓ ଚାମ୍ବାରେ ୩ ଜଣ ଲୋକ ମୃତ୍ୟୁ ବରଣ କରିଛନ୍ତି। ଏହାବାଦ ସଡ଼କ ଦୁର୍ଘଟଣା ଯୋଗୁ କୁଲ୍ଲୁ ଓ ସୋଲରେ ସର୍ବାଧିକ ୭ ଜଣ ଲେଖାଏ, ଚାମ୍ବାରେ ୬ ଓ ଶିମଲା, କାଙ୍ଗ୍ରା, କିନ୍ନାଉର ଓ ମଣ୍ଡିରେ ମଧ୍ୟ ସଡ଼କ ଦୁର୍ଘଟଣା ଲୋକଙ୍କ ଜୀବନ ନେଇଛି। ଏସଡିଏମ ତା' ରିପୋର୍ଟରେ କହିଛି ଯେ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ୮୮୩ କୋଟି ଟଙ୍କାର କ୍ଷତି ବର୍ତ୍ତମାନ ସୁଦ୍ଧା ହୋଇ ସାରିଲାଣି। ୧୧୨୮ଟି ଗୃହ ପାଳିତ ପଶୁ ଓ ୨୧,୫୦୦ ପକ୍ଷୀ ମଧ୍ୟ ମୌସୁମୀ ଜନିତ ବର୍ଷାରେ ପ୍ରାଣ ହରାଇଛନ୍ତି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ସହ କ୍ଷତିପୂରଣ ଲୋକଙ୍କ ପାଖରେ ପହଞ୍ଚା ଯାଉଛି। ତଥାପି ବର୍ଷା ଛାଡ଼ି ନଥିବାରୁ ସ୍ଥିତି ଆହୁରି ଭୟଙ୍କର ହେବାର ଆଶଙ୍କା ପ୍ରକାଶ ପାଇଛି। ବର୍ଷା ଯୋଗୁ ଲୋକଙ୍କ ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ସରଗରମ ବିହାର ରାଜନୀତି: ଆଜି ମୋଦୀଙ୍କ ଗସ୍ତ



ବିହାର : ବିହାର ବିଧାନସଭା ନିର୍ବାଚନ ଯେତେ ପାଖେଇ ଆସୁଛି, ସେତେ ତେଜୁଛି ରାଜନୀତି । ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳର ନେତା ଜି- ଜାନ୍ ଲଗାଇ ଦେଇଛନ୍ତି । ଆସନ୍ତାକାଲି ପ୍ରଧାନମନ୍ତ୍ରୀ ପୁଣି ବିହାର ଯାଉଛନ୍ତି । ସେପଟେ ବିହାରବାସୀଙ୍କ ପାଇଁ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଘୋଷଣା କରିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୁଣି ବିହାର ଯାଉଛନ୍ତି । ମୋଦୀ ଗତ ଜାନୁଆରି ମାସରୁ ଏବେ ସୁଦ୍ଧା ୪ ଥର ବିହାର ଗଲେଣି । ଆସନ୍ତାକାଲିର ଗସ୍ତ ପଞ୍ଚମ ଗସ୍ତ ହେବ । ବିହାର ପାଇଁ ମୋଦୀ ଆସନ୍ତାକାଲି ପ୍ରାୟ ୭ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିପାରନ୍ତି । ମୋଦୀ ନିକଟରେ ଯେତେଥର ବିହାର ଯାଇଛନ୍ତି, ସେତେଥର ବହୁ ପ୍ରକଳ୍ପ ଘୋଷଣା କରିଛନ୍ତି । ମୋଦୀ ଆସନ୍ତାକାଲି ଚମ୍ପାରନ ଜିଲ୍ଲାର ମୋତିହାରି ଗାନ୍ଧୀ ମୈଦାନରେ ସାଧାରଣ ସଭାରେ ଉଦବୋଧନ ଦେବେ । ବିହାର ରାଜ୍ୟ ବିଜେପି ସଭାପତି ଦିଲ୍ଲୀପ ଜୟସୱାଲ ଓ ଦଳର ଅନ୍ୟ ନେତାମାନେ ମୋଦୀଙ୍କ ଗସ୍ତ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି । ସେପଟେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟବାସୀଙ୍କ ପାଇଁ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଘୋଷଣା କରିଛନ୍ତି । ଏହି ମାଗଣା ବିଦ୍ୟୁତ୍ ଯୋଜନା ଆସନ୍ତା ଅଗଷ୍ଟ ୧ ତାରିଖରୁ ଲାଗୁ ହେବ । ଚଳିତ ଜୁଲାଇ ମାସର ବିଦ୍ୟୁତ୍ ବିଲରେ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଖର୍ଚ୍ଚ ପାଇଁ ଦେୟ ଦେବାକୁ ପଡ଼ିବ ନାହିଁ । ସେହିପରି ଘରୋଇ ଗ୍ରାହକଙ୍କ ଘରର ଛାତ ଉପରେ ସୋଲାର ପାୱାର ପ୍ଲାଣ୍ଟ କିମ୍ବା କିମ୍ବା ନିକଟସ୍ଥ ସ୍ଥାନରେ ବସାଇଇବା ପାଇଁ ବିହାର ସରକାର ସ୍ଥିର କରିଛନ୍ତି । ଆଗାମୀ ତିନିବର୍ଷ ମଧ୍ୟରେ ଏହା କାର୍ଯ୍ୟକାରୀ ହେବ । ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ନୀତୀଶ କୁମାର ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ବିହାରରେ ଭୋଟର ତାଲିକା ସଂଶୋଧନକୁ ବିଜେପିର ଷଡ଼୍ ?ଯନ୍ତ୍ର ବୋଲି ଜନ ସୁରାଜ ପାର୍ଟି ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର କହିଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ୍ ସଂଶୋଧନକୁ ଭୋଟ୍ ଚୋରି ଉଦ୍ୟମ ବୋଲି ଅଭିଯୋଗ କରିଛନ୍ତି । ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ଜୋର ଧରିଛି ରାଜନୀତି ।

## ଛାତ୍ରୀଙ୍କୁ ବଳାତ୍କାର କଲେ ୪ ନାବାଳକ

ଗାଜିଆବାଦ : ଉତ୍ତରପ୍ରଦେଶର ଗାଜିଆବାଦରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ଘରେ ୪ ଜଣ ନାବାଳକ ଗଣବାଳାତ୍କାର କରିଥିବାର ମାମଲା ସାମ୍ନାକୁ ଆସିଛି। ସେଥିମଧ୍ୟରୁ ୩ ଜଣ ପୀଡ଼ିତାଙ୍କ ସ୍କୁଲରେ ପଢୁଥିବା ପୋଲିସ କହିଛି। ଗତ ରବିବାର ସହରର ହାଉସିଂ ସିଟିସ୍ଥିତ ନିଜ ଘରେ ପୀଡ଼ିତା ଜଣକ ଏକାକୀ ଥିବା ସମୟରେ ଏହି ଘଟଣା ଘଟିଥିଲା। ସେତେବେଳେ ପୀଡ଼ିତାଙ୍କ ମା' ଘର କାମରେ ବଜାର ଯାଇଥିବା ପୋଲିସ କହିଛି। ଜଣେ ଅଭିଯୁକ୍ତଙ୍କ ସହ ପୀଡ଼ିତାଙ୍କର ଇନ୍‌ଷ୍ଟାଗ୍ରାମରେ ବନ୍ଧୁତା ଥିଲା। ମା' ବଜାରକୁ ଯିବା ପରେ ସେ ଉକ୍ତ ନାବାଳକଙ୍କୁ ଘରକୁ ଆସି ତାଙ୍କୁ ଦେଖା କରିବାକୁ କହିଥିଲେ। ଏହି ବାହାନାରେ ଅଭିଯୁକ୍ତ ନାବାଳକ ଏବଂ ତାଙ୍କ ୩ ବନ୍ଧୁ ପୀଡ଼ିତାଙ୍କ ଘରେ ଜବରଦସ୍ତ ପ୍ରବେଶକରି ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଭୂସ୍ଖଳନରେ ଭାସିଗଲେ ଅମରନାଥ ଯାତ୍ରୀ



ଜମ୍ମୁ କାଶ୍ମୀର : ଭୂସ୍ଖଳନରେ ଭାସିଗଲେ ଅମରନାଥ ଯାତ୍ରୀ । ଜଣଙ୍କ ମୃତ୍ୟୁ, ୩ ଆହତ । ଲଗାତାର ୩୬ ଘଣ୍ଟା ଧରି ବର୍ଷା ଯୋଗୁ ଜମ୍ମୁ କାଶ୍ମୀରରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି । ଆଗାମୀ ଦୁଇ ଦିନ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗର ଆକଳନ କରିଛି । ଆଜି ପାଇଁ ଅମରନାଥ ଯାତ୍ରାକୁ ବାତିଲ କରିଦିଆଯାଇଛି । ଅମରନାଥ ଯାତ୍ରାରେ ହଜାର ହଜାର ଯାତ୍ରୀ ଯାଉଥିବା ବେଳେ ଭୂସ୍ଖଳନ ହେବାରୁ ଯାତ୍ରୀମାନେ ଭାସିଯାଉଥିବାର ଭିଡିଓ ସାମ୍ନାକୁ ଆସିଛି । ତେବେ ଚଳିତ ବର୍ଷ ଅମରନାଥ ଯାତ୍ରାରେ ମୋଟ ମୃତ୍ୟୁ ସଂଖ୍ୟା ୧୫ରେ ପହଞ୍ଚିଛି । ଜୁଲାଇ ୩ରୁ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ଏପର୍ଯ୍ୟନ୍ତ ୨ ଲକ୍ଷ ୪୭ ହଜାର ଯାତ୍ରୀ ଯାତ୍ରା କଲେଣି । କାଉଡ଼ିଆ ଯାତ୍ରା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଉତ୍ତରାଖଣ୍ଡରେ ୭ ହଜାରରୁ ଅଧିକ ପୁଲିସ ଓ ଉତ୍ତର ପ୍ରଦେଶରେ ୪୫ ହଜାର ପୁଲିସ କର୍ମୀ ନିୟୋଜିତ ଅଛନ୍ତି । ହରିଦ୍ୱାର, ଗଙ୍ଗୋତ୍ରୀ ଓ ଗୌମୁଖ ଆଦି ମୁଖ୍ୟ ମାର୍ଗରେ ୨୯ ହଜାର ୪୫୪ ସିସିଟିଭି କ୍ୟାମେରା ଓ ୪୦୦ରୁ ଅଧିକ ଡ୍ରୋନ ସହ ରିଅଲ-ଟାଇମ ନିରୀକ୍ଷଣ କରାଯାଉଛି ।

## ବାଇକ୍ ଏବଂ କାର ମୁହାଁମୁହିଁ ଧକ୍କା, ୭ ମୃତ

ମହାରାଷ୍ଟ୍ର: ମହାରାଷ୍ଟ୍ରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ନାସିକରେ କାର ଏବଂ ବାଇକ୍ ମଧ୍ୟରେ ଭୟଙ୍କର ଧକ୍କା ହେବା ଫଳରେ ୭ ଜଣଙ୍କର ମୃତ୍ୟୁ ହୋଇଛି । ଆଉ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ବୁଧବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି । ଖବର ମୁତାବକ, ବୁଧବାର ବିଳମ୍ବିତ ରାତିରେ ଡିଣ୍ଡୋରୀ ନିକଟରେ ଦୁର୍ଘଟଣା ହୋଇଛି । ପୋଲିସ ରାତି ୧୧.୫୭ ସମୟରେ ବାଣୀ-ଡିଣ୍ଡୋରି ରାସ୍ତାରେ ଏକ ନର୍ସରୀ ନିକଟରେ ସଡ଼କ ଦୁର୍ଘଟଣା ବିଷୟରେ ସୂଚନା ପାଇଥିଲା । ଦ୍ରୁତ ଗତି ଯୋଗୁଁ କାର-ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା । ଭୟଙ୍କର ଧକ୍କା ହେବା ଫଳରେ ଉଭୟ ଗାଡ଼ି ପିଟି ହୋଇ ନାଳକୁ ଖସିପଡିଥିଲା । ଘଟଣାସ୍ଥଳରେ ବହୁତ ଚିତ୍କାର ଶୁଣିବା ପରେ ଲୋକମାନେ ତୁରନ୍ତ ପୋଲିସ ଏବଂ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ଏହାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । କାରରେ ମୋଟ ୫ ଜଣ ଥିବା ବେଳେ ବାଇକରେ ଦୁଇଜଣ ଯୁବକ ଥିଲେ । ସମସ୍ତଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଏବେ ପୋଲିସ ଘଟଣା ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, ଦିଲ୍ଲୀ-ମେରଠ ଏକ୍ସପେସ ୱେରେ ମଙ୍ଗଳବାର ଦିନ ଏକ ବାଇକ ଅନିୟନ୍ତ୍ରିତ ହୋଇ ଡିଭାଇଡରରେ



ପିଟି ହୋଇଥିଲା । ଘଟଣାରେ ୩ ଜଣଙ୍କର ଜୀବନ ଚାଲିଯାଇଥିଲା । ଏହାପୂର୍ବରୁ ମହାରାଷ୍ଟ୍ର ସତାରା ଜିଲ୍ଲାରେ ଜଣେ ବ୍ୟକ୍ତି କାରରେ ଷ୍ଟଣ୍ଟ କରୁଥିବା ବେଳେ କାରଟି ଅନିୟନ୍ତ୍ରିତ ହାଇ ୩୦୦ ଫୁଟ ତଳକୁ ଖସିପଡିଥିଲା । ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହୋଇଥିଲା ।

# ବିରାଟକାୟ ମହଲରେ ଭୟଙ୍କର ନିଆଁ, ଚାଲିଗଲା ୫୦ ଜଣଙ୍କ ଜୀବନ



ଇରାକ : ଇଷ୍ଟର୍ଣ୍ଣ ଇରାକର ଅଲ-କୁଟ ସହରରେ ଥିବା ୫ ମହଲା ବିଶିଷ୍ଟ ଗୋଟିଏ ବିରାଟକାୟ ମଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅନେକ ଛୋଟ ପିଲାଙ୍କ ସମେତ ପ୍ରାୟ ୫୦ ଜଣଙ୍କ ଜୀବନ ଯାଇଛି। କିଛି ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଆଉ କିଛି ଲୋକ ଅଣନିଃଶ୍ୱାସୀ ହୋଇ ଆଖି ବୁଜିଛନ୍ତି। ସେହିପରି ଶତାଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ଚିକିତ୍ସା ସ୍ଥାନୀୟ ହସ୍ପିଟାଲରେ ଚାଲିଛି। ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ୫ ମହଲା ବିଶିଷ୍ଟ ମଲଟି ହୁତହୁତ ହୋଇ ଜଳୁଥିବା ବେଳେ ଏହା ମଧ୍ୟରେ ଥିବା ଲୋକମାନେ ଜୀବନ ବଞ୍ଚାଇବାକୁ ଚିତ୍କାର କରୁଛନ୍ତି। ସେହିପରି ୧୦ରୁ ଅଧିକ ଅଗ୍ନିଶମ ଗାଡ଼ି ନିଆଁକୁ ଆୟତ୍ତ କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ଭିଡିଓରେ ଦେଖିବାକୁ ମିଳୁଛି। ଅଗ୍ନିକାଣ୍ଡ ଯୋଗୁ ମଲଟି ପ୍ରାୟତଃ ପୋଡ଼ି ଯାଇଥିଲେ ହେଁ କେମିତି ଏଠାରେ ନିଆଁ ଲାଗିଲା ସେକଥା ଜଣାପଡ଼ିନି। ସ୍ଥାନୀୟ ପ୍ରଶାସନର କହିବା କଥା ଯେ ବର୍ତ୍ତମାନ ନିଆଁକୁ ଆୟତ୍ତ କରାଯାଇଛି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରି ଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ତଦନ୍ତ କରି ରିପୋର୍ଟକୁ ସାର୍ବଜନୀନ କରାଯିବ। ମଲ ଓ ବିଲଡିଂ ମାଲିକଙ୍କ ବିରୋଧରେ ମାମଲା ହୋଇଥିବା ମଧ୍ୟ ସୂଚନା ମିଳିଛି। ମଲ ଭିତରେ ଲୋକମାନେ ଖାଦ୍ୟ ଖାଉଥିବା ବେଳେ ଓ ଶପିଂ କରୁଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଭୋର ୪ଟା ଯାଏ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ଏବେ କୁଟରେ ଥିବା ପ୍ରାୟ ସମସ୍ତ ହସ୍ପିଟାଲରେ ଆହତଙ୍କ ଚିକିତ୍ସା ଚାଲିଛି। ଘଟଣାର ତଦନ୍ତ ଚାଲିଥିବା ବେଳେ ପ୍ରଦେଶରେ ୩ ଦିନିଆ ଶୋକ ଘୋଷଣା କରାଯାଇଛି।

## ଜଙ୍ଗଲରୁ ୨ ନାବାଳକ ମୃତଦେହ ଉଦ୍ଧାର

କୋଟୱାଲି : ଅପହରଣ ପରେ ଦୁଇ ନାବାଳକ ଭାଇଙ୍କୁ ଗଳା କାଟି ହତ୍ୟା କରାଯାଇଛି। ଦୁଇ ଭାଙ୍କ ମଧ୍ୟରୁ ଜଣଙ୍କ ବୟସ ୯ ଓ ଆଉ ଜଣଙ୍କ ବୟସ ୬। ଜଙ୍ଗଲ ଭିତରୁ ଦୁଇ ଭାଇଙ୍କ ଗଳା କଟା ମୃତଦେହ ମିଳିବା ପରେ ମଧ୍ୟପ୍ରଦେଶର ସେଓନି ଜିଲ୍ଲାରେ ହଇଚଇ ସୃଷ୍ଟି ହୋଇଛି। ଦୁଇ ଭାଇଙ୍କ ଗଳାକୁ ସମାନ ଶୈଳୀରେ କଟା ଯାଇଥିବା ବେଳେ ସେମାନଙ୍କ ମୃତଦେହ ଘର ଠାରୁ ୧୩ କିମି ଦୂର ଜଙ୍ଗଲରୁ ବୁଧବାର ଦିନ ମିଳିଥିଲା। ପୁଲିସ୍ ମୃତଦେହକୁ ଅମ୍ବା ମାଇ ଜଙ୍ଗଲରୁ ଜବତ କରିଥିବା ବେଳେ ଏହାକୁ ପଥର ଦ୍ୱାରା ଘୋଡ଼ାଇ ରଖାଯାଇଥିଲା। ସମ୍ଭବତଃ ଅପରାଧକୁ ଲୁଚାଇବା ପାଇଁ ପ୍ରୟାସ କରାଯାଇଥିବା ଏଥିରୁ ଅନୁମାନ କରାଯାଉଛି। କୋଟୱାଲି ପୁଲିସ୍‌ର କହିବା କଥା ସୁଭାଷ ୱାର୍ଡରେ ରହୁଥିବା ୩୦ ବର୍ଷୀୟ ପୂଜା ଧାକରିୟା ଅଭିଯୋଗ କରିଥିଲେ ଯେ ତାଙ୍କର ଦୁଇ ପୁଅ ମୟଙ୍କ(୯) ଓ ଦିବ୍ୟାଂଶ(୬) ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ହୋଇ ଯାଇଛନ୍ତି। ପୂଜା ସନ୍ଧ୍ୟା ୫ଟାରେ ଦୁଇ ପିଲାଙ୍କୁ ଘରେ ଛାଡ଼ି କାମକୁ ଯାଇଥିଲେ। ସନ୍ଧ୍ୟା ୮ଟା ବେଳେ ସେ ଘରକୁ ଫେରିଲା ବେଳକୁ ଦୁଇ ପୁଅଙ୍କୁ ପାଇ ନଥିଲେ। ଦୁଇ ପୁଅଙ୍କୁ ସେ ବିଭିନ୍ନ ସ୍ଥାନରେ ରାତି ୧୧ଟା ଯାଏ ଖୋଜି ଥିଲେ। କିନ୍ତୁ କୌଣସି ସୁରକା ନ ମିଳିବାରୁ ସେ ବାଧ୍ୟ ହୋଇ ପୁଲିସ୍‌ର ଦ୍ୱାରସ୍ଥ ହୋଇଥିଲେ। ଖବର ପାଇବା ମାତ୍ରେ ପୁଲିସ୍ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ବୁଧବାର ଦିନ ପ୍ରାୟ ୨ଟା ବେଳକୁ ଦୁଇ ପିଲାଙ୍କ ମୃତଦେହ ଜଙ୍ଗଲରୁ ମିଳିଥିଲା। ପୁଲିସ୍ ଆଶଙ୍କା କରିଛି ଯେ ପରିବାରକୁ ଭଲ ଭାବେ ଜାଣିଥିବା କୌଣସି ଲୋକ ଏପରି ହତ୍ୟାକାଣ୍ଡ ଘଟାଇଛି। ଦୁଇ ପିଲାଙ୍କ ମା' ଅର୍ଥାତ ପୂଜାଙ୍କ ଘନିଷ୍ଠ ଭାବେ ଜଣାଶୁଣା ଜଣେ ବ୍ୟକ୍ତିଙ୍କୁ ପୁଲିସ୍ ଅଟକ ରଖି ଜେରା କରୁଛି।

# ଦଳାଚକଟା ପାଇଁ ଆରସିବିକୁ ଦାୟୀ କଲେ କର୍ଣ୍ଣାଟକ ସରକାର





ବେଙ୍ଗାଲୁରୁ, ୧୭।୭(ଏଜେନ୍ସି): ଚିନ୍ନାସ୍ୱାମୀ କ୍ରିକେଟ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ଘଟଣାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଏବଂ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏସନର ସମସ୍ୟା ବୃଦ୍ଧି ପାଇଛି। କର୍ଣ୍ଣାଟକ ସରକାର ଆରସିବି ଏବଂ ରାଜ୍ୟ କ୍ରିକେଟ ଆସୋସିଏସନ ବିରୁଦ୍ଧରେ ଏକ ଫୌଜଦାରୀ ମାମଲା ରୁଜୁ କରିବାକୁ ଅନୁମୋଦନ କରିଛନ୍ତି। କର୍ଣ୍ଣାଟକ ସରକାର ଜଷ୍ଟିସ ମାଇକେଲ ଡି'କୁନହା କମିସନଙ୍କ ରିପୋର୍ଟ ଗ୍ରହଣ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି କମିସନ ତଦନ୍ତ ସମୟରେ ଆରସିବି ଏବଂ କେଏସସିଏରେ ଅନେକ ଅନିୟମିତତା ଏବଂ ବିସଙ୍ଗତି ପ୍ରକାଶ କରିଥିଲା।

ବେଙ୍ଗାଲୁରୁରେ ବିଜୟ ଉତ୍ସବ ସମୟରେ ଦଳାଚକଟା ମାମଲାରେ ହାଇକୋର୍ଟରେ ବିସ୍ତୃତ ରିପୋର୍ଟ ଦାଖଲ କରିଛନ୍ତି କର୍ଣ୍ଣାଟକ ସରକାର। ଏହି ରିପୋର୍ଟରେ ସରକାର ଦଳାଚକଟା ପାଇଁ ଆରସିବିକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି ।ଏଥିରେ ଦଳର ଅଭିଜ୍ଞ ଖେଳାଳି ଏବଂ ପୂର୍ବତନ ଅଧିନାୟକ ବିରାଟ କୋହଲିଙ୍କ ନାମ ମଧ୍ୟ ଉଲ୍ଲେଖ କରାଯାଇଛି ।କର୍ଣ୍ଣାଟକ ସରକାର କହିଛନ୍ତି ଯେ ବିଜୟ ଉତ୍ସବ ପାଇଁ ଆରସିବି ଅନୁମତି ନେଇନଥିଲା। ରିପୋର୍ଟରେ ଗୁରୁତର ଅବହେଳା ଉଲ୍ଲେଖ କରାଯାଇଛି ଜୁନ୍ ୪ ତାରିଖରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ପାଇଁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ୍ ଆରସିବିକୁ ଦାୟୀ କରିଥିଲେ। ଆରସିବି ହଠାତ ପୋଲିସ ଅନୁମତି ବିନା ସୋସିଆଲ ମିଡିଆରେ ବିଜୟ ପରେଡ୍ ଆୟୋଜନ ଘୋଷଣା କରିଥିଲା, ଯାହା ଯୋଗୁଁ ଲକ୍ଷ ଲକ୍ଷ ଲୋକ ଷ୍ଟାଡିୟମ ବାହାରେ ଜମା ହୋଇଥିଲେ। ଦଳାଚକଟା ସମୟରେ ୧୧ ଜଣଙ୍କ ଜୀବନ ଯାଇଥିଲା।ଏହା ଆରସିବି ସହିତ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘକୁ ମଧ୍ୟ ଦାୟୀ କରିଛି।

କର୍ଣ୍ଣାଟକ ସରକାର ରିପୋର୍ଟ ମାଧ୍ୟମରେ କହିଛନ୍ତି ଯେ ବିଜୟ ପରେଡ୍ ସମୟରେ ବହୁତ ଅବହେଳା ହୋଇଥିଲା। କୌଣସି ଉପଯୁକ୍ତ ବ୍ୟବସ୍ଥା ନଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନ କରୁଥିବା କମ୍ପାନୀ ଡିଏନଏ ନେଟୱାର୍କ ପ୍ରାଇଭେଟ୍ ଲିମିଟେଡ୍ କେବଳ ଜୁନ୍ ୩ ତାରିଖରେ ପୋଲିସକୁ ସୂଚନା ଦେଇଥିଲା, କିନ୍ତୁ ନିର୍ଦ୍ଦେଶ ଅନୁଯାୟୀ ଅନୁମତି ନେଇନଥିଲା। କୌଣସି ଅଘଟଣକୁ ଏଡାଇବା ପାଇଁ ପୋଲିସ ଏକ ସୀମିତ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଇଥିଲା, କିନ୍ତୁ ଆଶାଠାରୁ ଅଧିକ ଲୋକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

କୋହଲି ଦଳର ଜଣେ ଅଭିଜ୍ଞ ଖେଳାଳି ଏବଂ ସେ ଆରସିବିର ଚେହେରା ମଧ୍ୟ ସରକାର ରିପୋର୍ଟରେ କହିଛନ୍ତି ଯେ ଆରସିବି ଏକ ସାର୍ବଜନୀନ କାର୍ଯ୍ୟକ୍ରମର ପ୍ରଚାର ପାଇଁ ଜୁନ୍ ୪ ତାରିଖରେ ସୋସିଆଲ ମିଡିଆରେ ବିରାଟ କୋହଲିଙ୍କ ଏକ ଭିଡିଓ ସେୟାର କରିଥିଲା। ଭିଡିଓ ମାଧ୍ୟମରେ, କୋହଲି ପ୍ରଶଂସକମାନଙ୍କୁ କାର୍ଯ୍ୟକ୍ରମରେ ମାଗଣାରେ ଯୋଗଦେବାକୁ ଅନୁରୋଧ କରିଥିଲେ।

## କେଏଲ୍ ସେୟାର କଲେ ଇମୋସନାଲ୍ ପୋଷ୍ଟ

ନୂଆଦିଲ୍ଲୀ: ଭାରତୀୟ ଟିମ ଲର୍ଡ୍ସ ଗ୍ରାଉଣ୍ଡରେ ଇଂଲଣ୍ଡ ହାତରୁ ୨୨ ରନ୍‌ରେ ପରାସ୍ତ ହୋଇଥିଲା । ଏହି ମ୍ୟାଚ୍ ଜିତିବା ପାଇଁ ଭାରତ ହାତରେ ସୁବର୍ଣ୍ଣ ସୁଯୋଗ ଥିଲା କିନ୍ତୁ ଟିମ୍ ଇଣ୍ଡିଆ। ୧୯୩ ରନ୍ ଲକ୍ଷ୍ୟ ହାସଲ କରିପାରିନଥିଲା। ଦ୍ୱିତୀୟ ଇନିଂସରେ କେଏଲ୍ ରାହୁଲ ଓ ରବିନ୍ଦ୍ର ଜାଡେଜାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ରନ୍ କରିପାରିନଥିଲେ ।ସେ ୧୮୧ ବଲ୍ ଖେଳି ୬୧ ରନ୍ କରି ଅପରାଜିତ ଫେରିଥିଲେ । ମ୍ୟାଚ୍ ଶେଷର ଦୁଇ ଦିନ ପରେ ଏବେ କେଏଲ୍ ରାହୁଲ୍ ଏକ ଇମୋସନାଲ୍ ପୋଷ୍ଟ ସେୟାର କରିଛନ୍ତି। ଭାରତୀୟ ଓପନର୍ ରାହୁଲଙ୍କ ମତରେ କିଛି ମ୍ୟାଚ୍ ବିଜୟ ଓ ପରାଜୟଠାରୁ ବଡ଼ ହୋଇଥାଏ। ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ଶେଷ ସେସନ୍ ଯାଏଁ ଚାଲିଥିଲା, କିନ୍ତୁ ବେନ୍ ଷ୍ଟୋକ୍ସଙ୍କ ଟିମ୍ ଶେଷରେ ବାଜି ମାରିଥିଲା । କେଏଲ୍ ରାହୁଲ ଲେଖିଛନ୍ତି, କିଛି ମ୍ୟାଚ୍ ବିଜୟ ଓ ପରାଜୟଠାରୁ ଅଧିକ ହୋଇଥାଏ। ସେମାନେ ଆପଣଙ୍କ ଭାବନା ଓ ଆପଣଙ୍କ ଚରିତ୍ରର ପରୀକ୍ଷା ନିଅନ୍ତି ଏଥିରୁ ମିଳିଥିବା ଶିକ୍ଷା ଆପଣଙ୍କୁ ଅଧିକ ମଜଭୁତ କରେ ।

# ଅବସର ଘୋଷଣା କଲେ ବିସ୍ଫୋରକ ରସେଲ



କିଙ୍ଗଷ୍ଟନ, ୧୭।୦୭: ୱେଷ୍ଟଇଣ୍ଡିଜର ଦୁର୍ଦ୍ଧର୍ଷ ଅଲରାଉଣ୍ଡର ଆନ୍ଦ୍ରେ ରସେଲ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ସେ ଆସନ୍ତା ସପ୍ତାହରେ ହେବାକୁ ଥିବା ଅଷ୍ଟ୍ରେଲିଆ। ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ ଖେଳି ଅନ୍ତର୍ଜାତୀୟ କ୍ୟାରିୟର ଶେଷ କରିବେ। ନିଜ ଘରୋଇ ଗ୍ରାଉଣ୍ଡ ସାବିନା ପାର୍କରେ ପ୍ରଥମ ୨ଟି ଟି-ଟ୍ୱେଣ୍ଟି ଖେଳି ସେ ବିଦାୟ ନେବେ।

ଟି-ଟ୍ୱେଣ୍ଟି ସିରିଜ ପାଇଁ ୱେଷ୍ଟ ଇଣ୍ଡିଜ ଦଳ ଘୋଷଣା ସହ ରସେଲ ମଧ୍ୟ ଅବସର ନିଷ୍ପତ୍ତି ଘୋଷଣା କରିଥିଲେ ଆଗାମୀ ଟି-ଟ୍ୱେଣ୍ଟି ବିଶ୍ୱକପ୍‌କୁ ୭ମାସ ରହିଥିବାବେଳେ ଏହା ପୂର୍ବରୁ ରସେଲଙ୍କ ଅବସର କ୍ରିକେଟ ପ୍ରେମୀଙ୍କୁ ବ୍ୟଥିତ କରିଛି ରସେଲ ୱେଷ୍ଟ ଇଣ୍ଡିଜ ପକ୍ଷରୁ ଗୋଟିଏ ଟେଷ୍ଟ, ୫୬ଟି ଦିନିକିଆ। ଓ ୮୪ଟି ଟି-ଟ୍ୱେଣ୍ଟି ଖେଳିଛନ୍ତି। ୨୦୧୯ରୁ ସେ କେବଳ ଟି-ଟ୍ୱେଣ୍ଟି ଫର୍ମାଟ୍‌ରେ ସକ୍ରୀୟ ରହିଛନ୍ତି। ରସେଲ ଦୁଇଥର ଟି-୨୦ ବିଶ୍ୱକପ୍ ଜିତିଥିବା ଦଳର ଅଂଶ ଥିଲେ ରସେଲ ୨୦୧୯ ମସିହାରୁ ଟି-୨୦ ଖେଳାଳି ଏବଂ ୱେଷ୍ଟଇଣ୍ଡିଜ୍ ପାଇଁ ୮୪ଟି ମ୍ୟାଚ୍ ଖେଳିଛନ୍ତି। ଯଦି ରସେଲ ଅବସର ନିଅନ୍ତି, ତେବେ ଟି-୨୦ ବିଶ୍ୱକପ୍ ପୂର୍ବରୁ ୱେଷ୍ଟଇଣ୍ଡିଜ୍ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେବ ଭାରତ ଏବଂ ଶ୍ରୀଲଙ୍କା ଆୟୋଜକ ଭାବରେ ୨୦୨୬ ଫେବୃଆରୀରେ ଟି-୨୦ ବିଶ୍ୱକପ୍ ଅନୁଷ୍ଠିତ ହେବାକୁ ଯାଉଛି।

ଦୁଇ ମାସର ବ୍ୟବଧାନରେ ନିକୋଲାସ୍ ପୁରନ୍ ପରେ ରସେଲ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାରେ ଦ୍ୱିତୀୟ ବଡ଼ ୱେଷ୍ଟଇଣ୍ଡିଜ୍ ଖେଳାଳି ହେବେ। ରସେଲ ୨୦୧୨ ଏବଂ ୨୦୧୬ରେ ଟି-୨୦ ବିଶ୍ୱକପ୍ ଜିତିଥିବା ୱେଷ୍ଟଇଣ୍ଡିଜ୍ ଦଳର ଅଂଶ ଥିଲେ। ସେ କୋଲକାତାରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ତାଙ୍କର ଦ୍ୱିତୀୟ ଓଭରରେ ଆଲେକ୍ସ ହେଲ୍ସଙ୍କୁ ଆଉଟ୍ କରିଥିଲେ ।

# ଅନିଶ୍ଚିତତାରେ ଆଇଏସ୍ଏଲ୍

## ଭାରତୀୟ ଫୁଟ୍‌ବଲ୍‌କୁ ନେଇ ଛେତ୍ରୀ ଚିନ୍ତିତ

ନୂଆଦିଲ୍ଲୀ, ୧୭।୭: ଭାରତବର୍ଷର ଶୀର୍ଷ ମାନ୍ୟତାପ୍ରାପ୍ତ ପେସାଦାର ଫୁଟ୍‌ବଲ୍ ଲିଗ୍ ଆଇଏସ୍ଏଲ୍ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ହୋଇଯାଇଛି ।ସମଗ୍ର ଫୁଟ୍‌ବଲ୍ କ୍ରୀଡ଼ାମଣ୍ଡଳ ଏଥିନେଇ ଚିନ୍ତିତ, ଦୁଃଖିତ ଓ ଭୟଭୀତ ବ୍ୟକ୍ତିଗତ ଭାବେ ମୁଁ ବି ବହୁତ ଡରିଛି ।ଦେଶରେ ଫୁଟ୍‌ବଲ୍‌ର ଭବିଷ୍ୟତ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତା ନେଇ ଦିନକୁ ଶହ ଶହ ଫୋନ୍ କଲ୍ ଓ ମେସେଜ୍ ପାଉଛି। ସମସ୍ତେ ଭାରତୀୟ ଫୁଟ୍‌ବଲ୍‌ର ଭବିଷ୍ୟତ କଣ ବୋଲି ପ୍ରଶ୍ନ କରୁଛନ୍ତି ଭାରତରେ ସଂପ୍ରତି ବିଶ୍ୱର ସବୁଠାରୁ ଲୋକପ୍ରିୟ କ୍ରୀଡ଼ା ଫୁଟ୍‌ବଲ୍‌ର ସାଂପ୍ରତିକ ସ୍ଥିତିକୁ ନେଇ ଘୋର ଚିନ୍ତା ଜାହିର କରି ପୂର୍ବତନ ଅଧିନାୟକ ତଥା ଭାରତ ପକ୍ଷରୁ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ୍ ଦେଇଥିବା ସୁନୀଲ ଛେତ୍ରୀ ଏହା କହିଛନ୍ତି।



ଆଇଏସ୍ଏଲ୍‌ରେ ବେଙ୍ଗାଲୁରୁ ଏଫ୍‌ସିର ପ୍ରତିନିଧିତ୍ୱ କରୁଥିବା ଛେତ୍ରୀ ନିଜ ଏକ୍ସ ପୃଷ୍ଠାରେ ଲେଖିଛନ୍ତି, ଭାରତୀୟ ଫୁଟ୍‌ବଲ୍‌ର ସ୍ଥିତି ଅତ୍ୟନ୍ତ ଦୟନୀୟ ମୋ ପାଖକୁ ଏଥିନେଇ ଖେଳାଳି, ପ୍ରଶିକ୍ଷକ, ଅଧିକାରୀ ଏପରିକି ପଡ଼ିଆ। କର୍ମଚାରୀଙ୍କଠାରୁ ଶହ ଶହ ଫୋନ୍ କଲ୍ ଓ ମେସେଜ୍ ଆସୁଛି ଭାରତୀୟ ଫୁଟ୍‌ବଲ୍ ସହ ସଂପର୍କ ଥିବା ପ୍ରତିଟି ବ୍ୟକ୍ତି ଏବେ ଘୋର ଅବସାଦରେ ଅଛନ୍ତି।

ସୂଚନାଯୋଗ୍ୟ ଯେ ସର୍ବଭାରତୀୟ ଫୁଟବଲ୍ ମହାସଂଘ ଏବଂ ଆଇଏସ୍ଏଲ୍‌ର ଆୟୋଜକଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ମାଷ୍ଟର୍ସ ରାଇଟ୍‌ସ ଏଗ୍ରିମେଣ୍ଟ ବା ଏମ୍ଆର୍ଏ ସ୍ୱାକ୍ଷର ହୋଇ ନଥିବାରୁ ଆଇଏସ୍ଏଲ୍‌ର ୨୦୨୬ ସଂସ୍କରଣକୁ ସ୍ଥଗିତ କରି ଦିଆଯାଇଛି। ଆଇଏସ୍ଏଲ୍ ସାଧାରଣତଃ ସେପ୍ଟେମ୍ବରରୁ ଏପ୍ରିଲ୍ ମଧ୍ୟରେ ଖେଳାଯାଉଥିଲା ବେଳେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ଚୁକ୍ତି ଡିସେମ୍ବର ୮ ତାରିଖରେ ଶେଷ ହୋଇଯାଉଛି। ସେତେବେଳକୁ ଆଇଏସ୍ଏଲ୍ ତାର ତୃତୀୟ ମାସରେ ଥିବ ଆୟୋଜକଙ୍କ ସହ ଚୁକ୍ତିର ନୂଆ ସର୍ତ୍ତକୁ ନେଇ କେଣସି ଆଲୋଚନା ନକରିବାକୁ ଏଆଇଏଫ୍ଏଫ୍‌କୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଏହି କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ଭାବେ ଉଭା ହୋଇଛି।

# ଶାମିଙ୍କ ସାବତ ଝିଅଙ୍କ ଉପରେ ହତ୍ୟା ଉଦ୍ୟମ ମାମଲା ରୁଜୁ



ନୂଆଦିଲ୍ଲୀ, ୧୭।୭: ଅନେକ ସମୟରେ ହସିନ ଜାହାଁଙ୍କ ବିଷୟରେ ଖବର ଆସିଥାଏ ହେଲେ ଏବେ ଭିନ୍ନ କାରଣକୁ ନେଇ ଟିମ ଇଣ୍ଡିଆର ଫାଷ୍ଟ ବୋଲର ମହମ୍ମଦ ଶାମିଙ୍କ ସାବତ ଝିଅ ଅର୍ଶୀ ଜାହାଁ। ଚର୍ଚ୍ଚାରେ କାରଣ ଏବେ ତାଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ହତ୍ୟା ଉଦ୍ୟମ ମାମଲା ପାଇଁ ଖବରରେ ଅଛନ୍ତି ଅର୍ଶୀ ଖାନଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି ମହମ୍ମଦ ଶାମି ହେଉଛନ୍ତି ହସିନ ଜାହାଁଙ୍କ ଦ୍ୱିତୀୟ ସ୍ୱାମୀ ତାଙ୍କ ପ୍ରଥମ ସ୍ୱାମୀଙ୍କ ନାମ ଶେଖ ସୈଫୁଦ୍ଦିନ, ଯାହାଙ୍କୁ ସେ ୨୦୦୨ ମସିହାରେ ବିବାହ କରିଥିଲେ ହସିନ ଜାହାଁଙ୍କ ପ୍ରଥମ ବିବାହରୁ ଦୁଇଟି ଝିଅ ଥିଲେ, ଯାହା ମଧ୍ୟରୁ ଜଣେ ହେଉଛନ୍ତି ଅର୍ଶୀ।

ଅର୍ଶୀଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଥିଲା ଏହି ମାମଲା ହସିନ-ଅର୍ଶୀ ଏବଂ ଜଣେ ପଡ଼ୋଶୀଙ୍କ ମଧ୍ୟରେ ହୋଇଥିବା ଝଗଡ଼ା ସହିତ ଜଡିତ ଏହି ସମ୍ବନ୍ଧୀୟ ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେଉଛି, ଯେଉଁଥିରେ ହସିନ ଜାହାଁଙ୍କୁ ଜଣେ ମହିଳାଙ୍କ ସହିତ ଝଗଡ଼ା କରୁଥିବାର ଦେଖିବାକୁ ମିଳୁଛି ଏହି ମାମଲାରେ ପୋଲିସ ହସିନ ଏବଂ ଅର୍ଶୀଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।ତେବେ ମାମଲା ହାତାହାତି ପର୍ଯ୍ୟନ୍ତ ଯିବା ପଛରେ କାରଣ ହେଉଛି ଜମିର ଅବୈଧ ଦଖଲ ଯେତେବେଳେ ତାଙ୍କ ପଡ଼ୋଶୀମାନେ ଏହାକୁ ବିରୋଧ କରିଥିଲେ ଦୁହେଁ ସେମାନଙ୍କ ସହିତ ଝଗଡ଼ା କରିଥିଲେ ଏହି ମାମଲା କୋର୍ଟରେ ପହଞ୍ଚିଥିଲା।

ଅର୍ଶୀ ହେଉଛନ୍ତି ମହମ୍ମଦ ଶାମିଙ୍କ ସାବତ ଝିଅ କିନ୍ତୁ ୧୦ ବର୍ଷ ବୟସ୍କା ଆୟରା ହେଉଛନ୍ତି ତାଙ୍କ ନିଜ ଝିଅ ଶାମି ଏବଂ ହସିନ ଜାହାଁ ଅଲଗା ହେବା ପରଠାରୁ, ଆୟରା ପ୍ରାୟତଃ ତାଙ୍କ ମାଆ। ହସିନଙ୍କ ସହିତ ରୁହନ୍ତି କୋଲକାତା ହାଇକୋର୍ଟ ଏବେ ଶାମିଙ୍କୁ ହସିନ ଜାହାଁ ଏବଂ ଝିଅ ଆୟରା ଉଭୟଙ୍କୁ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ରୁଟ ପୁଣି ବିଶ୍ୱର ୧ନଂ ଟେଷ୍ଟ ବ୍ୟାଟର୍

ଦୁବାଇ, ୧୭।୭: ପୁଣିଥରେ ବିଶ୍ୱର ୧ନଂ ଟେଷ୍ଟ ବ୍ୟାଟର ବନି ଯାଇଛନ୍ତି ଇଂଲଣ୍ଡର ଷ୍ଟାର ବ୍ୟାଟର ଜୋ ରୁଟ ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନକୁ ପୁଣି ଫେରିଛନ୍ତି। ଏହି ଇଂଲିଶ ଭେଟରାନ କିଛି ସପ୍ତାହ ତଳେ ଇଂଲଣ୍ଡର ଯୁବ ବ୍ୟାଟର ହ୍ୟାରୀ ବ୍ରୁକ ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରୁ ରୁଟଙ୍କୁ ହଟାଇ ଦେଇଥିଲେ। ହେଲେ ତାଙ୍କୁ ୨ଟି ସ୍ଥାନ ତଳକୁ ଠେଲି ରୁଟ ୧ନଂ ସ୍ଥାନ ପୁଣି ଦଖଲ କରିନେଇଛନ୍ତି ନ୍ୟୁଜିଲ୍ୟାଣ୍ଡର କେନ୍ ୱିଲିୟମସନ ୨ନଂରେ ଅଛନ୍ତି।



ଭାରତ ବିପକ୍ଷ ଲର୍ଡସ ଟେଷ୍ଟର ପ୍ରଥମ ଇନିଂସରେ ରୁଟ ୧୦୪ ରନର ଇନିଂସ ଖେଳିଥିଲେ। ଦ୍ୱିତୀୟ ଇନିଂସରେ ଗୁରୁତ୍ୱପୂର୍ଣ୍ଣ ୪୦ ରନ ତାଙ୍କ ବ୍ୟାଟରୁ ବାହାରିଥିଲା ଏହି ଇନିଂସରେ ରୁଟ ୮୮୮ ପଏଣ୍ଟ ସହ ରାଙ୍କିଙ୍ଗର ୧ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି। ସେ ୮୬୨ ପଏଣ୍ଟ ପାଇଥିବା ବ୍ରୁକଙ୍କୁ ତୃତୀୟ ସ୍ଥାନକୁ ଠେଲି ଦେଇଛନ୍ତି। ୩୪ ବର୍ଷୀୟ ରୁଟ ଏବେ ବୟସ୍କ ବ୍ୟାଟର ଭାବେ ଟେଷ୍ଟ ରାଙ୍କିଙ୍ଗର ୧ନଂ ସ୍ଥାନ ଦଖଲ କରିଛନ୍ତି। ୨୦୧୪ରେ ଶ୍ରୀଲଙ୍କାର କୁମାର ସାଙ୍ଗକାରା ୩୭ ବର୍ଷ ବୟସରେ ଟେଷ୍ଟ ରାଙ୍କିଙ୍ଗର ୧ନଂ ସ୍ଥାନ ଦଖଲ କରିଥିଲେ।

ଲର୍ଡସରେ ରୁଟଙ୍କ ଶତକ କେବଳ ମ୍ୟାଚ ବିଜୟୀ ନୁହେଁ, ଏହା ନୂଆ। କୀର୍ତ୍ତିମାନ ମଧ୍ୟ ସୃଷ୍ଟି କରିଛି। ଲର୍ଡସରେ ତାଙ୍କ ବ୍ୟାଟରୁ ଟେଷ୍ଟ କ୍ୟାରିୟରର ୩୭ତମ ଶତକ ବାହାରିଥିଲା। ଏହି ଶତକ ବଳରେ ସେ ରାହୁଲ ଦ୍ରାବିଡଙ୍କ ରେକର୍ଡକୁ ଅତିକ୍ରମ କରିଥିଲେ। ଏବେ ବିଶ୍ୱରେ ଟେଷ୍ଟରେ ସର୍ବାଧିକ ଶତକ ହାସଲ କରିବା ତାଲିକାରେ ୫ମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ ୪ର୍ଥ ସ୍ଥାନକୁ ଉଠିଥିବା ବେଳେ ଭାରତର ଯଶସ୍ୱୀ ଜୈସାଲ ୫ମ ସ୍ଥାନକୁ ଖସି ଯାଇଛନ୍ତି ।ଋଷଭ ପନ୍ତ ଗୋଟିଏ ସ୍ଥାନ ଖସି ୮ମରେ ଓ ଅଧିନାୟକ ଶୁବମନ ଗିଲ ୩ଟି ସ୍ଥାନ ତଳକୁ ଖସି ୯ମରେ ପହଞ୍ଚିଛନ୍ତି।

## ସାହାଣୀ କପ୍ ଫୁଟ୍‌ବଲ

# ସମ୍ବଲପୁର, ବୌଦ୍ଧ, ଝାରସୁଗୁଡ଼ା ଓ ଭଦ୍ରକ ଜିତିଲେ



କଟକ/ବ୍ରହ୍ମପୁର: ଓଡ଼ିଶା ଫୁଟ୍‌ବଲ୍ ସଂଘ (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଫୁଟବଲ୍ ପ୍ରତିଯୋଗିତା ସାହାଣୀ କପ୍ ବୁଧବାରଠୁ ଓଡ଼ିଶାର ୪ଟି ଜୋନ୍‌ରେ ଉଦ୍‌ଘାଟିତ ହୋଇଛି। ବୌଦ୍ଧ ଜୋନ୍‌ରେ ସମ୍ବଲପୁର ୩-୦ ଗୋଲ୍‌ରେ କନ୍ଧମାଳକୁ ଏବଂ ବୌଦ୍ଧ ୧-୦ରେ ନୂଆପଡ଼ାକୁ ପରାସ୍ତ କରିଛି ସେହିପରି କେନ୍ଦ୍ରାପଡ଼ା ଜୋନ୍‌ରେ ଝାରସୁଗୁଡ଼ା ୨-୧ ଗୋଲ୍‌ରେ ଜଗତସିଂହପୁରକୁ ଏବଂ ଭଦ୍ରକ ୨-୦ରେ କେନ୍ଦ୍ରାପଡ଼ାକୁ ହରାଇଛି କେନ୍ଦୁଝର ଜୋନ୍‌ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ୍ ୪-୧ ଗୋଲ୍‌ରେ ଯାଜପୁରକୁ ଏବଂ କେନ୍ଦୁଝର ୧-୦ ଗୋଲ୍‌ରେ ଅନୁଗୁଳକୁ ପରାସ୍ତ କରିଛି। ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର ୩-୦ ଗୋଲ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଥିବା ବେଳେ ଗଞ୍ଜାମ-ଗଜପତି ମ୍ୟାଚ୍‌ଟି ଗୋଲଶୂନ୍ୟ ଅମୀମାଂସିତ ରହିଛି ।

ଫାଓ ପକ୍ଷରୁ ୪ଟି ଜୋନ୍‌ରେ ଭିନ୍ନଭିନ୍ନ ଭାବେ ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଥିଲା କେନ୍ଦୁଝର ଜୋନ୍‌ରେ କେନ୍ଦୁଝର ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ସଂଘ ସଭାପତି ବିଶାଳ ସିଂହ, ସାହାଣୀ କପ୍ ଆବାହକ ଗଣେଶ୍ୱର ମହତ, କେନ୍ଦୁଝର ଏସ୍‌ପି ନୀତିନ୍ କେଶଳ କର, ଡିଏଫ୍‌ଓ ଏଚ୍‌ଡି. ଧନକର, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, ଫାଓ ଉପସଭାପତି ଦିଲୀପ ସାହୁ, ଯୁଗ୍ମସଂପାଦକ ବିଶ୍ୱରଞ୍ଜନ ଘଡ଼େଇ, କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ଜନାର୍ଦ୍ଦନ ଦାସ, ଉପସଭାପତି ସୁରେଶ କୁମାର ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ କମିଟି ଅଧକ୍ଷ ବୀରେନ୍ଦ୍ର କୁମାର ମହାନ୍ତ, କେନ୍ଦ୍ରାପଡ଼ା ଜୋନ୍‌ରେ ଅତିଥି ଭାବେ ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ାର ଅତିରିକ୍ତ ଏସ୍‌ପି ଦେବାଶିଷ ଧଳ, ରାଜକନିକା ତହସିଲଦାର ଭାନୁମତି ମାଝି, ଫାଓ ଉପସଭାପତି ବିଜୟ ଦାସ, ସହଦେବ ରାଉତ, କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ଏସ୍‌ଡି ଆକ୍‌ମଲ ଅଲୀ, କୃଷ୍ଣଚନ୍ଦ୍ର ପଣ୍ଡା, ବ୍ରହ୍ମପୁର ଜୋନ୍‌ରେ ବ୍ରହ୍ମପୁର ଏସ୍‌ପି ସୁବର୍ଣ୍ଣ ବିବେକ, ଫାଓ କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ସଦସ୍ୟ ନବକିଶୋର ମିଶ୍ର, ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ଜେ. କାମେଶ୍ୱର ରାଓ, ସହସଂପାଦକ ଜି. ମନ୍ମଥ ବାବୁ, ବୌଦ୍ଧ ଜୋନ୍‌ରେ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ବୌଦ୍ଧ ଏଡିଏମ୍ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାନ୍ନା, ବ୍ଲକ୍ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ବୌଦ୍ଧ ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ଯୁଗଳ କିଶୋର ସାମଲ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଇଂଲଣ୍ଡର ଦୁଇ ପଏଣ୍ଟ କଟିଲା

ଦୁବାଇ, ୧୭।୭: ଲର୍ଡସରେ ଭାରତକୁ ନାଟକୀୟ ଢଙ୍ଗରେ ୨୨ ରନରେ ହରାଇଥିବା ଇଂଲଣ୍ଡକୁ ବଡ଼ ଝଟକା ଲାଗିଛି ।ବିଜୟ ସତ୍ତ୍ୱେ ଇଂଲଣ୍ଡ ୨ ବିଶ୍ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ବା ପଏଣ୍ଟ ହରାଇଛି ।ଆଇସିସି ପକ୍ଷରୁ ଇଂଲଣ୍ଡର ୨ ବିଶ୍ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ କାଟି ଦିଆଯାଇଛି ।ଇଂଲଣ୍ଡ କେବଳ ୨ ପଏଣ୍ଟ ହରାଇ ନାହିଁ, ବରଂ ଦଳର ପ୍ରତିଟି ଖେଳାଳିଙ୍କ ମ୍ୟାଚ୍ ଫି ମଧ୍ୟ ୧୦% କାଟ କରାଯାଇଛି। ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ଧୀମା ଓଭର ରେଟ୍ ପାଇଁ ଇଂଲଣ୍ଡ ବିରୋଧରେ ଆଇସିସି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ବୁଧବାର ଆଇସିସି ପକ୍ଷରୁ ଜାରି ବିବୃତିରେ ଇଂଲଣ୍ଡ ବିରୋଧରେ କାର୍ଯ୍ୟାନୁଷ୍ଠାନ ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନଙ୍କ ଅନୁମୋଦନକ୍ରମେ ଗ୍ରହଣ କରାଯାଇଥିବା ନିଶ୍ଚିତ କରାଯାଇଛି ।ଧାର୍ଯ୍ୟ ସମୟ ମଧ୍ୟରେ ଇଂଲଣ୍ଡ ୨ ଓଭର କମ ବୋଲିଂ କରିଥିଲା ଏଥିପାଇଁ ଦଳ ବିରୋଧରେ ଆଇସିସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇଂଲଣ୍ଡ ଦଣ୍ଡିତ ହୋଇଥିବାରୁ ବିଶ୍ ଟେଷ୍ଟ ଚାମ୍ପିୟନଶିପ ଟେବୁଲରେ ଇଂଲଣ୍ଡ ପଏଣ୍ଟ ସଂଖ୍ୟା ୨୪ ବଦଳରେ ୨୨କୁ ଖସି ଆସିଛି ।ଦଣ୍ଡବିଧାନ ପୂର୍ବରୁ ଇଂଲଣ୍ଡର ପଏଣ୍ଟ ସଂଖ୍ୟା ୩୬ରୁ ୨୪ ରହିଥିଲା ଏବେ ଏହା ୨୨କୁ ଖସିଛି ।ସେହିପରି ଦଳର ବିଜୟ ପ୍ରତିଶତ ପଏଣ୍ଟ ୬୬.୬୭ରୁ ୬୧.୧୧%କୁ ଖସି ଆସିଛି ।ଲର୍ଡସରେ ଭାରତକୁ ହରାଇବା ପରେ ବିଶ୍ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲର ୨ୟ ସ୍ଥାନରେ ଇଂଲଣ୍ଡ ପହଞ୍ଚି ଯାଇଥିଲା କିନ୍ତୁ ଆଇସିସିର କାର୍ଯ୍ୟାନୁଷ୍ଠାନ ପରେ ଦଳ ତୃତୀୟ ସ୍ଥାନକୁ ଖସି ଯାଇଛି ପୂର୍ବରୁ ତୃତୀୟ ସ୍ଥାନରେ ଥିବା ଶ୍ରୀଲଙ୍କା ୬୬.୬୭ ବିଜୟ ପ୍ରତିଶତ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଉଠିଛି ଭାରତ ପୂର୍ବଭଳି ୪ର୍ଥ ସ୍ଥାନରେ ଓ ଅଷ୍ଟ୍ରେଲିଆ। ୧୦୦% ବିଜୟ ପ୍ରତିଶତ ପଏଣ୍ଟ ସହ ତାଲିକାର ୧ନଂ ସ୍ଥାନରେ ରହିଛି।

ଧୀମା ଓଭର ପାଇଁ ଇଂଲଣ୍ଡର ପ୍ରତିଟି ଖେଳାଳିଙ୍କ ମ୍ୟାଚ୍ ଫି ୧୦% ଲେଖାଏ କଟା ଯାଇଥିବା ବେଳେ ବିଶ୍ ଟେଷ୍ଟ ଚାମ୍ପିୟନଶିପ ତାଲିକାରେ ଇଂଲଣ୍ଡ ୨ ପଏଣ୍ଟ ହରାଇବା ନିଷ୍ପତ୍ତିକୁ ଅଧିନାୟକ ବେନ ଷ୍ଟୋକ୍ସ ଗ୍ରହଣ କରି ନେଇଛନ୍ତି ତେଣୁ ଏହାର ବିଧିବଦ୍ଧ ଶୁଣାଣିର କୌଣସି ଆବଶ୍ୟକତା ନଥିବା ଆଇସିସି କହିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ